


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

♦VOLUME- 43 ♦ISSUE-154 ♦SUNDAY ♦30 NOVEMBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୫୪ ♦ରବିବାର ♦୩୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)

## ୭୨ ବର୍ଷରେ ବିବାହ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



■ କାନବେରା, ୨୯ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି । ଦାୟିତ୍ୱରେ ରହିଥିବା ବେଳେ ବିବାହ କରିବାରେ ସେ ହେଉଛନ୍ତି ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ । ସେ ଆଜି ତାଙ୍କର ୪୬ ବର୍ଷୀୟା ବାନ୍ଧବୀ ଜୋଡି ହେଡନଙ୍କୁ କାନବେରାସ୍ଥିତ ପ୍ରଧାନମନ୍ତ୍ରୀ କର୍ଯ୍ୟାଳୟରେ ବିବାହ କରିଛନ୍ତି । ଜୋଡି ଆର୍ଥ ବିଭାଗରେ କାର୍ଯ୍ୟ କରନ୍ତି । ୨୦୨୪ରେ ଦୁହିଁଙ୍କର ନିର୍ବନ୍ଧ ହୋଇଥିଲା । ଅଲବାନୀଜ ସାମାଜିକ ଗଣମାଧ୍ୟମରେ ଗୋଟିଏ ଶବ୍ଦ 'ମ୍ୟାରେଡ୍' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ବିବାହ ନେଇ ସୂଚିତ କରିଛନ୍ତି । ସୋମବାରରୁ ଶୁକ୍ରବାର ଦୁହେଁ ହନିମୁନରେ ଯିବେ । ସୂଚନାଯୋଗ୍ୟ ଯେ ୨୦୨୦ରେ ଦୁହେଁ ମେଲବୋର୍ଣ୍ଣରେ ଏକ ବ୍ୟବସାୟିକ ନୈଶ୍ୟ ଭୋଜିରେ ପରସ୍ପରକୁ ଭେଟିଥିଲେ । ଆଲବାନିଜ ଓ ହେଡନ ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି । ପୂର୍ବରୁ ଆଲବାନିଜ ୨୦୧୯ରେ ତାଙ୍କ ପୂର୍ବତନ ପତ୍ନୀ କାର୍ମେଲ ଟେବୁଟ୍‌ଙ୍କଠାରୁ ଛାଡ଼ପତ୍ର ନେଇଥିଲେ । ଦୁହେଁ ୧୯ ବର୍ଷ ଏକାଠି ରହିବା ପରେ ଅଲଗା ହୋଇଥିଲେ । ଉଭୟଙ୍କର ଜଣେ ପୁଅ ନାଥନ ଅଛନ୍ତି । ତେବେ ହେଡନଙ୍କ ପ୍ରଥମ ବିବାହ ଓ ବିଚ୍ଛେଦ ସମ୍ପର୍କରେ ଅଧିକ କିଛି ସୂଚନା ଦିଆଯାଇନାହିଁ । ଆଲବାନିଜ ୨୦୨୨ ମେ ୨୩ରେ ୩୧ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଏୟାରବସ୍ 'ଏ-୩୨୦'କୁ ସୌର ବିକିରଣ ଭୟ



**ବିଶ୍ୱବ୍ୟାପୀ ୬ ହଜାର ଉଡ଼ାଣ ବାତିଲ**

■ ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ବିମାନ ନିର୍ମାତା କମ୍ପାନୀ ଏୟାରବସ୍‌ର ବିମାନ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି । ଏହି କମ୍ପାନୀର ଏ୩୨୦ ସିରିଜ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି । ସୌର ବିକିରଣ ଯୋଗୁଁ ଏଭଳି ବିପଦ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱରେ ପ୍ରାୟ ୬ ହଜାର ଏ-୩୨୦ ବିମାନର ଉଡ଼ାଣକୁ ବାତିଲ କରିଦିଆଯାଇଛି । ଗତ ୫୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କମ୍ପାନୀ ଏତେ ବିମାନର ସେବାକୁ ବନ୍ଦ କରିଦେଇଛି । ସଫ୍ଟୱେର ଅପଗ୍ରେଡ କରି ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ବିମାନଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି । ଏହି ସମସ୍ୟା ପାଇଁ ସଫ୍ଟୱେର ଭର୍ସନ ଏଲ୧୦୪ର ଏଲାଭେଟର ଏଲେରନ କମ୍ପ୍ୟୁଟର (ଇଏଲଏସି ବି) ପ୍ରଭାବିତ ହୋଇଛି । ଏହା ଫ୍ଲାଇଟ କଣ୍ଟ୍ରୋଲ ଡାଟା ଖରାପ କରିପାରେ । ବିମାନର ଉଚ୍ଚତା, ଦିଗ ଏବଂ ନିୟନ୍ତ୍ରଣକୁ ନେଇ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ସୂଚନା ଭୁଲ୍ ସାବ୍ୟସ୍ତ ହୋଇପାରେ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏୟାରବସ୍ ଉଡ଼ାଣ ବନ୍ଦ କରିବା ନେଇ ଶୁକ୍ରବାର ଘୋଷଣା କରିଥିଲା । ଏହି ସମୟରେ ୩୫୦ ଏୟାର ଲାଇନ୍ସର ପ୍ରାୟ ୩ ହଜାର ଏ-୩୨୦ ବିମାନ ଆକାଶରେ ଉଡୁଥିଲେ । ଏହି ସମସ୍ୟା ଯୋଗୁଁ ଭାରତ ସମେତ ସାରା ବିଶ୍ୱ ପ୍ରଭାବିତ ହୋଇଛି । ବିମାନ ▶ପୃଷ୍ଠା-୭

# 'ଦିତ୍‌ୱା' ତାଣ୍ଡବ

# ଶ୍ରୀଲଙ୍କାରେ ୧୫୩ ମୃତ

## ତାମିଲନାଡୁରେ ପ୍ରବଳ ବର୍ଷା, ବିମାନ ବାତିଲ

■ ଚେନ୍ନଇ, ୨୯ ।୧୧ (ଏଜେନ୍ସି): ଶ୍ରୀଲଙ୍କାରେ ଧ୍ୱଂସର ତାଣ୍ଡବ ରଚିଛି ଘୂର୍ଣ୍ଣିବାତ୍ୟା 'ଦିତ୍‌ୱା' । ଏହି ବାତ୍ୟା କାରଣରୁ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଫଳରେ ୧୫୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୩୦ଜଣ ନିଖୋଜ ଅଛନ୍ତି । ଏବେ ଏହି ବାତ୍ୟା ଭାରତ ଆଡ଼କୁ ଦ୍ରୁତଗତିରେ ମାଡିଆସୁଛି । ବାତ୍ୟା ପ୍ରଭାବରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ପ୍ରବଳ ବର୍ଷା ସହିତ ଜୋରରେ ପବନ ବହିବା ଆରମ୍ଭ ହୋଇଛି । ଏହା ଆହୁରି ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଉଛି । ତାମିଲନାଡୁରେ ରେଡ ଆଲର୍ଟ ଜାରି କରାଯାଇଛି ।

**ଶ୍ରୀଲଙ୍କାରେ ଫସି ରହିଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ**

ତାମିଲନାଡୁରେ ପ୍ରବଳ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପୁଡୁଚେରୀ ଓ ତାମିଲନାଡୁରେ ସମସ୍ତ ଶିକ୍ଷାନୁଷ୍ଠାନରେ ସୋମବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ବିଭିନ୍ନ ସ୍କୁଲ ଓ କଲେଜରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି । ବାତ୍ୟାର ପ୍ରକୋପ ଭୟଙ୍କର ହେଉଥିବାରୁ ୫୪ଟି ବିମାନର ଉଡାଣକୁ ବାତିଲ କରାଯାଇଛି । ଚେନ୍ନାଇରୁ ବିମାନ ଉଡ଼ାଣ ବାତିଲ ହେବା କାରଣରୁ କଲମ୍ବୋ ବିମାନ ବନ୍ଦରରେ ୩୦୦ ଭାରତୀୟ ଯାତ୍ରୀ ଗତ ତିନି ଦିନ ହେବ ଫସି ରହିଛନ୍ତି । ଏମାନେ ସମସ୍ତେ ଦୁବାଇରୁ କଲମ୍ବୋ ଦେଇ ଭାରତ ଆସିବାର କର୍ଯ୍ୟକ୍ରମ ଥିଲା । ନଭେମ୍ବର ୩୦ ଅର୍ଥାତ ରବିବାର ଏହି ବାତ୍ୟା 'ଦିତ୍‌ୱା' ତାମିଲନାଡୁ ଓ ପୁଡୁଚେରୀର ଉପକୂଳ ଅତିକ୍ରମ କରିବ । ଏହି କାରଣରୁ ରାଜ୍ୟରେ ଆହୁରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତାମିଲନାଡୁ ସମେତ ପୁଡୁଚେରୀ ଓ ଆନ୍ଧ୍ରରେ ବନ୍ୟା ଆସିବା ଆଶଙ୍କା କରାଯାଉଛି ।

ସେହିପରି ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି । ବାତ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳରେ ଥିବା ବିଭିନ୍ନ ସମ୍ବେଦନଶୀଳ ଉପକୂଳବର୍ତ୍ତୀଅଞ୍ଚଳରେ ।।ନେସନାଲଡିଜାଷ୍ଟର



ରେସପନ୍ସ ଫୋର୍ସ (ଏନ୍‌ଡିଆରଏଫ)ର ୧୪ଟି ଟିମ୍‌କୁ ନିୟୋଜିତ କରାଯାଇଛି ।

ଇତିମଧ୍ୟରେ ଶ୍ରୀଲଙ୍କାକୁ ସହାୟତା କରିବାକୁ ଭାରତ 'ଅପରେସନ ସାଗର ବନ୍ଧୁ' ଆରମ୍ଭ କରିଛି । ଭାରତୀୟ ବାୟୁସେନାର ବିମାନ ଆଇଏଲ୍-୭୬ ବିମାନ କଲମ୍ବୋରେ ପହଞ୍ଚିଛି । ଏନ୍‌ଡିଆରଏଫ୍‌ର ୮୦ ଜଣିଆ ଟିମ୍ ସହିତ ବିମାନ ଓ ସମୁଦ୍ର ମାର୍ଗ ଦେଇ ପାଖାପାଖି ୨୭ ଟନ୍ ରିଲିଫ୍ ସାମଗ୍ରୀ ଶ୍ରୀଲଙ୍କାରେ ପହଞ୍ଚିଛି ।

### ଅତିରିକ୍ତ ବଜେଟ୍‌କୁ ନେଇ ନବୀନଙ୍କ ପ୍ରତିକ୍ରିୟା

## ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢୁଛି ଓଡ଼ିଶା



**ବଜେଟରେ ଦୂରଦୃଷ୍ଟି ନାହିଁ; ଓଡ଼ିଶାବାସୀଙ୍କ ଆଶାକୁ ଧୂଳିସାତ୍ କରୁଛି**

**ଅପାରଗତା ଲୁଚାଇବା ପାଇଁ ଅତିରିକ୍ତ ବଜେଟ ଆଣିଛନ୍ତି ସରକାର**

■ ଭୁବନେଶ୍ୱର, ୨୯।୧୧ (ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଦୂରଦୃଷ୍ଟିହୀନ ଏବଂ ଏହା ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ୍ କରିଛି । ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢ଼ାଉଛି ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଉପରେ ପ୍ରତିକ୍ରିୟା ରଖି ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ ଉଲ୍ଲେଖ କରିଛନ୍ତି, ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼ ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ । ପ୍ରଶାସନିକ ବ୍ୟୟ ସଙ୍କୁଚିତ ହେଉଛି । ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟରେ ପୂର୍ତ୍ତ ବିଭାଗର ୯୦୦ କୋଟି ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ । ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ଏହି ଅତିରିକ୍ତ ବଜେଟ୍ ପ୍ରସ୍ତୁତ ହୋଇଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ; ବରଂ ସେମାନଙ୍କୁ ଭ୍ରମିତ କରିବାର ଏହା ଏକ ପ୍ରୟାସ ବୋଲି ନବୀନ କହିଛନ୍ତି ।

## ବିଧାନସଭାରେ ରାସନ କାର୍ଡ ଝଡ଼

### ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ସରକାର: ବିରୋଧୀ

■ ଭୁବନେଶ୍ୱର, ୨୯।୧୧ (ସମିସ): କେୱାଇସି ଅପଡେଟ୍ ଆଳରେ ଲୋକଙ୍କ ରାସନ କାର୍ଡ କଟାଯିବା ନେଇ ବିଧାନସଭାରେ ଆଜି ମୁଲତବୀ ଆଲୋଚନାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଛନ୍ତି । ରାଜ୍ୟ ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ମୁଲତବୀ ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳର ସଦସ୍ୟମାନେ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ, ସେନେଇ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ପୂର୍ବ ସରକାରଙ୍କ ପିଡିଏସ, ଧାନ ସଂଗ୍ରହ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ପ୍ରଶଂସା କରିଥିଲା । ମାତ୍ର ଏବର ବିଜେପି ସରକାର ରାସନ କାର୍ଡ ନାମରେ ଆତଙ୍କ ସୃଷ୍ଟି କରୁଛନ୍ତି । ଗରିବ ଲୋକଙ୍କ ମନରେ କାର୍ଡ କଟିବା ନେଇ ଆତଙ୍କ ଖେଳିଯାଇଛି । ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ସରକାର ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ । ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ । ଅପରପକ୍ଷେ ଶାସକ ଦଳର ବିଧାୟକମାନେ ପାଲଟା ▶ପୃଷ୍ଠା-୭

**ରାସନ କାର୍ଡ ସର୍ଭେ ପାଇଁ ଧାର୍ଯ୍ୟ ମାନଦଣ୍ଡ ଗ୍ରହଣୀୟ ନୁହେଁ: ବିଜେଡି**

**ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ**


### ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

## ସଂସ୍କୃତିକୁ ଆମେ ପଛରେ ଛାଡ଼ି ଦେଇଛୁ: ଜାଭେଦ ଅଖତର୍



**ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନ**

■ ଭୁବନେଶ୍ୱର, ୨୯।୧୧ (ସମିସ): ଭାଷା, ସଂସ୍କୃତି, ପୁରାଣ, କବିତା ଏବଂ କଳା ଆମର ମହାନ ସଂସାଧନ । ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା, ସେତେବେଳେ ଦେଶର ଗୋଟିଏ ଛୁଞ୍ଚି ମଧ୍ୟ ପ୍ରସ୍ତୁତ କରିବାର କ୍ଷମତା ନଥିଲା । କିନ୍ତୁ ବର୍ତ୍ତମାନ ଏହା ବିଶ୍ୱର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଷ୍ଟ୍ର । ଏହି ସଫଳତା ଭିତରେ ଆମେ ଆମର କିଛି ବସ୍ତୁକୁ ବ୍ୟବହାରଯୋଗ୍ୟ ନୁହେଁ ବୋଲି ଭାବି ପ୍ଲାଟଫର୍ମରେ ଛାଡ଼ି ଦେଇ ଆସିଛୁ । ଆମେ ଭାବିବା ଆରମ୍ଭ କରିଦେଇଛୁ ଯେ ଆମେ ଆମ ସହ ସବୁ କିଛି ସାଙ୍ଗରେ ନେଇ ଚାଲିପାରିବୁ ନାହିଁ । ଏହା ମଧ୍ୟରୁ ଆମ ସଂସ୍କୃତି ▶ପୃଷ୍ଠା-୭




### ସମ୍ବଲପୁରରେ ଆରମ୍ଭରୁ ଧାନକିଣା ବିଭ୍ରାଟ

## ମାର୍କେଟ୍ ୟାର୍ଡରୁ ଗଲା; ମିଲ୍ ଆଗରେ ଅଟକିଲା

**ମିଲ୍ ସମ୍ମୁଖରେ ଧାରଣା ଦେଲେ ଚାଷୀ**

**ଉତ୍ତେଜନା ପରେ ରାତିରେ ଉଠିଲା ଧାନ**

**ସୋମବାରଠାରୁ ଧାନ ଉଠାଇବା ସମ୍ପୂର୍ଣ୍ଣ ବନ୍ଦ: ମିଲର୍ ସଂଘ**

**ଅସହାୟ ପ୍ରଶାସନ, ସରକାର ବିଫଳ**

■ ସମ୍ବଲପୁର, ୨୯।୧୧ (ସମିସ): ସରକାର-ମିଲର୍ ବିବାଦରେ ପେଷି ହେଉଛି ଚାଷୀ । ସମ୍ବଲପୁର ଜିଲ୍ଲା ବରେଇପାଲିରେ ଆଜି ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି । ମାର୍କେଟ୍ ୟାର୍ଡରୁ ଧାନ ଗାଡ଼ି ଯାଇଥିଲେ ହେଁ ମିଲର୍ ଧାନ ନେବାକୁ ଅମଙ୍ଗ ହେବାରୁ ଶହଶହ ବସ୍ତା ମିଲ୍ ଆଗରେ ପଡ଼ି ରହିବା ଭଳି ଅବସ୍ଥା ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ମିଲ୍ ଆଗରେ ଚାଷୀମାନେ ଧାରଣା ଦେବାରୁ ମିଲର୍ ଧାନ ଉଠାଇଛି । କିନ୍ତୁ ସୋମବାରଠାରୁ ଆଉ ଧାନ ନେବନି ବୋଲି ରୋକଠୋକ୍ ମନା କରିଦେଇଛି । ଏପରିକି, ସରକାରଙ୍କ ସହ ଲାଗି ରହିଥିବା ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ମିଲର୍‌ମାନେ କେଜିଏ ଧାନ ବି ଉଠାଇବେନି ବୋଲି ରାଜ୍ୟ ମିଲ୍



ମାଲିକ ସଂଘ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛି । ସେପଟେ, ମିଲର୍‌ଙ୍କ ଏହି ଚେତାବନୀ ପରେ କୃଷକ ସଂଗଠନ ମଧ୍ୟ ମୁହଁ ଖୋଲିଛି । ସୋମବାରଠାରୁ ଧାନକିଣା ସ୍ୱାଭାବିକ ନହେଲେ, ସିନ୍ଦୂରପଙ୍କ ସମେତ ଅନ୍ୟ ସ୍ଥାନମାନଙ୍କରେ ରାସ୍ତାରୋକ କରିବ ବୋଲି ଚେତାବନୀ ଦେଇଛି । ▶ପୃଷ୍ଠା-୭

## ୬୮୦୧ ପଞ୍ଚାୟତରେ ପିଅନ ନିଯୁକ୍ତ ହେବେ

■ ଭୁବନେଶ୍ୱର, ୨୯ ।୧୧ (ସମିସ): ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ । ସରକାରୀ ଯୋଜନାର ସଫଳ ରୂପାୟନ କରିବାପାଇଁ ସରକାର ଏହି ନୂତନ ପଦ ସୃଷ୍ଟି କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିବାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ପଞ୍ଚାୟତ ସ୍ତରରେ ସେମାନେ କାର୍ଯ୍ୟ କରିବେ । ମାସକୁ ୧୩,୧୬୦ ଟଙ୍କା ଲେଖାଏଁ ଦରମା ପ୍ରଦାନ କରାଯିବ । ସେମାନଙ୍କ ପ୍ରଦର୍ଶନକୁ ଭିତ୍ତି କରି ଦରମା କମ୍ ବା ବେଶି କରାଯାଇପାରେ । ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୬୮୦୧ଟି ପଞ୍ଚାୟତ ଥିବାବେଳେ ନୂତନ ନିଯୁକ୍ତି ପାଇଁ ସମାନ ସଂଖ୍ୟକ ପଦ ସୃଷ୍ଟି ହେବ ।

## ପହିଲାରୁ ସଂସଦ, ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୯।୧୧: ଆସନ୍ତା ଡିସେମ୍ବର ପହିଲା ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର। ଆସନ୍ତାକାଲି ସବୁ ଦଳର ସଂସଦୀୟ ଦଳର ନେତାମାନଙ୍କ ବୈଠକ ହେବ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବୈଠକରେ ଉପସ୍ଥିତ ରହିବେ। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ କାର୍ଯ୍ୟ ପରିଚାଳନାରେ ସରକାରଙ୍କୁ ସହଯୋଗ କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଉପରେ ଆଲୋଚନା କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍ ଏବଂ ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ସଂସଦରେ ଅଚଳାବସ୍ଥା ସୃଷ୍ଟି କରିପାରନ୍ତି ବୋଲି କୁହାଯାଉଛି। ସରକାର 'ବନ୍ଦେ ମାତରମ' ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଯୋଜନା କରିଛନ୍ତି ଏବଂ ଏହାକୁ ନେଇ ପରିସ୍ଥିତି ସରଗରମ ରହିବ ବୋଲି ସୂଚନା ମିଳିଛି। ସୂଚନାରଯୋଗ୍ୟ ଯେ ସରକାର ସଂସଦର ଏହି ଶୀତକାଳୀନ ଅଧିବେଶନକୁ ସଂକ୍ଷିପ୍ତ ସମୟ ପାଇଁ ଡାକିଥିବାରୁ ବିରୋଧୀ ଦଳ ଏହାର ସମାଲୋଚନା କରିଛନ୍ତି।

## ପଶ୍ଚିମବଙ୍ଗ: ବିରୋଧ ପରେ ୱାକଫ୍ ଆଇନ ଲାଗୁ

କୋଲକାତା, ୨୯।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ୮ ମାସ ଧରି ବିରୋଧ କରିବା ପରେ ଶେଷରେ ୱାକଫ୍ ସଂଶୋଧାନ ଆଇନ ଲାଗୁ କରିବାକୁ ରାଜି ହୋଇଛନ୍ତି। ରାଜ୍ୟର ୮୦୬୩ ୱାକଫ ସମ୍ପତ୍ତିର ସୂଚନା ୨୦୨୫ ଡିସେମ୍ବର ସୁଦ୍ଧା କେନ୍ଦ୍ର ସରକାରଙ୍କ ୟୁଏମ୍ଆଇଡି ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବାକୁ ରାଜ୍ୟ ସରକାର ସବୁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୱାକଫ ସଂଶୋଧନ ଆଇନ୍ ଚଳିତବର୍ଷ ଏପ୍ରିଲ ୪ରେ ସଂସଦର ଦୁଇଟି ଗୃହରେ ପାରିତ ହୋଇଥିଲା। ସେତେବେଳେ ଏହି ଆଇନ୍‌କୁ ଲାଗୁ କରିବି ନାହିଁ ବୋଲି ପଶ୍ଚିମବଙ୍ଗ ସରକାର କହିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏପ୍ରିଲ ୮ରେ ଏକ ରାଲିରେ କହିଥିଲେ ଯେ, ଯେପର୍ଯ୍ୟନ୍ତ ମମତା ଦିଦି ଅଛି, ସେପର୍ଯ୍ୟନ୍ତ ରାଜ୍ୟରେ ମୁସ୍‌ଲିମ ସମ୍ପ୍ରଦାୟର ସମ୍ପତ୍ତିକୁ ରକ୍ଷା କରିବ। ଏଥିପାଇଁ ଆବଶ୍ୟକ ହେଲେ ଗୁଳି ଖାଇବାକୁ ପ୍ରସ୍ତୁତ ଅଛି। ଏକତାରୁ ମୋତେ ଅଲଗା କରାଯାଇପାରିବ ନାହିଁ। ପଶ୍ଚିମବଙ୍ଗରେ ଧର୍ମ ନାମରେ ଭାଗବଣ୍ଟା ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ଆଇନ୍ ନେଇ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହି ଆଇନ୍ ଲାଗୁ ହେବା ନେଇ କୌଣସି ରୋକ ଲଗାଇ ନାହାନ୍ତି। ଫଳରେ ମମତା ଶେଷରେ ଏହି ନିୟମ ଲାଗୁ କରିବାକୁ ରାଜି ହେବାକୁ ବାଧ ହୋଇଛନ୍ତି ବୋଲି କୁହାଯାଇଛି।

## ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଚିନ୍ତା ପ୍ରକଟ କଲା ଜାତିସଂଘ

ନ୍ୟୁୟର୍କ, ୨୯।୧୧(ଏଜେନ୍ସି): ପାକିସ୍ତାନରେ ହୋଇଥିବା ସମ୍ବିଧାନ ସଂଶୋଧନ ଓ ସେନାଧ୍ୟକ୍ଷ ଆସିମ ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଜାତିସଂଘ ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ପାକିସ୍ତାନରେ ହୋଇଥିବା ୨୭ତମ ସମ୍ବିଧାନ ସଂଶୋଧନ ନ୍ୟାପାଳିକା ତଥା କୋର୍ଟଙ୍କ କ୍ଷମତାକୁ ସଙ୍କୁଚିତ ଓ ଦୁର୍ବଳ କରିବ ବୋଲି ଜାତିସଂଘ ମାନିବକ ଅଧିକାର ଏଜେନ୍ସି (ୟୁଏନ୍‌ଏଚ୍‌ଆର) ହାଇ କମିଶନର ଭୋଲକର ଟର୍କ ସତର୍କ କରାଇଛନ୍ତି। ଏହି ସମ୍ବିଧାନିକ ପରିବର୍ତ୍ତନ ଅତ୍ୟାବଶକୀୟ ଆଇନ୍ ଓ ନିୟମକୁ ଆହୁରି ଦୁର୍ବଳ କରିବ। ଫଳରେ ପାକିସ୍ତାନରେ ଆଇନ ବ୍ୟବସ୍ଥା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ନଭେମ୍ବର ୧୨ରେ ସେନାର ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟର କ୍ଷମତା କମ୍ କରିବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ସଂସଦରେ ଅନୁମୋଦନ କରାଯାଇଥିଲା। ଏହିକ୍ରମରେ ସମ୍ବିଧାନର ୪୮ତମ ଅନୁଚ୍ଛେଦରେ ପରିବର୍ତ୍ତନ କରାଯାଇଥିଲା। ଏହା ଦ୍ୱାରା କୋର୍ଟ ଓ ଆଇନ୍ ବ୍ୟବସ୍ଥା ଉପରେ ରାଜନୀତିର ପ୍ରଭାବ ବୃଦ୍ଧିପାଇବ। ସମ୍ବିଧାନ ସଂଶୋଧନ ନେଇ ପୁଣି ଥରେ ବିଚାର କରିବାକୁ ଟର୍କ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୨୭ରେ ମୁନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ବହନ କରିଥିଲେ। ଏବେ ତାଙ୍କ ହାତରେ ପରମାଣୁ ଅସ୍ତ୍ର ରହିଛି।

## ତେଜସ୍ୱୀ ବିହାର ବିଧାନସଭା ବିରୋଧୀ ନେତା

ପାଟନା, ୨୯।୧୧(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ବିଧାୟକ ତେଜସ୍ୱୀ ଯାଦବ ବିହାର ବିଧାନସଭାରେ ବିରୋଧୀ ମେଣ୍ଟର ନେତା ନିର୍ବାଚିତ ହୋଇଛନ୍ତି। ଆରଜେଡି ଓ ମହାମେଣ୍ଟ ବିଧାୟକ ଦଳ ବୈଠକରେ ଏ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆରଜେଡି, କଂଗ୍ରେସ ଓ ବାମଦଳଗୁଡିକର ବିଧାୟକମାନେ ତେଜସ୍ୱୀଙ୍କ ନାମକୁ ଅନୁମୋଦନ କରିଥିଲେ। ଗୃହରେ ସଭ୍ୟ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଜନ କଲ୍ୟାଣ ଦୃଷ୍ଟିକୁ ଦୃଷ୍ଟିରେ ରଖି ଏକାଠି ହୋଇ ମେଣ୍ଟ ଦୃଢ଼ତାର ସହ ସ୍ୱର ଉତ୍ତୋଳନ କରିବ ବୋଲି ସମସ୍ତେ ଏକ ସ୍ୱରରେ ବୈଠକରେ କହିଥିଲେ। ଡିସେମ୍ବର ୧ରେ ବିଧାନସଭାବର ଅଧିବେଶନ ଆରମ୍ଭ ହେବ। ଏହାପୂର୍ବରୁ ତେଜସ୍ୱୀ ଯାଦବଙ୍କ ବାସଭବନରେ ମହାମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବାକୁ ତେଜସ୍ୱୀ ଶନିବାର ଦିଲ୍ଲୀରୁ ପାଟନା ପହଞ୍ଚିଥିଲେ। ବିଧାନ ସଭାବେ ଶାସକ ଏନ୍‌ଡିଏର ୨୦୨ ବିଧାୟକ ଥିବା ବେଳେ ବିରୋଧୀ ମେଣ୍ଟର ୩୫ ଜଣ ବିଧାୟକ ରହିଛନ୍ତି। ଏଥିରେ ଆରଜେଡିର ୨୫, କଂଗ୍ରେସର ୬ ଓ ବାମ ଦଳର ୪ ଜଣ ବିଧାୟକ ସାମିଲ ରହିଛନ୍ତି।

## ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବ ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ, ୨୯ ।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ସରକାର ୨୦୫୦ ପର୍ଯ୍ୟନ୍ତ ଦେଶର ପାଖାପାଖି ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ଦୁର୍ବଳ ଜୀବ- ଜନ୍ତୁ ଓ ପକ୍ଷୀଙ୍କୁ ବଞ୍ଚାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ବିଲେଇମାନେ ପୋଷା ବିଲେଇମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏମାନେ ଶିକାର କରି ବଞ୍ଚି ରହିଥାନ୍ତି। ଏହି ବିଲେଇଗୁଡିକ ନ୍ୟୁଜିଲାଣ୍ଡର ଜଙ୍ଗଲ ଓ ଦୂର ଦୂରାନ୍ତ ସ୍ଥାନରେ ରହିଥାନ୍ତି। ଏମାନଙ୍କ ସଂଖ୍ୟା ଏବେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ପୋଟାକା କହିଛନ୍ତି। ଏହି ବିଲେଇଗୁଡିକର ଲମ୍ବ ଏମାନଙ୍କର ଶିକାର କରୁଛନ୍ତି। ଏହି ଜଙ୍ଗଲୀ ବିଲେଇଗୁଡିକ ବେଶ୍ ଘାତକ ବୋଲି ନ୍ୟୁଜିଲାଣ୍ଡ ସଂରକ୍ଷଣ ମନ୍ତ୍ରୀ ତାମା ପୋଟାକା କହିଛନ୍ତି। ଏହି ବିଲେଇଗୁଡିକୁ ଏବେ 'ପ୍ରିଡେଟର ଫ୍ରି ୨୦୫୦' ପ୍ରୋଗାମ୍‌ରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୧୬ରେ ପକ୍ଷୀ, ବାଦୁଡ଼ି, ଝିଟିପିଟି ଓ କିଡାଙ୍କୁ ପ୍ରତି ବିପଦ ସୃଷ୍ଟିକରୁଥିବା ଆକ୍ରମଣାତ୍ମକ ପ୍ରଜାତିକୁ ଶେଷ କରିବା ପାଇଁ ଆରମ୍ଭ କରାଯାଇଛି। ଏହି ଜଙ୍ଗଲୀ ବିଲେଇ ୧ ମିଟର ହୋଇଥିବା ବେଳେ ଓଜର ୭ କେଜି। ଏହି ବିଲେଇମାନଙ୍କ ଯୋଗୁଁ ବହୁ ଜୀବଜନ୍ତୁଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଛି। ଷ୍ଟିୱାର୍ଟ ଦୀପରେ ରହୁଥିବା ଦକ୍ଷିଣୀ ଡୋଟେରେଲ ପକ୍ଷୀ ଏବେ ବିଲୁପ୍ତ ହେବାକୁ ବସିଲେଣି ବୋଲି ସେ କହିଛନ୍ତି। ପୁଣି ଏହି ବିଲେଇଙ୍କ କାରଣରୁ ଟୋକ୍ସୋପ୍ଲାସମୋସିସ୍ ଭଳି ରୋଗ ବ୍ୟାପୁଛି ଓ ଏହି କାରଣରୁ ଡଲଫିନ୍, ମଣିଷ ଓ ଅନ୍ୟ ଜୀବଜନ୍ତୁ ବିପଦରେ ପଡୁଛନ୍ତି।

## ଶାହିନ୍ ଫ୍ଲାଟ୍‌ରୁ ମିଳିଲା ୧୮.୫୦ ଲକ୍ଷ ଟଙ୍କା



ଫରିଦାବାଦ୍, ୨୯ ।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବୋମା ବିସ୍ଫୋରଣର ଯାଞ୍ଚ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) କରୁଛି। ଏହି ମାମଲାରେ ଆତଙ୍କବାଦ ମଡ୍ୟୁଲ୍‌ରେ ସାମିଲ ଥିବା ମହିଳା ଡାକ୍ତର ଶାହିନ ସହିଦର ଫରିଦାବାଦ୍‌ସ୍ଥିତ ଅଲ- ଫଲାହ ବିଶ୍ୱବିଦ୍ୟାଳୟର ଫ୍ଲାଟ୍‌ରୁ ୧୮.୫୦ ଲକ୍ଷ ଟଙ୍କା ସହ ସୁନାର ବିସ୍କୁଟ ଓ ଗହଣା ମିଳିଛି। ତାଙ୍କ ଆଲମାରୀରୁ ଆରବ ଦେଶରେ ମୁଦ୍ରା ମଧ୍ୟ ମିଳିଛି। ଗୁରୁବାର ରାତିରେ ଏନ୍‌ଆଇଏ ଶାହିନଙ୍କୁ ନେଇ ଅଲ-ଫଲହା ବିଶ୍ୱବିଦ୍ୟାଳୟ ପହଞ୍ଚିଥିଲା। ଟିମ ସେଠାରେ ଶାହିନର ଗତିବିଧିକୁ ନେଇ ଯାଞ୍ଚ କରିଥିଲେ। ବିଶ୍ୱବିଦ୍ୟାଳୟ ଭିତରେ ଶାହିନର ଫ୍ଲାଟ୍ ନଂ ୨୨ ଥିଲା ବୋଲି ଏନ୍‌ଆଇଏ ଜାଣିବାକୁ ପାଇଛି। ଏହି ଫ୍ଲାଟ୍‌ରେ ବହୁ ସମୟ ଧରି ରହୁଥିଲା। ଫ୍ଲାଟ୍‌ର ଆଲମାରୀ ଖୋଲିବା ପରେ ଭିତରେ ଏକ ସିକ୍ରେଟ ଲକର ମିଳିଥିଲା। ତାଙ୍କୁ ଖୋଲାଯାଇଥିଲା ଓ ସେଥିରେ ଏକ ପକେଟ ରଖାଯାଇଥିଲା ଓ ଏଥିରେ ୫୦୦ ଟଙ୍କିଆ ନୋଟ ଥିଲା। ଗଣିବା ପରେ ଏହା ୧୮.୫୦ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଥିଲା। ଅଲମାରୀର ଦ୍ୱିତୀୟ ଲକରରୁ ସୁନାର ଦୁଇଟି ବିସ୍କୁଟ ଓ ୩୦୦ ଗ୍ରାମର ସୁନା ଗହଣା ମିଳିଥିଲା। ଏହି ଆଲମାରୀରେ ଆରବ ଦେଶର ମୁଦ୍ରା ମଧ୍ୟ ମିଳିଥିଲା। ଏଥିସହ ବିଶ୍ୱବିଦ୍ୟାଳୟର ଆଡମିଶନ ବ୍ଲକରୁ ଶାହିନର କିଛି କାଗଜପତ୍ରକୁ ମଧ୍ୟ ଏଜେନ୍ସି ଜବତ କରିଥିଲା। ଏଜେନ୍ସି ଶାହିନକୁ କେବିନ ଓ କ୍ଲାସରୁମ ନେଇ ପହଞ୍ଚିଥିଲା। ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସଲରଙ୍କ ନିକଟକୁ ମଧ୍ୟ ତାଙ୍କୁ ନିଆଯାଇଥିଲା। ଉଲ୍ଲେଖଥାଉ କି, ଲାଲକିଲ୍ଲା ବିସ୍ଫୋରଣରେ ଶାହିନ ସମେତ ୭ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର ସାମିଲ ରହିଛନ୍ତି।

# ତୁଟୁନି କର୍ଣ୍ଣାଟକ ଅଡୁଆ



ବେଙ୍ଗାଲୁରୁ, ୨୯।୧୧ (ଏଜେନ୍ସି): କର୍ଣ୍ଣାଟକରେ କଂଗ୍ରେସ ସରକାରକୁ ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଆରମ୍ଭ ହୋଇଥିବା କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ଚୌକିକୁ ନେଇ ଲାଗିଥିବା ଏହି ଟଣା ଓଟରା ଖୋଲାଖୋଲି ଭାବେ ସାମ୍ନାକୁ ଆସି ଯାଇଛି। ଜଣେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବାବେଳେ ଆଉ ଜଣେ ଚୌକି ନ ଛାଡ଼ିବାକୁ ଅଡ଼ି ବସିଛନ୍ତି। ଏହି ବିବାଦ ସାଇବର ସହରରୁ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ପଦବୀ ବିବାଦ ଏତେ ବଢ଼ି ଯାଇଥିଲା ଯେ କଂଗ୍ରେସ ହାଇକମାଣ୍ଡଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଉଭୟ ଗୋଷ୍ଠୀର କର୍ମୀ ନିଜ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରିନ୍ତି। ଅଢ଼େଇ ବର୍ଷ ପୂରଣ ହୋଇଥିବାରୁ ଗାଦି ଛାଡ଼ ବୋଲି ଡିକେଙ୍କ ସମର୍ଥକ ଦାବି କରିଛନ୍ତି। କିନ୍ତୁ ଏଭଳି କୌଣସି ଚୁକ୍ତି ହୋଇ ନ ଥିବା ସିଦ୍ଧରମେୟା ଗୋଷ୍ଠୀ ମତ ଦେଉଛନ୍ତି। ତେବେ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମେୟା ନିଜ ସହଯୋଗୀ ତଥା କଂଗ୍ରେସ ଅଧ୍ୟକ୍ଷ ଡିକେ ଶିବକୁମାରଙ୍କୁ ଜଳଖିଆ ପାଇଁ ଡକାଇଛନ୍ତି। ଆଉ ଏହାକୁ ରକ୍ଷା କରି ଶନିବାର ସକାଳ ୧୦ଟା ୧୫ରେ ଡିକେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଭେଟଘାଟକୁ କଂଗ୍ରେସରେ ଚାଲିଥିବା କ୍ଷମତା କଳିର ସମାଧାନ ଭାବେ ଦେଖାଯାଉଛି। ଉଭୟ ନେତା ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଜଳଖିଆ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହା ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ।

- ଏକାଠି ଜଳଖିଆ କଲେ ସିଦ୍ଧରମେୟା-ଶିବକୁମାର
- ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ମତଭେଦ ନ ଥିବା କହିଲେ

ସିଦ୍ଧରମେୟା କହିଥିଲେ ଯେ ଆମ ଭିତରେ କୌଣସି ମତଭେଦ ନାହିଁ ଏବଂ ଭବିଷ୍ୟତରେ ମଧ୍ୟ ହେବ ନାହିଁ। ଉଭୟେ ଏକାଠି କାମ କରିବୁ। ବିଜେପି ଏବଂ ଜେଡିଏସ ମିଥ୍ୟା ଅଭିଯୋଗ ଲଗାଇଥିବା କହିଥିଲେ। ଉଭୟ ଦଳ କଂଗ୍ରେସ ସାମ୍ନାରେ ତିଷ୍ଠି ପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଡିକେ କହିଥିଲେ ଯେ ଜନତାଙ୍କ ସମର୍ଥନରେ ସରକାର ଗଢିଛୁ। ଯାହା ପ୍ରତିଶ୍ରୁତି ଦେଇଛୁ ତାହା କରିବା ପାଇଁ କାମ କରୁଛୁ। ହାଇକମାଣ୍ଡ ଯାହା କହିବେ ଆମେ ତାହା ପାଳନ କରିବୁ। କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ମୁଁ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି। କର୍ଣ୍ଣାଟକରେ ବିକାଶକୁ ପ୍ରାଧାନ୍ୟ ଦେବୁ। ପୁଣି ଥରେ ୨୦୨୮ରେ ସରକାର ଗଠନ କରିବୁ।

ସୂଚନା ଅନୁଯାୟୀ ଏହି ବୈଠକରେ ୨୦୨୮ ରୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଡିକେଙ୍କୁ ଶିବକୁମାର କହିଥିଲେ। ଆଉ କିଛି ରିପୋର୍ଟରେ ମୁଖ୍ୟମନ୍ତ୍ରୀ ବଦଳାଇବା ମାମଲାକୁ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି। ଏହା ପରେ ଶିବକୁମାର ସରକାରର ମୁଖ୍ୟ ହୋଇପାରନ୍ତି। ସହଜରେ କ୍ଷମତା ପରିବର୍ତ୍ତନ ପାଇଁ ଶିବକୁମାରଙ୍କୁ ଶାନ୍ତ ରହି ନିଜ କାମ କରିବାକୁ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

## ବାଇଡେନଙ୍କ ୯୨% ନିର୍ଦ୍ଦେଶ ରଦ୍ଦ କଲେ ଟ୍ରମ୍ପ

ୱାଶିଂଟନ, ୨୯।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ଚକିତ କଲା ଭଳି ପଦକ୍ଷେପ ନେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଜାରି କରାଯାଇଥିବା ୯୨ ପ୍ରତିଶତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଟ୍ରମ୍ପ ରଦ୍ଦ କରିଦେଇଛନ୍ତି। ସେ ନିଜ ସାମାଜିକ ଗଣମାଧ୍ୟମ ସାଇଟ୍ 'ଟ୍ରୁଥ୍ ସୋସିଆଲ'ରେ ଏହାର ସୂଚନା ଦେଇଛନ୍ତି। ଟ୍ରମ୍ପ ଏହି ନିର୍ଦ୍ଦେଶକୁ ନେଇ ବଡ଼ ଦାବି ମଧ୍ୟ କରିଛନ୍ତି। ସେ କହିଛନ୍ତି ଯେ ଏହି ସବୁ ନିର୍ଦ୍ଦେଶରେ ଅଟୋପେନ୍ ତଥା ମେସିନରେ ଦସ୍ତଖତ କରଯାଇଥିଲା। ଆମେରିକା ରାଷ୍ଟ୍ରପତି ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ଏହା ବୈଧ ହୋଇଥାଏ। ବାଇଡେନଙ୍କ ମଞ୍ଜୁରି ନ ନେଇ ଏପରି କରାଯାଇଥିବାରୁ ତାହାକୁ ରଦ୍ଦ କରିଦିଆଯାଇଛି। କାରଣ ସେ ଅଟୋପେନ ପ୍ରକ୍ରିୟାରେ ସାମିଲ ନ ଥିଲେ। ଏହି ସବୁ ନିର୍ଦ୍ଦେଶକୁ ଆଉ କେବେ ବି କାର୍ଯ୍ୟକାରୀ କରାଯିବ ନାହିଁ।

- ମେସିନରେ ଦସ୍ତଖତ ହୋଇଥିବା ଦାବି
- ପୂର୍ବତନ ରାଷ୍ଟ୍ରପତିଙ୍କୁ ମଞ୍ଜୁର ନ ଥିବାରୁ ବେଆଇନ

ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏଥିରେ ସ୍ୱାସ୍ଥ୍ୟ ପରିବେଶ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧିତ ନିୟମ ସାମିଲ ରହିଛି। ବାଇଡେନଙ୍କୁ



ଟ୍ରମ୍ପ ନିଦ୍ରାଳୁ ଜୋ ଏବଂ ଚାଲାକ ଜୋ କହି ଧମକ ଦେଇଛନ୍ତି। ଯଦି ବାଇଡେନ ଏହି ନିର୍ଦ୍ଦେଶରେ ନିଜ ସହମତି ଥିବା ଦାବି କରନ୍ତି ତେବେ ତାଙ୍କ ବିରୋଧରେ ମିଥ୍ୟା ବୟାନ ଦେଇଥିବାରୁ ଅଭିଯୋଗ ଲଗାଯିବ ବୋଲି କହିଛନ୍ତି। ହ୍ୱାଇଟ ହାଉସ ନିକଟରେ ନ୍ୟାସନାଲ ଗାର୍ଡଙ୍କ ଉପରେ ଆକ୍ରମଣ ହେବା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି।

ବାଇଡେନ ଚାରି ବର୍ଷ (୨୦୨୧-୨୫) ମଧ୍ୟରେ ମୋଟ ୧୬୨ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲେ। ଏହା ସହିତ ଅନେକ ମେମୋରାଣ୍ଡମ ଏବଂ ନୋଟିସରେ ମଧ୍ୟ ସ୍ୱାକ୍ଷର କରିଥିଲେ। ଗତ ଜାନୁଆରୀରେ ଟ୍ରମ୍ପ ପଦ ସମ୍ଭାଳିବା ପରଠାରୁ ବାଇଡେନ ଯୁଗର ୮୦ ନିର୍ଦ୍ଦେଶକୁ ରଦ୍ଦ କରି ସାରିଲେଣି। କିନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବେ ବି କାର୍ଯ୍ୟକାରୀ ହେଉଛି। ଏବେ ଏହା ମଧ୍ୟରୁ କିଛି ରଦ୍ଦ ହୋଇପାରେ। ଟ୍ରମ୍ପଙ୍କ ଏଭଳି ମନମୁଖୀ ନୀତି ଯୋଗୁଁ ସ୍ୱାସ୍ଥ୍ୟ, ପରିବେଶ, ସଂଖ୍ୟାଲଘୁ, ଏଆଇର ବିକାଶ ଏବଂ ଉପଯୋଗ ସମ୍ବନ୍ଧିତ ଆଇନ ଉପରେ ପ୍ରଭାବ ପଡ଼ିପାରେ। ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁ ନିର୍ଦ୍ଦେଶର ବୈଧତାର ପ୍ରମାଣ ଦେବା ସମ୍ଭବ ହୋଇ ନ ପାରେ। ମାତ୍ର ବାଇଡେନଙ୍କ ଏହି ସ୍ୱାକ୍ଷରର କିଏ ଯାଞ୍ଚ କରିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକାର ନିୟମ ଅନୁଯାୟୀ, କୌଣସି ରାଷ୍ଟ୍ରପତି ନିଜ ପୂର୍ବତନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସଂଶୋଧନ, ରଦ୍ଦ ଏବଂ ପାଳନ କରିବାକୁ ମନା କରିଦେଇପାରିବେ। ତେବେ ଏହାର କିଛି ସୀମା ରହିଛି।

## ରୁଷିଆର ଦୁଇ ତୈଳ ଟ୍ୟାଙ୍କରରେ ବିସ୍ଫୋରଣ

ମସ୍କୋ, ୨୯ ।୧୧(ଏଜେନ୍ସି): କୃଷ୍ଣ ସାଗରରେ ରୁଷିଆର ଦୁଇଟି ତୈଳ ଟ୍ୟାଙ୍କର କାଇରୋସ ଓ ବିରାଟରେ ଭୟଙ୍କର ବିସ୍ଫୋରଣ ହୋଇଛି। ଦୁଇଟି ଜାହଜର କ୍ରୁ ମେମ୍ବରଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଛି। ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି କ୍ରୁ ମେମ୍ବରମାନେ କହିଛନ୍ତି। ୟୁକ୍ରେନ ଏହି ଆକ୍ରମଣ କରିଛି ବୋଲି



କହିଛି। ପାଣି ଭିତରେ ଚାଲୁଥିବା ୟୁକ୍ରେନର ଡ୍ରୋନ ଦ୍ୱାରା ଏହି ବିସ୍ଫୋରଣ ହୋଇଛି। ଏହି ଅପରେସନ ଏସ୍‌ବିୟୁ ଓ ନୌସେନା ସାଥି ହୋଇ କରିଛନ୍ତି ବୋଲି ୟୁକ୍ରେନର ସୁରକ୍ଷା ଏଜେନ୍ସି ତରଫରୁ କୁହାଯାଇଛି। ଏବେ ଏହି ଦୁଇଟି ଜାହାଜର ବ୍ୟବହାର ଯୋଗ୍ୟ ହୋଇ ରହିବା ନାହିଁ ବୋଲି ୟୁକ୍ରେନ କହିଛି। ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବାକୁ ୟୁକ୍ରେନ ଉପରେ ଆମେରିକା ଚାପ ପକାଉଥିବା ବେଳେ ଏହି ଘଟଣା ଘଟିଛି। ଦୁଇଟି ଟ୍ୟାଙ୍କରରେ ଗାମ୍ବିଆର ପତାକା ଲାଗିଥିଲା। ପୂର୍ବରୁ ବିରାଟ ତୈଳ ଟ୍ୟାଙ୍କର ଶୁକ୍ରବାର କ୍ଷତିଗ୍ରସ୍ତ ହୋଇଥିଲା। ନିଆଁର ସ୍ଥିତି ଉପରେ ନଜର ରଖାଯାଇଛି ବୋଲି କୁହାଯାଇଛି। ବିରାଟର ୨୦ଜଣ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି। କିନ୍ତୁ ଜାହାଜର ଇଞ୍ଜିନରେ କଳା ଧୂଆଁ ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ତେବେ ରୁଷ୍ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## ତାଜିକିସ୍ତାନର ସୁନା ଖଣିରେ ଚୀନ୍‌ର ୩ ଇଞ୍ଜିନିୟରଙ୍କୁ ହତ୍ୟା

କାବୁଲ୍, ୨୯ ।୧୧(ଏଜେନ୍ସି): ତାଜିକିସ୍ତାନର ଖାତଲୋନ ରାଜ୍ୟର ଏକ ସୁନା ଖଣିରେ ଉପରେ ହୋଇଥିବା ଡ୍ରୋନ ଆକ୍ରମଣରେ ୩ ଜଣ ଚୀନ୍ ଇଞ୍ଜିନିୟର ମୃତ୍ୟୁବରଣ କରିଛନ୍ତି। ନଭେମ୍ବର ୨୬ରେ ଏହି ଡ୍ରୋନ ଆକ୍ରମଣ ହୋଇଥିଲା। ଆଫଗାନିସ୍ତାନରୁ ହିଁ ଏହି ଡ୍ରୋନ ଆସିଥିଲା ବୋଲି ତାଜିକିସ୍ତାନ ଦାବି କରିଛି। ଏବେ ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଆଫଗାନିସ୍ତାନର ଅପରାଧିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ତାଜିକିସ୍ତାନ ତରଫରୁ କୁହାଯାଇଛି। ଏଭଳି ଘଟଣାକୁ ରୋକିବା ପାଇଁ ତାଲିବାନ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ତାଜିକିସ୍ତାନ କହିଛି। ତେବେ ତାଲିବାନ ଏହି ଡ୍ରୋନ ଆକ୍ରମଣରେ ସମ୍ପୃକ୍ତ ନାହିଁ ବୋଲି ସ୍ପଷ୍ଟ କରିଛି। ପାକିସ୍ତାନରେ ଅରାଜକତା ସୃଷ୍ଟିକରିବାକୁ ଚାହୁଁଥିବା ଏକ ସଂଗଠନ ଅର୍ଥାତ ଗୋଷ୍ଠୀ ଏହି ଆକ୍ରମଣ କରିଛି ବୋଲି ତାଲିବାନ କହିଛି। ତାଲିବାନର ଏହି ଦାବି ପରେ ଚୀନ୍‌ର ଏହି ୩ ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ପଛରେ କାହାର ହାତ ଅଛି ତାହା ଜଣାପଡ଼ିନାହିଁ। ସେପଟେ ଚୀନ୍ ଏହି ଘଟଣା ନେଇ ପ୍ରବଳ ଅସନ୍ତୋଷ ଜାହିର କରିଛି। ଏହି ଘଟଣାକୁ ଚୀନ୍ ନିନ୍ଦା କରିଛି ଓ ସୀମାବର୍ତ୍ତୀ ଅଞ୍ଚଳ ଛାଡ଼ିବାକୁ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ପୂର୍ବରୁ ମଧ୍ୟ ଚୀନ୍ ଇଞ୍ଜିନିୟରଙ୍କ ଉପରେ ଏଭଳି ଆକ୍ରମଣ ହୋଇଛି। ପାକିସ୍ତାନ ଆଫଗାନିସ୍ତାନକୁ ପରୋକ୍ଷରେ ଦାୟୀ କରିଛି। ଆତଙ୍କବାଦୀଙ୍କ ଉପରେ ଆଫଗାନିସ୍ତାନ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପାକିସ୍ତାନ କହିଛି। ତାଲିବାନ ମଧ୍ୟ ପାକିସ୍ତାନକୁ ଏହି ଘଟଣା ପାଇଁ ଦାୟୀ କରିଛି। ଚୀନ୍ ଇଞ୍ଜିନିୟରଙ୍କ ଉପରେ ଡ୍ରୋନ ଆକ୍ରମଣକୁ ଆଫଗାନିସ୍ତାନ ମଧ୍ୟ ନିନ୍ଦା କରିଛି।

## ଦକ୍ଷିଣ ପୂର୍ବ ଏସିଆରେ ଝଡ଼ ଓ ବନ୍ୟା ବିପ୍ଳାତ

# ଇଣ୍ଡୋନେସିଆରେ ୨୪୮, ଥାଇଲାଣ୍ଡରେ ୧୬୨ ମୃତ

ଜାକର୍ତ୍ତା, ବ୍ୟାଙ୍କକ/କଲମ୍ବୋ, ୨୯ ।୧୧(ଏଜେନ୍ସି): 'ସେନିୟାର' ଝଡ଼ ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ, ଭିଏତନାମରେ ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁଁ ଆସିଥିବା ବନ୍ୟା ବିପ୍ଳାତ ଆଣିଛି। ଏହା ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ଜନିତ ଅଘଟଣରେ ଥାଇଲାଣ୍ଡରେ ୧୬୨ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଶ୍ରୀଲଙ୍କାରେ ବାତ୍ୟା ଦିତୱା ୧୫୩ ଜଣଙ୍କ ଜୀବନ ନେଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ଥାଇଲାଣ୍ଡ ପ୍ରଶାସନର ସୂଚନା ଅନୁଯାୟୀ, ଝଡ଼ ସେନିୟାରା ଯୋଗୁ ଆସିଥିବା ବନ୍ୟା ୧୨ ପ୍ରଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ୧୨ ଲକ୍ଷରୁ ଅଧିକ ପରିବାର ଏବଂ ୩୬ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଥାଇଲାଣ୍ଡରେ କ୍ଷୁଦ୍ର କୋଠା ଏବଂ ଗାଡ଼ିଗୁଡିକ ପାଣିରେ ବୁଡ଼ି ଯାଇଛି। ଉଦ୍ଧାରକାରୀ ଦଳ ପାଣି ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଅନେକ ଜିଲ୍ଲାରେ ଜଳସ୍ତର ଖସିବାରେ ଲାଗିଛି। ବର୍ଷା କମିଥିବାବେଳେ ଝଡ଼ତୋଫାନର ବିପଦ ରହିଛି। ମାଲେସିଆ



ସୀମାରେ ଥିବା ସୋଙ୍ଗଖାଲା ଅଞ୍ଚଳ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଇଣ୍ଡୋନେସିଆରେ ସୁମାତ୍ରା ଦୀପରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ କାରଣରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏହି ପ୍ରାକୃତିକ ବିପତ୍ତିରେ ଏପର୍ଯ୍ୟନ୍ତ ୨୪୮ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। କେତେକ ପ୍ରଭାବିତ ଅଞ୍ଚଳରେ ବିମାନ ମାଧ୍ୟମରେ ରିଲିଫ ସାମଗ୍ରୀ ପହଞ୍ଚାଇବାକୁ ପ୍ରୟାସ କରାଯାଉଛି। ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ କାରଣରୁ ସଡ଼କଗୁଡିକ କ୍ଷତିଗ୍ରସ୍ତ ହୋଇଛି ଓ ବହୁ ଅଞ୍ଚଳ ମୁଖ୍ୟସ୍ରୋତରୁ ଅଲଗା ହୋଇଛି। ଉତ୍ତର ସୁମାତ୍ରାର ମଧ୍ୟ ଟପାନୁଲି ଜିଲ୍ଲା ସମେତ ଅନ୍ୟ ଜିଲ୍ଲାଗୁଡିକରେ ବିମାନ ସାହାଯ୍ୟରେ ରିଲିଫ ସାମଗ୍ରୀ ପହଞ୍ଚାଯାଉଛି। ଏପର୍ଯ୍ୟନ୍ତ ୮୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ସଡ଼କ ପଥ କ୍ଷତିଗ୍ରସ୍ତ ହେବା କାରଣରୁ ହେଲିକପ୍ଟର ଦ୍ୱାରା ଅତ୍ୟାବଶକୀୟ ସାମଗ୍ରୀ ପହଞ୍ଚାଯାଉଛି। ସିବୋଲ୍ଗା ଓ କେନ୍ଦ୍ରୀୟ ଟାପାନୁଲୀ ଭଳି ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ଉତ୍ତର ସୁମାତ୍ରା ନୁହେଁ ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ଓ ଆସେହ ରାଜ୍ୟରେ ମଧ୍ୟ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆସେହର ୨୩ରୁ ୧୦ଟି ଜିଲ୍ଲାରେ ପାଣି ଭରି ରହିଛି। ଇଣ୍ଡୋନେସିଆ କେତେକ ଅଞ୍ଚଳରେ ଏବେ ମଧ୍ୟ ବର୍ଷା ଜାରି ରହିଛି।

କାର୍ଯ୍ୟକ୍ଷମ ହେଉନି ଓଏଭି ହଷ୍ଟେଲ୍

# ଅଭିଭାବକଙ୍କ ମୁଣ୍ଡରେ ଆର୍ଥିକ ବୋଝ

■ ଭୂତକୋଠିରେ ପରିଣତ ହେଲାଣି ଅବ୍ୟବହୃତ କୋଠା
■ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୦୬ ହଷ୍ଟେଲ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ପଢୁଥିବା ପିଲାଙ୍କ ରହିବା ପାଇଁ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିର୍ମାଣ ସରିଥିବା କୋଠାଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ବହୁ ଦୂରଦୂରାନ୍ତରୁ ପ୍ରତିଦିନ ଯିବାଆସିବା କରୁଥିବା ଛାତ୍ରଛାତ୍ରୀମାନେ ଆର୍ଥିକ ବୋଝ ମୁଣ୍ଡାଉଛନ୍ତି। ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ପାଖରେ ହଷ୍ଟେଲ୍ ଓ ପରିବହନ ବ୍ୟବସ୍ଥା ଖୋଲି ଘରୋଇ ମାଲିକମାନେ ମୁନାଫା କମାଉଛନ୍ତି। ଫଳରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ପରିକଳ୍ପନା ହୋଇଥିବା ଓଏଭି ଲକ୍ଷ୍ୟଚ୍ୟୁତ ହେଉଛି।

ରାଜ୍ୟର ସମସ୍ତ ବ୍ଲକ୍ ସମେତ ଗୋଟିଏ ଆଇକନିକ୍ ଓଏଭିକୁ ମିଶାଇ ମୋଟ୍ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି। ସେହିପରି ଆଉ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍‌ଏଭି) ରହିଛି। ପ୍ରାୟ ୧ଲକ୍ଷ ୧୦ ହଜାର ଛାତ୍ରଛାତ୍ରୀ ତହିଁରେ ଅଧ୍ୟୟନ କରୁଛନ୍ତି। ସମସ୍ତ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ସହ ପିଲାଙ୍କ ରହିବା ପାଇଁ ହଷ୍ଟେଲ୍‌ର ପ୍ରାବଧାନ ରହିଛି। ପ୍ରାୟ ସମସ୍ତ ବିଦ୍ୟାଳୟରେ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ପ୍ରାୟ ଦେଢ଼ବର୍ଷ ହେଲା ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି। ନୂତନ କୋଠାଗୁଡ଼ିକ ବ୍ୟବହୃତ ହେଉ ନଥିବାରୁ ଭୂତକୋଠିରେ ପରିଣତ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩୦ରୁ ୩୫ କି.ମି ଯାଏଁ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଆଉ କିଛି ପିଲା ନିକଟରେ ଥିବା ଘରୋଇ ହଷ୍ଟେଲ୍‌ରେ ରହୁଛନ୍ତି। ବିକଳ୍ପ ନଥିବାରୁ ଘରୋଇ ହଷ୍ଟେଲ୍ ଇଚ୍ଛା ମୁତାବକ ଫି' ନେଉଥିବାରୁ ପିଲା ଓ ସେମାନଙ୍କ ଅଭିଭାବକମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି।

କିଛି ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠାକୁ ଓଏଭିକୁ ହସ୍ତାନ୍ତର କରାଯାଇନଥିବା ମଧ୍ୟ ଜଣାପଡ଼ିଛି। ଆଉ କିଛି ସ୍ଥାନରେ ହଷ୍ଟେଲ ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ କହିଛନ୍ତି ଯେ ହଷ୍ଟେଲ୍ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆସବାବପତ୍ର ଏବଂ ପରିଚାଳନା ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଟେଣ୍ଡର ସରିଛି। ଏପରିକି ୧୦୬ଟି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ଏସବୁ ହଷ୍ଟେଲ୍ କାର୍ଯ୍ୟକ୍ଷମ ହେବ। ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

# ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ

## ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଆବଶ୍ୟକସ୍ଥଳେ ଜାଗା କିଣିବେ ସରକାର

■ ରାଜ୍ୟର ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ନେଇ ଦୃଢ଼ୋକ୍ତି
■ ୧୦ ହଜାର ୯୦୦ ଘର ଲାଗି ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା

ଭୁବନେଶ୍ୱର, ୨୯।୧୧ (ସମିସ): ରାଜ୍ୟରେ ସମୁଦାୟ ୭୪୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ୨୦୧୫୦ଟିର ନିଜସ୍ୱ ଗୃହ ନାହିଁ। ୪୫୭୪ ଅଙ୍ଗନବାଡ଼ି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡ଼ି କମ୍ୟୁନିଟି ସେଣ୍ଟର୍‌ରେ ଚାଲୁଛି। ସେହିପରି, ୩୮୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ୭୩୮୯ଟି ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣାଧୀନ ଥିବା ବେଳେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ହେବ। ଏନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଯଦି କୌଣସି ସ୍ଥାନରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ଲାଗି ଜାଗା ନଥିବ, ପଞ୍ଚାୟତିରାଜ ବିଭାଗ ସହଯୋଗରେ ସରକାର ଜାଗା କିଣି ଗୃହ ନିର୍ମାଣ କରିବେ। ଏନେଇ ବିଧାନସଭାରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ଶନିବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଅଶ୍ୱିନୀ ପାତ୍ରଙ୍କ ସମେତ ବହୁ ବିଧାୟକ ନିଜନିଜ ଅଞ୍ଚଳରେ ଅସମ୍ପୂର୍ଣ୍ଣ ନିର୍ମାଣାଧୀନ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଭଡ଼ାଘରେ କିମ୍ବା ଅନ୍ୟତ୍ର ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ର ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଉତ୍ତର ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଯଦି କୌଣସି ଅଞ୍ଚଳରେ ସରକାରୀ ଜାଗା ଉପଲବ୍ଧ ନ ହେବ, ସେହିଠାରେ ବିଭାଗ ଜାଗା କିଣି ନିଜସ୍ୱ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯିବ। ଏଥିଲାଗି ୨୫ଲକ୍ଷ ଟଙ୍କାର ଅର୍ଥ ପ୍ରାବଧାନ ରଖାଯିବ। ବିଜେଡି ବିଧାୟକ ପ୍ରତାପ ଦେବ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଅର୍ଥ ଅନୁମୋଦନ ସମସ୍ୟା ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଥିଲେ।

ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଗୃହ ନିର୍ମାଣ ଲାଗି ଅର୍ଥ ସମସ୍ୟା ଥିଲେ ବିଭାଗ ନିଜସ୍ୱ ପାଣ୍ଠି ବ୍ୟବସ୍ଥା କରିବ। ବିଜେପି ବିଧାୟକ ସନାତନ ବିଜୁଳି ଓ କଂଗ୍ରେସ ବିଧାୟକ ସି.ଏସ୍ ରାଜନ୍ ଏକ୍କା ପ୍ରମୁଖ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଟେଣ୍ଡର୍ ନେଇଥିବା କଣ୍ଟ୍ରାକ୍ଟର୍ କାମ କରିନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବିଜେଡି ବିଧାୟକ ସାରଦା ନାୟକ, ପବିତ୍ର ସାଉନ୍ତା ପ୍ରମୁଖ ନିଜ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ ରାଜ୍ୟରେ ୧୦ହଜାର ୪୧୬ ମିନି ଅଙ୍ଗନବାଡ଼ି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନବାଡ଼ିକୁ ରୂପାନ୍ତର ହୋଇଛି। ସେହିପରି ୧୨୧୪୪ଟି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ପରିବର୍ତ୍ତନ କରାଯାଇଛି। କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୫୦୫୬ଟି ସକ୍ଷମ ଅଙ୍ଗନବାଡି ସୃଷ୍ଟି ହୋଇଛି। ସବୁ ଅଙ୍ଗନବାଡ଼ି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନବାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ, ପଞ୍ଚାୟତିରାଜ ବିଭାଗଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। କୌଣସି ସ୍ଥାନରେ ସମସ୍ୟା ଥିଲେ, ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନବାଡ଼ି ନିର୍ମାଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଗୃହରେ ଅତିରିକ୍ତ ବଜେଟ୍ ପାରିତ ହେବା ପରେ ବିଭାଗ ପାଖରେ ୧୦୯୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଥିବ ବୋଲି ସେ କହିଥିଲେ।

# ନୂଆବର୍ଷରେ ନୂଆ ହିତାଧିକାରୀଙ୍କୁ ଏକାଥରକେ ୨ଟି କିସ୍ତି 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୨୯।୧୧(ସମିସ): ନୂଆ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର। ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ଟଙ୍କା ପାଇବେ ଯୋଗ୍ୟ ହିତାଧିକାରୀ। ଏ ସଂପର୍କରେ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ଯେଉଁମାନଙ୍କୁ ୨୧ ବର୍ଷ ହେଲା, ସେମାନେ ଆପେଆପେ ଏହି ଯୋଜନାରେ ଯୋଡ଼ି ହେଉଛନ୍ତି। ସମସ୍ତେ ଯେପରି ସୁଭଦ୍ରା ଟଙ୍କା ପାଇବେ, ସେଥିପାଇଁ ବିଭାଗ କାମ କରୁଛି। କ୍ଷେତ୍ର ପରିଦର୍ଶନ ପରେ ସୁଭଦ୍ରା ଯୋଜନାରେ ୧୭ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହେଲେଣି। ବର୍ତ୍ତମାନ ୧କୋଟି ୩ଲକ୍ଷ ୮୯ହଜାର ୮୦୧ମହିଳା ପ୍ରଥମ/ଦ୍ୱିତୀୟ କିସ୍ତି ପାଇଛନ୍ତି। ସେଥିମଧ୍ୟରୁ ୯୭ଲକ୍ଷ ୫୧ ହଜାର ୪୭୯ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି। ବୟସ କମ୍ ହୋଇଥିବା କାରଣରୁ ଗତଥର ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିନଥିଲେ, ସେମାନେ ଆବେଦନ କରୁଛନ୍ତି। ଏଥିପାଇଁ ଅବେଦନକାରୀଙ୍କ ବୟସ ୧ ଏପ୍ରିଲ, ୨୦୨୫ ସୁଦ୍ଧା ୨୧ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ଏବଂ ଏହି ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ସେମାନେ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଶୂନ୍ୟକାଳରେ ସଦସ୍ୟଙ୍କ ଦାବି

# ବିଧବା ଭତ୍ତା ୩୫୦୦ ଟଙ୍କା ମିଳୁ

କଳାକାରଙ୍କୁ ସର୍ବନିମ୍ନ ୫୦୦୦ ଟଙ୍କା ଭତ୍ତା ଦିଅନ୍ତୁ ସରକାର

ଭୁବନେଶ୍ୱର, ୨୯।୧୧ (ସମିସ): ରାଜ୍ୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୩୫୦୦ ଟଙ୍କାର ଭତ୍ତା ମିଳୁଥିବା ବେଳେ କଳାକାରଙ୍କୁ ମାତ୍ର ୨୫୦୦ ଟଙ୍କା ମିଳୁଛି। ଉଭୟ କଳା ଏବଂ କଳାକାରଙ୍କ ପାଇଁ ଏହା ଅପମାନ। ଅତଏବ୍ କଳାକାରଙ୍କ ଭତ୍ତା ରାଶି ସର୍ବନିମ୍ନ ୫୦୦୦ ଟଙ୍କା କରିବାକୁ ଶନିବାର ଶୂନ୍ୟ କାଳରେ ଦାବି ରଖିଛନ୍ତି ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା। ସେହିପରି, ବିଧବା ମହିଳାଙ୍କୁ ୩୫୦୦ ଟଙ୍କାର ଭତ୍ତା ସହାୟତା ଯୋଗାଇଦେବାକୁ ଦଳର ଅନ୍ୟତମ ବିଧାୟକ ବଦ୍ରିନାରାୟଣ ପାତ୍ର ଦାବି ରଖିଛନ୍ତି।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ବେହେରା କହିଲେ ଯେ କଳାକାରଙ୍କ ପାଇଁ ସରକାରଙ୍କ ପକ୍ଷରୁ ଭତ୍ତା ଦେବାର ବ୍ୟବସ୍ଥା ରହିଛି। ୮୦ ବର୍ଷ ପର୍ଯ୍ୟନ୍ତ କଳାକାରମାନଙ୍କୁ ରାଜ୍ୟ ସରକାର ୨ ହଜାର ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା କରିଥିବା ବେଳେ ୮୦ ବର୍ଷରୁ ଊର୍ଦ୍ଧ୍ୱ କଳାକାରଙ୍କୁ ମାସିକ ୨୫୦୦ ଟଙ୍କା ଭତ୍ତା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ, ବାର୍ଦ୍ଧକ୍ୟ ଭତ୍ତା ବାବଦରେ ରାଜ୍ୟ ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଉଛନ୍ତି। ତେଣୁ ରାଜ୍ୟର ଅଧିକାଂଶ କଳାକାର ନିଜର ପରିଚୟ ଲୁଚାଇ କଳାକାର ଭତ୍ତା ବଦଳରେ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ଅନ୍ୟ ଭତ୍ତା ପାଇଁ ଆବେଦନ କରୁଛନ୍ତି। ଯେଉଁ କାରଣରୁ କଳାକାରଙ୍କ ସ୍ୱତନ୍ତ୍ର ପରିଚୟ ଲୋପ ପାଉଛି। ତେଣୁ ସରକାର କଳାକାରଙ୍କ ଭତ୍ତା ୫ହଜାରକୁ ବୃଦ୍ଧି କରିବାକୁ ଗୃହରେ ବିଧାୟକ ଶ୍ରୀ ବେହେରା ଦାବି କରିଥିଲେ।

ସେହିପରି ବିଧବାଭତ୍ତା ବୃଦ୍ଧି ଦାବି କରି ବିଧାୟକ ବଦ୍ରି ପାତ୍ର କହିଲେ ଯେ ସରକାର ସବୁସ୍ତରରେ ବିଭିନ୍ନ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କର ଭତ୍ତା ବଢ଼ାଉଥିବା ବେଳେ ବିଧବା ମହିଳାମାନେ ପୂର୍ବ ସ୍ଥିରୀକୃତ ଭତ୍ତା ପାଉଛନ୍ତି। ଯାହା ସେମାନଙ୍କୁ ନିଅଣ୍ଟିଆ ହେଉଛି। ଏଥିପାଇଁ ବହୁ ବିଧବା ମହିଳା ନିଜ ଗୁଜରାଣ ମେଣ୍ଟାଇବା ଲାଗି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ବିଧବା ମହିଳାମାନଙ୍କ ଭତ୍ତା ୩୫୦୦ଟଙ୍କା କରିବାକୁ ଶ୍ରୀ ପାତ୍ର ବାଚସ୍ପତିଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗିଦେଲେ

କଣ୍ଟାବାଞ୍ଜି,୨୯ ।୧୧(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ବୁରୋମାଳ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକଙ୍କୁ ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗି ଦିଆଯାଇଛି। ମୃତକ ହେଲେ ସୁରେନ୍ଦ୍ର ଭାଟି।ପୁଲିସ ପହଞ୍ଚି ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



ଗାଁର ଏକ ଚାଷ ଜମିରେ ଥିବା କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୁରେନ୍ଦ୍ର ସକାଳେ ଗାଁରେ ଗାଈ ଚରାଉଥିବା ସମସ୍ତେ ଦେଖିଥିଲେ। କିଛି ସମୟ ପରେ ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ କଣ୍ଟାବାଞ୍ଜି ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖୋଜାଖୋଜି ବେଳେ ପରିବାର ଲୋକ ଗାଁର ଜଣକ ଚାଷ ଜମିରେ ଥିବା କୂଅରେ ସୁରେନ୍ଦ୍ରଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁରେନ୍ଦ୍ରଙ୍କ ଶବ ଉଦ୍ଧାର କରିଥିଲା। ତେବେ ତାଙ୍କ ଦୁଇ ହାତକୁ ଦୌଡ଼ିରେ ବନ୍ଧା ଯାଇଥିବା ସହ ଏକ ପଥର ଝୁଲୁଥିବା ଦେଖିବାକୁ ମିଳିଥିଲା। ଏଣୁ ତାଙ୍କୁ ହତ୍ୟା ପରେ କୂଅକୁ ଫିଙ୍ଗି ଦିଆଯାଇଥିବା ସ୍ପଷ୍ଟ ହୋଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୯।୧୧(ସମିସ): ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପକସୋ କୋର୍ଟରେ ଶନିବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ଉମେଶ୍ୱର ସିଂ(୨୫)କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦ ହଜାର ଟଙ୍କା ଜରିମାନା, ଅନାଦେୟ ହେଲେ ଅତିରିକ୍ତ ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ମୁତାବକ, ୨୦୨୧ ଫେବୃଆରୀ ୧୬ ତାରିଖରେ ଜଣେ ନାବାଳିକାକୁ ଷ୍ଟେସନାରୀ ଜିନିଷ କିଣିବା ପାଇଁ ନିକଟସ୍ଥ ବଜାରକୁ ଅଭିଯୁକ୍ତ ଜଣକ ବାଇକରେ ବସାଇ ନେଇଥିଲା। ଫେରିବା ବାଟରେ ଏକ ନିର୍ଜନ ସ୍ଥାନରେ ନାବାଳିକାକୁ ଦୁଷ୍କର୍ମ କରିବା ସହିତ ଘଟଣା ସମ୍ପର୍କରେ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ନାବାଳିକା ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଫୋନ କରିବା ପରେ ଘରକୁ ଫେରିଥିଲା। ଘଟଣା ସମ୍ପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ପୀଡ଼ିତାର ପିତା ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୁଲିସ ପକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ୧୧ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ପ୍ରେସର୍ କୁକର୍ ଫାଟି ଛାତ୍ର ଆହତ

# ଘଟଣା ଲୁଚାଇବାକୁ ଛାତ୍ରଙ୍କୁ ୯ ଦିନ ଗୃହବନ୍ଦୀ

■ ପାଚେରି ଡେଇଁ ଉଦ୍ଧାର କଲେ ପୂର୍ବତନ ସାଂସଦ ପ୍ରଦୀପ ମାଝି
■ ପ୍ରଧାନଶିକ୍ଷକଙ୍କ ସମେତ ୩ ନିଲମ୍ବିତ

କୋଷାଗୁମୁଡ଼ା, ୨୯।୧୧(ସମିସ): ପ୍ରେସର୍ କୁକର୍ ଫାଟି ଜଣେ ଛାତ୍ର ଆହତ ହେବା ଘଟଣାକୁ ଚାପିଦେବା ପାଇଁ ଛାତ୍ରଙ୍କୁ ୯ଦିନ ଧରି ହଷ୍ଟେଲରେ ଗୃହବନ୍ଦୀ ରଖିବା ଭଳି ଘଟଣା ନବରଙ୍ଗପୁର ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। କୋଷାଗୁମୁଡ଼ା ବ୍ଲକ୍ କୋକଡ଼ି ସେମଲା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଏପରି ଏକ ଅମାନବୀୟ ଘଟଣା ଘଟିଛି। ଆହତ ଛାତ୍ରଜଣଙ୍କ ହେଲେ, ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତ୍ରା। କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ନବରଙ୍ଗପୁର ପୂର୍ବତନ ସାଂସଦ ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ହଷ୍ଟେଲ ପାଚେରି ଡେଇଁ ଧନେଶ୍ୱରଙ୍କୁ ଉଦ୍ଧାର କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଛାତ୍ରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।



ସୂଚନାନୁଯାୟୀ, ଗତ ୨୦ ତାରିଖରେ ହଷ୍ଟେଲ ରୋଷେଇ ଘରେ ପ୍ରେସର୍ କୁକର ଫାଟି ଧନେଶ୍ୱର ଆହତ ହୋଇଥିଲେ। ତାଙ୍କ ମୁହଁ କ୍ଷତବିକ୍ଷତ ହୋଇଥିଲା। କିନ୍ତୁ ସ୍କୁଲ ଓ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଡାକ୍ତରଖାନା ନନେଇ ହଷ୍ଟେଲ ଭିତରେ ଦୀର୍ଘ ୯ଦିନ ଧରି ତାଲା ପକାଇ ପଣବନ୍ଦୀ କରି ରଖିଥିଲେ। ପୂର୍ବତନ ସାଂସଦ ପ୍ରଦୀପ ମାଝୀ ହଷ୍ଟେଲ ପାଚେରି ଡେଇଁ ତାଙ୍କୁ ଉଦ୍ଧାର କରିବା ସହ ରାତି ୧୦ଟାରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଛାତ୍ରଙ୍କୁ ହସ୍ତାନ୍ତର କରିଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ମଙ୍ଗଳ ବିଭାଗ ପକ୍ଷରୁ ହଷ୍ଟେଲ ପରିଚାଳନା ହେଉଥିବା ବେଳେ ଏ ବିଷୟରେ କୌଣସି ଅଧିକାରୀ କିପରି ଜାଣିପାରିଲେ ନାହିଁ ବୋଲି ପ୍ରଦୀପ ପ୍ରଶ୍ନ କରିଥିଲେ। ଏଥିପାଇଁ ଜିଲ୍ଲାପାଳ ମଧ୍ୟ ସମାନ ପରିମାଣର ଦାୟୀ ବୋଲି ପ୍ରଦୀପ ତାଙ୍କୁ ସିଧାସଳଖ କହିଥିଲେ। ଛାତ୍ରଙ୍କୁ ଚିକିତ୍ସା ନ କରି ୯ ଦିନ କାଳ ବନ୍ଦ ରଖି ହତ୍ୟା ଉଦ୍ୟମ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ତେବେ ଛାତ୍ର ଧନେଶ୍ୱରଙ୍କର କୌଣସି କ୍ଷତି ହେଲେ ଜିଲ୍ଲାରେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଘଟଣାସ୍ଥଳରେ ଉପସ୍ଥିତ ଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ରଙ୍କ ଉପରେ ମଧ୍ୟ ପ୍ରଦୀପ ଭୀଷଣ ବର୍ଷିଥିଲେ।

ଏ ସଂପର୍କରେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ କହିଛନ୍ତି, ଘଟଣାର ତଦନ୍ତ ହେବ। ଛାତ୍ରଜଣଙ୍କ କେଉଁ ପରିସ୍ଥିତିରେ ରୋଷେଇ ଘରକୁ ଯାଇଥିଲେ, ଅଘଟଣ ପରେ ପ୍ରଧାନଶିକ୍ଷକ କାହିଁକି ଜଣାଇନଥିଲେ, ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପଟେ ଏହି ଘଟଣାରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯିବା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଙ୍ଗାଳୀ ଚରଣ ସେଠୀ, ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ କପିଳ ସରାଭୁ, ରଷୋୟା ଡମ୍ବରୁ ଭତ୍ରାଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସହକାରୀ ଶିକ୍ଷକ ମୀନ ରନ୍ଧାରୀଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି ବୋଲି କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକ କହିଛନ୍ତି।

# ନିୟନ୍ତ୍ରଣ ବାହାରେ ଟମାଟୋ ଦର

## ୧୫ ଦିନରେ ୫୦ ପ୍ରତିଶତ ବଢ଼ିଲାଣି ଦର

ଖୁଚୁରା ବଜାରରେ କିଲୋ ୮୦ ଟଙ୍କା

ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁ ଫସଲ ନଷ୍ଟ

କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଯୋଗାଣ ଅଧା




ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୧୧(ସମିସ): ପୁଣି ଥରେ ଟମାଟୋ ଦର ରୋଷେଇ ଘରର ବଜେଟ୍ ବିଗାଡିଛି। ଗତ ୧୫ ଦିନ ମଧ୍ୟରେ ସାରା ଦେଶରେ ଟମାଟୋ ଦର ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଏମିତିକି ଅନେକ ସହରରେ ଦର ଦ୍ୱିଗୁଣ ହୋଇଯାଇଛି। ଗତ ଅକ୍ଟୋବର ମାସରେ ହୋଇଥିବା ପ୍ରବଳ ବର୍ଷା ଏହାର ମୁଖ୍ୟ କାରଣ। ଦେଶର ଅନେକ ରାଜ୍ୟରେ ଟମାଟୋ ଫସଲ ନଷ୍ଟ ହୋଇଯାଇଛି। ଏଥିଯୋଗୁ ବର୍ତ୍ତମାନ ବଜାରରେ ଯୋଗାଣ ହ୍ରାସ ପାଇଛି। ବର୍ତ୍ତମାନ ଖୁଚୁରା ବଜାରରେ ଟମାଟୋ କିଲୋ ପିଛା ୭୦-୮୦ ଟଙ୍କା ରହିଛି। ସାଧାରଣତଃ ବର୍ଷର ଏହି ସମୟରେ ବଜାରରେ ଟମାଟୋ ଶସ୍ତା ହୋଇଥାଏ, କିନ୍ତୁ ସମ୍ପ୍ରତି ପ୍ରତିକୂଳ ଜଳବାୟୁ ଫସଲକୁ ଏଭଳି କ୍ଷତି ପହଞ୍ଚାଇଛି।

ଏକ ସରକାରୀ ତଥ୍ୟ ଦର୍ଶାଉଛି ଯେ ଗତ ମାସରେ ଖୁଚୁରା ମୂଲ୍ୟ ୨୫ରୁ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ନଭେମ୍ବର ୧୯ରେ ଟମାଟୋର ସର୍ବଭାରତୀୟ ହାରାହାରି ମୂଲ୍ୟ କିଲୋଗ୍ରାମ ପ୍ରତି ୪୬ ଟଙ୍କାରେ ପହଞ୍ଚିଥିଲା, ଯାହା ଏକ ମାସ ପୂର୍ବରୁ ପ୍ରତି କିଲୋଗ୍ରାମ ୩୬ ଟଙ୍କା ଥିଲା। ଏହା ପ୍ରାୟ ୨୭ ପ୍ରତିଶତ ହାରାହାରି ମୂଲ୍ୟ ବୃଦ୍ଧିକୁ ଦର୍ଶାଉଛି। ଦେଶରେ ଚଣ୍ଡିଗଡ଼ରେ ଟମାଟୋ ମୂଲ୍ୟ ସବୁଠାରୁ ଅଧିକ ୧୧୨ ପ୍ରତିଶତ ବୃଦ୍ଧି ପାଇଛି। ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ ଏବଂ କର୍ଣ୍ଣାଟକରେ ମଧ୍ୟ ଦର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ଟମାଟୋ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଛି।

ଅପରପକ୍ଷେ ବ୍ୟବସାୟୀମାନେ କହିଛନ୍ତି ଯେ ବର୍ତ୍ତମାନ ଟମାଟୋ ଦର ବୃଦ୍ଧିରୁ ଆଶ୍ୱସ୍ତି ମିଳିବାର ଆଶା କମ୍। ଆଗକୁ ବିବାହ ଋତୁ ଏବଂ ନବବର୍ଷ ପାଳନ ଯୋଗୁଁ ଚାହିଦା ଅଧିକ ରହିଛି। ପ୍ରବଳ ବର୍ଷା ଯୋଗୁଁ ଫସଲ କ୍ଷତି ହେବାରୁ ଯୋଗାଣ ଆହୁରି ହ୍ରାସ ପାଇଛି। ଗତ ସପ୍ତାହରେ କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଗୁଜରାଟରୁ ଆସୁଥିବା ଟ୍ରକ ସଂଖ୍ୟା ପ୍ରାୟ ଅଧା ହୋଇଯାଇଛି, ଯାହା ବଜାରରେ ଉପଲବ୍ଧତା ହ୍ରାସ କରିଛି। ଟମାଟୋର ଏକ ବଡ଼ ଅଂଶ ଯୋଗାଣ କରୁଥିବା ମହାରାଷ୍ଟ୍ରରେ, ନଭେମ୍ବରରେ ପାଇକାରୀ ମୂଲ୍ୟ ୪୫% ବୃଦ୍ଧି ପାଇଛି। ଯେତେବେଳେ କି ରାଜଧାନୀ ଦିଲ୍ଲୀରେ ପାଇକାରୀ ମୂଲ୍ୟ ୨୬ ପ୍ରତିଶତ ବୃଦ୍ଧି ପାଇଛି।

ସେପ୍ଟେମ୍ବର-ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫% ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୧୩ ପରଠାରୁ ସର୍ବନିମ୍ନ ସ୍ତର। ଟମାଟୋ, ପିଆଜ ଏବଂ ଆଳୁ ମୂଲ୍ୟରେ ହ୍ରାସ ଏହାର ମୁଖ୍ୟ କାରଣ। ଅକ୍ଟୋବରରେ ଟମାଟୋ ମୁଦ୍ରାସ୍ଫୀତି ବିଯୁକ୍ତ ୪୨.୯% ଥିଲା, ଅର୍ଥାତ୍ ମୂଲ୍ୟ ବହୁତ କମ୍ ଥିଲା। ହେଲେ ନଭେମ୍ବରରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବିପରୀତ ରହିଛି।

ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ବୃତ୍ତି ପ୍ରଦାନରୁ ବାଦ୍ ଦେବା ପ୍ରସଙ୍ଗ

# ଗାନ୍ଧିମାର୍ଗରେ ଗର୍ଜିଲା ଛାତ୍ର ସଂଗଠନ ଏଆଇଏସ୍ଏଫ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ଛାତ୍ରବୃତ୍ତି ଏନ୍‌ଏମ୍‌ଏମ୍‌ଏସ୍‌ରୁ ବାଦ୍ ଦେବା ପରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍) ରାସ୍ତାକୁ ଓହ୍ଲାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି। ପୂର୍ବ ସୂଚନା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶିରୁ ବାଦ୍ ଦିଆଯାଇଥିବାରୁ ବହୁ ଗରିବ ମେଧାବୀ ପିଲାଙ୍କ ଭାଗ୍ୟ ଭବିଷ୍ୟ ଅନ୍ଧାରକୁ ଠେଲି ହୋଇ ଯାଇଥିବା ଅଭିଯୋଗ ହୋଇଛି।

ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ୍ ସରକାର ଅଛି। ହେଲେ ଓଏଭିରେ ସିବିଏସ୍‌ଇ ପାଠ୍ୟକ୍ରମ ପଢୁଥିବା ରାଜ୍ୟର ଗରୀବ ମେଧାବୀ ପିଲାଙ୍କ ବୃତ୍ତିରାଶି ଦ୍ୱିଗୁଣିତ ହେବା ପରିବର୍ତ୍ତେ ଶୂନ କରିଦେବା ଦୁର୍ଭାଗ୍ୟଜନକ। ଏହା ସରକାରଙ୍କ ଛାତ୍ର ବିରୋଧି ନୀତିକୁ ପଦାରେ ପକାଇଥିବା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜେନା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରବୃତ୍ତି ପ୍ରସଙ୍ଗରେ ସରକାର ସ୍ପଷ୍ଟିକରଣ ଦିଅନ୍ତୁ। କାରଣ ଦେଶର ସମସ୍ତ ସିବିଏସ୍‌ଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇଁ ଆବେଦନ କରୁଥିବାବେଳେ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହୋଇଛନ୍ତି।



ଏହା ଉଦ୍ଦେଶ୍ୟମୂଳକ। ପ୍ରାଥମିକ ଭାବେ ବୃତ୍ତି ଆବେଦନରୁ ବାଦ୍ ଦିଆଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଓଏଭିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏହା ସୁଚିନ୍ତିତ ଷଡଯନ୍ତ୍ର। ଚଳିତ ଶିକ୍ଷାବର୍ଷରୁ ହିଁ ଛାତ୍ରଛାତ୍ରୀଙ୍କୁ ଆବେଦନ ପାଇଁ ସୁଯୋଗଦେବାକୁ ଦାବି କରିବା ସହ ଖାରଜର କାରଣ ସମ୍ପର୍କରେ ମଧ୍ୟ ସ୍ପଷ୍ଟିକରଣ ରଖିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏକ ୫ ଜଣିଆ ପ୍ରତିନିଧି ଦଳ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପ୍ରତି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ରାଜ୍ୟରେ ଛାତ୍ର ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତୋବନୀ ଦିଆଯାଇଛି। ଏହି ଧାରଣାରେ ଛାତ୍ର ନେତା ପପୁ ରାଉତଙ୍କ ସମେତ ଏକତା ଚୌଧୁରୀ, ଲିଲି ସାମଲ, ସାଗର ପ୍ରଧାନ ଓ ଅମିତ ସାମନ୍ତରାୟଙ୍କ ସହ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ।

# ‘ଯୌତୁକ ନିବାରଣ ଅଧିନିୟମ ଆଇନ’ ତାଲିମ ଶିବିର



ମାଲକାନଗିରି, ୨୯ ।୧୧(ସମିସ): ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ : ଯୌତୁକ ନିବାରଣ ଅଧିନିୟମ ଆଇନ, ୧୯୬୧ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ, ପିଓ ଟି.ଜୟାଲକ୍ଷ୍ମୀ, ମହିଳା ସଶକ୍ତିକରଣର ଜିଲ୍ଲା ସଂଯୋଜକ ମନ ମୋହନ ସରକାର ଉପସ୍ଥିତ ରହି ଜିଲ୍ଲାରେ ଯେପରି କୌଣସି ମହିଳା ଯୌତୁକ ପ୍ରଥା ପାଇଁ ପୀଡିତ ନ ହୁଅନ୍ତୁ ସେନେଇ ଜିଲ୍ଲାରେ ଗାଁ ଗାଁରେ ମହିଳାମାନଙ୍କୁ ସଚେତନ କରିବାକୁ କହିଥିଲେ । ଏଥିରେ ସିଡିପିଓ, ସୁପରଭାଇଜର, ଜିଲ୍ଲାର ସମସ୍ତ ମହିଳା ପୁଲିସ ସହାୟକ ଡେସ୍କର ସଦସ୍ୟମାନେ ଉପସ୍ଥିତ ଥିଲେ । ଶକ୍ତି ସଦନ କର୍ମଚାରୀ, ଓଁଷ୍ଟାଫ୍‌ର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ପୂଜକ ଓ ପଣ୍ଡିତ, ଡିଏଲଏସ୍ କର୍ମଚାରୀ ବୃନ୍ଦ, ବିଭିନ୍ନ କଲେଜର କର୍ମଚାରୀ ବୃନ୍ଦ, ଛାତ୍ର ସଂଘ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର କର୍ମଚାରି ଉପସ୍ଥିତ ଥିଲେ । ଏହି ଶିବିରରେ ଚିଫ୍ ଲିଗାଲ ଡିଫେନ୍ସ କାଉନସେଲର ଅଶୋକ କୁମାର ପଟ୍ଟନାୟକ, ଡିଏସପି ମମତା ପାଣିଗ୍ରାହୀ ଯୌତୁକ ନିବାରଣ ଅଧିନିୟମ ଆଇନ-୧୯୬୧ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ।

# ଗୁଡାରୀରେ ଧନଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି



ଗୁଡାରୀ, ୨୯।୧୧(ସମିସ): ମା’ ଧନଲକ୍ଷ୍ମୀଙ୍କ ପୂଜା ପାଇଁ ଗୁଡାରୀରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଧନ ଲକ୍ଷ୍ମୀପୂଜା କମିଟିର ପକ୍ଷରୁ ଏହି ପୂଜା ଆୟଜନ କରାଯାଉଛି । ତୋରଣ, ଆଲୋକ ସଜ୍ଜା ସହ ସମସ୍ତ କାମ ଶେଷ ହୋଇଛି । ମା’ଙ୍କ ମୂର୍ତ୍ତି ଅସ୍ଥାୟୀ ମଣ୍ଡପକୁ ଅଣାଯାଇଛି । ଆସନ୍ତା ରବିବାର ମା’ଙ୍କ ପୂଜା ଅନୁଷ୍ଠିତ ହେବ । ମା’ ଧନଲକ୍ଷ୍ମୀଙ୍କ ଚକ୍ଷୁଦାନ ପରେ ମା’ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି କମିଟି ପକ୍ଷରୁ କୁହାଯାଇଛି । ୭ ଦିନ ଧରି ଆସ୍ଥାୟୀ ମଣ୍ଡପରେ ମା’ ପୂଜା ପାଇବେ । ଏହି ସାତ ଦିନ ମଧ୍ୟରେ ଅଷ୍ଟପ୍ରହରୀ ନାମଯଜ୍ଞ ଏବଂ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏଥିପାଇଁ କମିଟି ସଦସ୍ୟ ସମସ୍ତ ନଗର ଏବଂ ପଞ୍ଚାୟତବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ।

# ସମସ୍ୟା ନେଇ କମ୍ପାନୀ ଅଧ୍ୟକ୍ଷଙ୍କୁ ଘେରିଲେ ଲୋକେ; ପ୍ରତିଶ୍ରୁତି ପରେ ଓହରିଲେ

ଲକ୍ଷ୍ମୀପୁର, ୨୯।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବିରିଗୁଡ଼ା ଗାଁ ମହିଳା, ପୁରୁଷ, ଯୁବକ, ଯୁବତୀ ମିଶି ଶୁକ୍ରବାର ଆଦିତ୍ୟ ବିର୍ଲା କମ୍ପାନୀ ଅଧ୍ୟକ୍ଷଙ୍କୁ ବିଭିନ୍ନ ସମସ୍ୟା ନେଇ ଘେରିଥିଲେ । ସେମାନେ ନିଯୁକ୍ତି, ଠିକା କାମ, ଜମି ବାବଦକୁ ନୂତନ ନିୟାନୁସାରେ ମୂଲ୍ୟ ପ୍ରଦାନ, ବିସ୍ଥାପିତ ଘୋଷଣା ଇତ୍ୟାଦି ଦାବି କରିଥିଲେ । କାରଖାନା ଆରମ୍ଭ ହୋଇ ଲୋକଙ୍କ ସମସ୍ୟା ଉପରେ ପ୍ରାଧାନ୍ୟ ନଦେଇ କାମ ଆଗେଇ ଚାଲିଛି ବୋଲି ଅଭିଯୋଗ କରିଥିଲେ । ଲକ୍ଷ୍ମୀପୁର ଅଞ୍ଚଳର ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ନେଇ ଆଜି ପର୍ଯ୍ୟନ୍ତ କୌଣସି ଆଲୋଚନା ମଧ୍ୟ ନ ଥିବା ହେତୁ ଲୋକେ ବାଧ ହୋଇ ଏପରି ପଦକ୍ଷେପ ନେଇଥିବା ଅଗସ୍ତି ହଲୱା, ସହଦେବ ବିଡିକା, ପୁର୍ଣ୍ଣ ମାଣ୍ଡିଙ୍ଗା ସମେତ ମହିଳା, ଯୁବକ, ଯୁବତୀମାନେ କହିଛନ୍ତି । ଶୁକ୍ରବାର ସକାଳେ ଶହ ଶହ ଲୋକ କମ୍ପାନୀ ଫାଟକ ନିକଟକୁ ଯାଇ ବିଭିନ୍ନ ନାରାବାଜି କରିଥିଲେ । ଏଥିସହ ଏକ ୭ ଦଫା ଦାବିପତ୍ର ମଧ୍ୟ ଦେଇଥିଲେ । ଦାବିପତ୍ର କମ୍ପାନୀ ଅଧ୍ୟକ୍ଷ ଗ୍ରହଣ କରି ସମସ୍ତ ବିଷୟ ତୁରନ୍ତ କିପରି ପୂରଣ ହେବ ସେ ଦିଗରେ ପଦକ୍ଷେପ ନେବି ବୋଲି କହି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ପ୍ରତିଶ୍ରୁତି ମିଳିବା ପରେ ଲୋକେ ଆନ୍ଦୋଳନରୁ ହଟିଥିଲେ । ଆରପିଡିଏସି ବୈଠକ ମଧ୍ୟ ଡିସେମ୍ବର ମାସରେ କିପରି ହୋଇ ପାରିବ ସେନେଇ ବିଭିନ୍ନ ବିଭାଗ ସହିତ ଯୋଗାଯୋଗ କରି ତୁରନ୍ତ ଆୟୋଜନର ବ୍ୟବସ୍ଥା ମଧ୍ୟ କରିବାକୁ ଅଧ୍ୟକ୍ଷ କହିଥିଲେ । ଆଗାମୀ ଦିନରେ ଏହି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।



# ଆନ୍ଧ୍ର ଧାନ ରାୟଗଡ଼ାକୁ ଅନୁପ୍ରବେଶ ରୋକିବ ଆରଏମ୍‌ସି



ରାୟଗଡ଼ା, ୨୯।୧୧(ସମିସ): ଆସନ୍ତା ଡିସେମ୍ବର ୧୭ ତାରିଖରୁ ଧାନ ମଣ୍ଡି ଆରମ୍ଭ ହେବାକୁ ଥିବାବେଳେ ଚଳିତ ମାସ ୧୫ ତାରିଖରୁ କପା ମଣ୍ଡି ଆରମ୍ଭ ହୋଇସାରିଛି । ତେବେ ଚଳିତ ଖରିଫ ବର୍ଷରେ ପଞ୍ଜିକୃତ ଚାଷୀମାନେ ଯେପରି ଦଲାଲମାନଙ୍କ କଥାରେ ପଡ଼ି ଧାନର ଉଚିତ ମୂଲ୍ୟ ଠାରୁ କମ ମୂଲ୍ୟରେ ଧାନ ବିକ୍ରି କରି କ୍ଷତି ନ ସହିବା ପାଇଁ ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ପାଇବାରୁ ବଞ୍ଚିତ ନ ହେବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ପଡୋଶୀ ଆନ୍ଧ୍ର ପ୍ରଦେଶର ଧାନ ଓଡ଼ିଶା ରାୟଗଡ଼ା ଜିଲ୍ଲାକୁ ନ ଆସିବା ପାଇଁ ରାୟଗଡ଼ା ସଦର ବ୍ଲକ ପିପଲଗୁଡାଠାରେ ଜଗିବ ଆର୍‌ଏମ୍‌ସି । ଆସନ୍ତା ଦୁଇ ମାସ ପାଇଁ ଚେକ୍‌ଗେଟ, ସିସିଟିଭି କ୍ୟାମେରା ବ୍ୟବସ୍ଥା ଉପଲବ୍ଧ କରାଇବା ସହ ଅଧିକାରୀ କର୍ମଚାରୀ କିଭଳି ଉପସ୍ଥିତ ରହି ପାରିବେ ସେଥିପାଇଁ ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କସ୍ତୁରୀ ସନ୍ୟାସୀ ରାଜୁଙ୍କ ସମେତ ଅନ୍ୟ ଆରଏମସି କର୍ମଚାରୀମାନେ ପହଞ୍ଚି ପିପଲଗୁଡ଼ାରେ ସ୍ଥାନ ଅନୁଧ୍ୟାନ କରିଛନ୍ତି । ପ୍ରକାଶ ଥାଉ କି, ଓଡ଼ିଶା-ଆନ୍ଧ୍ର ସୀମାନ୍ତ ରାୟଗଡ଼ାସଦର ବ୍ଲକ ମୀରାବାଲି, ଦୁର୍ଗାପାଡୁ ଭଳି ପଞ୍ଚାୟତ ମୁଖ୍ୟରାସ୍ତା ଦେଇ ଆନ୍ଧ୍ରରୁ ଧାନ ଗାଡିଗୁଡିକ ରାୟଗଡ଼ାର ବିଭିନ୍ନ ଅଞ୍ଚଳକୁ ଯାଇଥାନ୍ତି । ତେଣୁ ଏଭଳି କାରବାରକୁ ରୋକିବା ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ପିପଲଗୁଡାଠାରେ ଅସ୍ଥାୟୀ ଅତିରିକ୍ତ ଚେକ୍‌ଗେଟ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା ।

## ହଷ୍ଟେଲରେ ଆହତ ଛାତ୍ରଙ୍କୁ ଗୃହବନ୍ଦୀ କରିବା ଘଟଣାକୁ ନେଇ ବର୍ଷିଲେ ପ୍ରଦୀପ ମାଝୀ

# ‘ଜିଲ୍ଲାପାଳ ଓ ଡିଡବ୍ଲ୍ୟୁଓ ସବୁ ଜାଣି ଗୁରୁତର ଛାତ୍ରକୁ ଗୃହବନ୍ଧୀ କରି ରଖୁଥିଲେ’

ନବରଙ୍ଗପୁର, ୨୯।୧୧(ସମିସ)




- କାର୍ଯ୍ୟକ୍ରମ ଆଳରେ ଗୀତନାଚରେ ମଜି ରହୁଛନ୍ତି ଜିଲ୍ଲାପାଳ ଓ ଡିଡବ୍ଲ୍ୟୁଓ
- ଘଟଣାରେ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ କାକଡିସେମଳା ଗ୍ରାମ ସ୍ଥିତ ସେବାଶ୍ରମରେ ଅଧ୍ୟୟନରତ ଧନେଶ୍ୱର ଭତରା ନାମକ ୭ମ ଶ୍ରେଣୀ ଛାତ୍ର ଛାତ୍ରାବାସର ରୋଷେଇ ଘରେ ଗୁରୁତର ଆହତ ହେବା ପରେ ତାହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୃହବନ୍ଦୀ କରି ରଖିଥିଲେ । ନବରଙ୍ଗପୁରର ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ତାକୁ ଉଦ୍ଧାର କରି ଜିଲ୍ଲାପାଳ ଡ. ମହେଶ୍ୱର ସାଇଁଙ୍କୁ ହସ୍ତାନ୍ତର କରିବା ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଯାଇଛି । ଏହି ସମ୍ବେଦନଶୀଳ ଘଟଣାକୁ ନେଇ ପ୍ରଦୀପ ମାଝୀ ଶନିବାର ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି । ଏହି ଘଟଣାରେ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି । ଏହା ବ୍ୟତିତ ଗୁରୁତର ଅବସ୍ଥାରେ ଥିବା ଧନେଶ୍ୱରର ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି । ଏହି ଘଟଣାରେ ସେ ସିଧାସଳଖ ଜିଲ୍ଲାପାଳ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ହିଁ ପ୍ରକୃତରେ ଦାୟୀ ଏବଂ ସବୁ ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି ବୋଲି କହିଛନ୍ତି ଶ୍ରୀ ମାଝୀ । ପ୍ରଦୀପଙ୍କ କହିବାନୁଯାୟୀ, ଜିଲ୍ଲା ପ୍ରଶାସନ କାଳେ ବଦନାମ ହେବ ବୋଲି ଆହତ ଛାତ୍ରଙ୍କୁ ଚିକିତ୍ସା ନକରି ୯ ଦିନ ଧରି ଗୃହବନ୍ଦୀ କରି ରଖିଥିଲେ । ପିଲାଙ୍କ ଦ୍ୱାରା ବିଦ୍ୟାଳୟରେ ରନ୍ଧା କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ବାଧ କରାଯାଇଛି । ଅନୁରୂପ ଭାବେ ଧନେଶ୍ୱର ରୋଷେଇ କରୁଥିବା ବେଳେ ପ୍ରେସରକୁକର ଫାଟିବା ଯୋଗୁଁ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଡାକ୍ତରଖାନା ନେବା ବଦଳରେ ବାହାରରୁ ଔଷଧ ଦୋକାନରୁ ମଲମ କିଣି ଲେପ ଦିଆଯାଇଛି । ଏଭଳି ଘଟଣା ଜିଲ୍ଲାର ଏସସି ଏସଟି ବିଦ୍ୟାଳୟରେ ବହୁବାର ଘଟିଛି, ଗତ ସେପଟେମ୍ବର ମାସରେ ଚନ୍ଦାହାଣ୍ଡି ସେବାଶ୍ରମରେ ୪ର୍ଥ ଶ୍ରେଣୀରେ ପଢୁଥିବା ଗିତାଞ୍ଜଳୀ ମାଝୀ, କରଚାମାଳ ସେବାଶ୍ରମରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ନିଳାଦ୍ରୀ ମାଝୀ, ତୁରୁଡିହି ଆଶ୍ରମରେ ୭ମ ଶ୍ରେଣୀ ଛାତ୍ର ମଙ୍ଗଳ ସିଂ ଗଣ, ସୁନାବେଢ଼ା ଆଶ୍ରମରେ ପ୍ରଥମ ଶ୍ରେଣୀ ଛାତ୍ର ତରୁଣ ଗଣ୍ଡି, ସାନ ବାସିନୀ, ବଡ ବାସିନୀ ସେବାଶ୍ରମରେ ୪ର୍ଥ ଶ୍ରେଣୀରେ ପଢୁଥିବା ପ୍ରିତୀ ସମରଥ ସାମାନ୍ୟ ରୋଗରେ ଉପଯୁକ୍ତ ସମୟରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ବରଣ କରିଛନ୍ତି । ଏହି ମୃତ୍ୟୁ ସରକାରୀ କୃତ । ଜିଲ୍ଲାପାଳ, ଡିଡଓ, ଡିଇଓ, ବିଧାୟକ, ମନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଟେଣ୍ଡର ବେପାର ଓ ନାଚ ଗୀତରେ ମସଗୁଲ ରହୁଛନ୍ତି । ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଚିନ୍ତା ସେମାନଙ୍କର ନାହିଁ । ଡିଡବ୍ଲ୍ୟୁଓ ଜଣେ ଦୁର୍ନିତୀ ଗ୍ରସ୍ତ ଅଧିକାରୀ ବୋଲି ବିଭିନ୍ନ ତଥ୍ୟ ପ୍ରମାଣ ସହ ଭିଜିଲାନ୍ସ ନିକଟରେ ଅଭିଯୋଗ ଦାଖଲ କରାଯାଇଛି । ତଥାପି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ । ଏଭଳି ଅନୁକମ୍ପା ପଛରେ ରହସ୍ୟ କଣ ରହିଛି ବୋଲି ପ୍ରଦୀପ ପ୍ରଶ୍ନ କରିଛନ୍ତି । ସରକାରଙ୍କ ଏସ୍‌ସି ଏସ୍‌ଟି ମନ୍ତ୍ରୀ ଖୋଦ ନବରଙ୍ଗପୁର ଜିଲ୍ଲାର ହୋଇଥିବା ବେଳେ ସେ ଏଭଳି ଦୁର୍ନିତୀଗ୍ରସ୍ତ ଓ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀମାନଙ୍କୁ ପ୍ରଶ୍ରୟ ଦେଇ ଚାଲିଛନ୍ତି । ଏହି ସବୁ ଘଟଣା କେବଳ ସରକାରୀ ପ୍ରଶାସନ କୃତ । ଜିଲ୍ଲାପାଳ, ଡିଡବ୍ଲୁଓ ଏବଂ ସମ୍ପୃକ୍ତ ଅଧିକାରୀ କେବଳ ବିଭିନ୍ନ କାର୍ଯ୍ୟକ୍ରମ କରି କେବଳ ନାଚ ଗୀତରେ ମସଗୁଲ ରହୁଛନ୍ତି, ନିରୀହ ଆଦିବାସୀଙ୍କ ଟଙ୍କାରେ ଅଏସ କରୁଛନ୍ତି କିନ୍ତୁ ଛୁଆଙ୍କ ଦେଖାରଖା କରିବା ବଦଳରେ ଗୁରୁତର ଛାତ୍ରଛାତ୍ରୀଙ୍କୁ ଗୃହବନ୍ଦୀ କରି ରଖି ଦେଉଛନ୍ତି । ଧନେଶ୍ୱରର କୌଣସି ପ୍ରକାର କ୍ଷତି ହେଲେ ଜିଲ୍ଲାପାଳ, ଡିଡବ୍ଲ୍ୟୁଓ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବା ସହିତ ଆଗାମୀ ଦିନରେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ପ୍ରଦୀପ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ନଗର ସଭାପତି ପ୍ରମୋଦ ରଥ, ମିଟୁ ପାତ୍ର, କୁନା ପାଢ଼ି, ଉତ୍ତମ ତ୍ରିପାଠୀ, ସୁମିତ ପାଳ, ସୁମିତ ପୂଜାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ନେତା ଚୟନ ହେବ: ଜିଲ୍ଲା କଂଗ୍ରେସ ସଭାପତି

ଜୟପୁର, ୨୯ ।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା କଂଗ୍ରେସ ଭବନଠାରେ ଆୟୋଜିତ ଏକ ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରକ ଯୋଗଦେଇ ଅଖିଳ ଭାରତୀୟ କଂଗ୍ରେସ କମିଟିର ଜାତୀୟ ନେତାଙ୍କ ଆହ୍ୱାନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ପୁରପଲ୍ଲୀରେ ରହିଥିବା ପ୍ରତିଭାବାନ ଯୁବକ ଓ ଯୁବତୀଙ୍କ ପ୍ରତିଭା ଅନ୍ୱେଷଣକାର୍ଯ୍ୟକ୍ରମମାଧ୍ୟମରେତୃଣମୂଳସ୍ତରରେ ନେତା ଚୟନ କରାଯିବ ବୋଲି କହିଥିଲେ । ଏହା ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବା ପରେ ଦଳର ଏକ ଚୟନକର୍ତ୍ତାଙ୍କ ଦଳ ତୃଣମୂଳକ ଯାଇ ପ୍ରତିଭା ଅନ୍ୱେଷଣ କରିବା ସହିତ ଏକ ଉପଯୁକ୍ତ ନେତା ଚୟନରେ ସଫଳତା ମିଳିବ ବୋଲି କହିଛନ୍ତି । ଉକ୍ତ ପ୍ରତିଭା ଚୟନ ପ୍ରକ୍ରିୟା ନିମନ୍ତେ ବ୍ୟକ୍ତିଙ୍କ ବିଭିନ୍ନ ଦକ୍ଷତା ରହିଥିବା ଆବଶ୍ୟକତା ରହିଛି । କଂଗ୍ରେସ ଦଳ ପକ୍ଷରୁ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ନେଇ ପ୍ରକିୟା ଆରମ୍ଭ ହୋଇଥିବା ନେଇ ପ୍ରକାଶ କରିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ନିମାଇଁ ସରକାର, ନଗର ସଭାପତି ନରେନ୍ଦ୍ର କୁମାର ମହାନ୍ତି, ହାସାନ ମଦାନୀ, ନିହାର ବିଶୋୟୀ, କାନ୍ତ ପାଢ଼ୀ, ରାମ ନାୟକ, ପ୍ରଣବ କିଶୋର ନାୟକ, ବିଶ୍ୱଜିତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।




# ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ଜୟପୁର, ୨୯ ।୧୧(ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନର ୫ମ ବାର୍ଷିକି ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନିଶାମୁକ୍ତ ଭାରତ ଅଭିଯାନରେ ଶପଥପାଠ ସହିତ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସଚେତନତାଧର୍ମୀ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା । ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଉପାନନ୍ଦ ପାଣି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଯୁବପିଢୀଙ୍କ ମଧ୍ୟରେ ନିଶାର ପ୍ରଭାବ କିପରି ବୃଦ୍ଧି ଏବଂ କୁପରିଣାମ ସମ୍ପର୍କରେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଜାତୀୟସେବା ଯୋଜନା ଅଧିକାରିଣୀ ଯୁକ୍ତ ୩ ଶ୍ରେଣୀରେ ସୁନିତା କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁକ୍ତ ୨ ଜାତୀୟ ସେବା ଯୋଜନା ଅଧିକାରିଣୀ ସୀମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ବେଆଇନ୍ ପଥର ଖାଦାନ, କ୍ରସର ସିଲ୍ କଲା ପ୍ରଶାସନ



କୁନ୍ଦୁରା, ୨୯।୧୧(ସମିସ): ବିନା ଅନୁମତିରେ ଚାଲିଥିଲା ପଥର କୁଆଁରୀ । ଅଚାନକ ମାଡି ବାସିଲା ଜିଲ୍ଲା ପ୍ରଶାସନ । ସିଲ କଲା ପଥର କୁଆରୀ । ଏଭଳି ଘଟଣା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବାଣ୍ଡୁଆଗୁଡ଼ା ପଞ୍ଚାୟତ ନାରାଗାଁ କ୍ରସର ୟୁନିଟ ଓ ଫୁପୁଗାଁ ପଥର କୁଆରୀରେ ଦେଖିବାକୁ ମିଳିଛି । ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ପ୍ରଶାସନ ତତ୍ପରତା ଦେଖାଇଛି । ଗତ ୨୪ ତାରିଖ ଦିନ ଘଟଣା ସ୍ଥଳରେ ଜୟପୁର ଉପ ଜିଲ୍ଲାପାଳ ଏ ଶଶ୍ୟା ରେଡ୍ଡୀ ପହଞ୍ଚିଥିଲେ । କ୍ରସର ଚଳାଇବାର ଅନୁମୋତି କାଗଜ ପତ୍ର ଦେଖିବାକୁ ଚାହିଁଥିଲେ । ଲିଜ ଧାରୀ ତାରାତାରିଣୀ କନଷ୍ଟ୍ରକସନ୍ ପ୍ରାଇଭେଟ ଲିମିଟେଡ କିନ୍ତୁ କୌଣସି କାଗଜ ପତ୍ର ଦେଖାଇ ପାରିନ ଥିଲା । ଜୁନିଅର ମାଇନିଂ ଅଫିସର ସୌମ୍ୟ ରଞ୍ଜନ ସାହୁ, ତହସିଲଦାର ବିନୋଦ କୁମାର ନାଏକ, ରେଭିନ୍ୟୁ ସୁପରଭାଇଜର ବିରେନ୍ଦ୍ର ମଣ୍ଡଳ, ମସିଗାଁ ଆର୍‌ଆଇ ଭବାନୀ ଭତରା, ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଉପଜିଲ୍ଲାପାଳ ଉକ୍ତ ଅଞ୍ଚଳକୁ ନିଷିଦ୍ଧ ଘୋଷଣା କରିଥିଲେ । କ୍ରସର ଓ କୁଆଁରୀ ଚାରିପଟେ ଲାଲ ଝଣ୍ଡା ପୋତିଥିଲେ । ଏଥିରେ ବ୍ୟବହୃତ ବିଭିନ୍ନ ସମାଗ୍ରୀ ଓ ଯନ୍ତ୍ରପାତି ମଧ୍ୟରୁ ମିନି କ୍ରସର ମେସିନ୍, ୩୦୪୫ କ୍ୟୁଭିକ ମିଟର ଚିପ୍ସ, ଏକ୍ସାଭେଟର ୪ ଟା, ହାଇୱା (ଟିପର) ୨ଟା, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଏବଂ ଟି ୫୦୦ କେଭିଏ ଡିଜି ସେଟ ଆଦି ଜବତ କରାଯାଇଛି । ଜବତ ପରେ ଏସବୁକୁ ସମ୍ପୃକ୍ତ କମ୍ପାନୀ ମାଲିକ ସୋମନାଥ ପାତ୍ରଙ୍କୁ ଜିମା ଦିଆଯାଇଛି । ସେହିଭଳି ଫୁପୁଗାଁ ପଥର କୁଆରୀରେ ବର୍ଷେ ପାଇଁ ଲିଜ ଦିଆଯାଇଛି । ଗତ ଏପ୍ରିଲ ୧ ରୁ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅବଧି ରହିଛି ଓ ଏଥିରୁ ୩୦୬୯ କ୍ୟୁଭିକ ମିଟର ପଥର ଉଠାଇବାକୁ ଅନୁମତି ରହିଛି । ଅବଧି ସରିବାକୁ ଆଉ ୪ ମାସ ବାକି ଅଛି, କିନ୍ତୁ ଏଥିରୁ ଉଠାଯାଇଛି ୧୦ ହଜାର କ୍ୟୁଭିକ୍ ମିଟରରୁ ଅଧିକ ପଥର । ପ୍ରଶାସନ ଆଖିରେ ଧୂଳି ଦେଇ ପାଇଥିବା ଅନୁମତି ଠାରୁ ଦୁଇଗୁଣାରୁ ଅଧିକ ପଥର ଉଠାଇଛି କମ୍ପାନୀ । ବେଆଇନ ପଥର ଉଠାଇ ଥିବାରୁ କ୍ରସର ଓ ପଥର କୁଆରୀକୁ ସିଲ୍ କରି ଦିଆଯାଇଛି ।

# ୨୦ ଏକର ଜମିର ଗଞ୍ଜେଇ ଗଛ କଟାଗଲା


କୋରାପୁଟ/ଲମତାପୁଟ, ୨୯।୧୧(ସମିସ): ଅବକାରୀ ବିଭାଗ ଓ ପୁଲିସ୍ ଦ୍ୱାରା ମିଳିତ ଭାବେ ମାଛକୁଣ୍ଡ ଥାନା ସିକ୍ରେଲ ଏବଂ ମୁଣ୍ଡାପୁଟ ଉପକଣ୍ଠ ଜଙ୍ଗଲରେ ୨୦ ଏକର ଜମିରେ ଲାଗିଥିବା ଗଞ୍ଜେଇ ଗଛ କଟାଯାଇଥିବା ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ସିକ୍ରେଲ୍ ଓ ମୁଣ୍ଡାପୁଟ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ କରାଯାଇଥିବା ସୂଚନା ପାଇ ଶନିବାର ପୂର୍ବାହ୍ନରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସସ୍ଥିତିରେ ଗଞ୍ଜେଇ ଚାଷ ଜମିରେ ଚଢ଼ଉ କରାଯାଇଥିଲା । ମାଛକୁଣ୍ଡ ଥାନା ଅଧିକାରୀ ମଧୁସୂଦନ ଭୋଇ, ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକଙ୍କୁ ନେଇ ଗଠିତ ଟିମ୍ ଚଢ଼ଉ କରି ୨୦ ଏକର ଜମିରେ ଲାଗିଥିବା ପ୍ରାୟ ୨୪୦୦୦ ଗଞ୍ଜେଇ ଗଛ କଟାଯାଇଥିଲା । ଚଢ଼ଉରେ ଆଇଆରବି ଓ ଏପିଆର୍ ଫୋର୍ସ ଓ ବନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ ।



## କଫି ଉନ୍ନୟନ ଟ୍ରଷ୍ଟର ବୋର୍ଡ ବୈଠକ

# ୨୦୨୬ -୨୭ରେ ୫୦୦ ହେକ୍ଟରରେ କଫି ଚାଷ ପାଇଁ ଲକ୍ଷ୍ୟ

କୋରାପୁଟ, ୨୯।୧୧(ସମିସ)



ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ କୋରାପୁଟ କଫି ଉନ୍ନୟନ ଟ୍ରଷ୍ଟର ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ କୋରାପୁଟ କଫି ଡେଭଲପମେଣ୍ଟ ଟ୍ରଷ୍ଟର ଡେପୁଟି ଡାଇରେକ୍ଟର ସଚିଦାନନ୍ଦ ସ୍ୱାଇଁ, କଫି ବୋର୍ଡର ଏସଏଲଓ ଉପେନ୍ଦ୍ର ସାହା, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଟିଡିସିସିର ଆଶୁତୋଷ ନନ୍ଦଙ୍କ ସମେତ କଫି ଡେଭଲପମେଣ୍ଟ ଟ୍ରଷ୍ଟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ୨୦୨୬-୨୭ ଆର୍ଥିକ ବର୍ଷରେ ୫୦୦ ହେକ୍ଟର ଜମିରେ କଫିଚାଷ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା କୋରାପୁଟ କଫି ଡେଭଲପମେଣ୍ଟ ଟ୍ରଷ୍ଟର ଡେପୁଟି ଡାଇରେକ୍ଟର ଶ୍ରୀସ୍ୱାଇଁ କହିଛନ୍ତି । ଏହାଛଡା ୬ ହଜାର ହେକ୍ଟର ଛାୟାବୃକ୍ଷ ଲଗାଯିବା ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି । ମିଶନ ଶକ୍ତି ବିଭାଗ ଦ୍ୱାରା କଫି ଚାଷକୁ ଗୁରୁତ୍ୱ ଦେବା ସହ ମହିଳାଙ୍କୁ ମଧ୍ୟ ସ୍ୱାବଲମ୍ବୀ କରାଯିବ । ବିଭିନ୍ନ ନର୍ସରୀରେ ଏସଏଚଜି ମହିଳାମାନେ କଫି ଚାରାରୋପଣ କାର୍ଯ୍ୟରେ ଲାଗିଛନ୍ତି । ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆଗେଇ ଚାଲିଛି । କଫିରେ ମାଡି ଆସୁଥିବା ବେରିବୋର କୀଟକୁ ନେଇ ଆଲୋଚନା କରାଯାଇଥିଲା । ଆନ୍ଧ୍ର ପଟେ ଦେଖାଦେଇଥିବା ଏହି କୀଟ ଉପରେ ସ୍ୱତନ୍ତ୍ର ନଜର ରହିଥିବା ଡାଇରେକ୍ଟର ଶ୍ରୀସ୍ୱାଇଁ କହିଛନ୍ତି । ଉନ୍ନତମାନର କଫି କିପରି ଭାବେ ଆର୍ଥିକ ବର୍ଷ ୨୦୨୬ -୨୭ରେ କ୍ରୟ କରାଯିବ ସେନେଇ ଏକ ପ୍ରସ୍ତୁତି ବୈଠକ ଟିଡିସିସି, କଫିବୋର୍ଡ ଓ ଜିଲ୍ଲା ପ୍ରଶାସନକୁ ନେଇ ଆସନ୍ତା ଜାନୁଆରୀ ମାସରେ ହେବ ବୋଲି ସ୍ଥିର କରାଯାଇଛି ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୯ ।୧୧ (ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ ରେଡ୍ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଏଡ୍‌ସ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ଉପାନନ୍ଦ ପାଣି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ମନୋଜ କୁମାର ପଣ୍ଡା, ଲେପ୍ରା ସୋସାଇଟି କାଉନସିଲର ବିଜ୍ଞାନିକା ଦାସ, ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ । ଅଧ୍ୟକ୍ଷ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଏଡ୍‌ସର ସଚେତନତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ମନୋଜ କୁମାର ପଣ୍ଡା, ସାମ୍ପ୍ରତିକ ପଣ୍ଡା ପ୍ରମୁଖ ଏଚ୍‌ଆଇଭିର ଆଶଙ୍କା, ଲକ୍ଷଣ ଓ ପ୍ରତିକାର ଇତ୍ୟାଦି ବିଷୟରେ ଆଲୋଚନା କରିଥିବା ବେଳେ ଲେପ୍ରା ସୋସାଇଟି ପରିଶେଷରେ ଏଡ୍‌ସ ସମ୍ବନ୍ଧୀୟ ପୁସ୍ତିକା ଓ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଶିଶୁର ଶବ ବ୍ୟବଚ୍ଛେଦ ପାଇଁ ଟଙ୍କା ଦାବି କଲେ ଆଟେଣ୍ଡାଣ୍ଟ

● ଥାନା, ମେଡିକାଲ୍ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ
● କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ରାୟଗଡ଼ା, ୨୯।୧୧(ସମିସ)




ବର୍ତ୍ତମାନ ସମୟରେ ଅମାନବିକତା ଏକପ୍ରକାର ସୀମା ଟପିଥିବା ନଜରକୁ ଆସିଛି। ଏକ ୩ ବର୍ଷର ଶିଶୁର ଦୁଃଖଦ ମୃତ୍ୟୁ ହୋଇଥିବା ବେଳେ ତାହାର ଶବ ବ୍ୟବେଚ୍ଛଦ ପାଇଁ ହସ୍ପିଟାଲର ଜଣେ ଆଟେଣ୍ଡେଣ୍ଟ ୨ ହଜାର ଟଙ୍କା ତାଙ୍କ ପରିବାରଙ୍କଠାରୁ ଦାବି କରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଆଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଏବଂ ମେଡିକଲ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ।

ମିଳିଥିବା ସୂଚନା ପ୍ରକାରେ, କାଶିପୁର ବ୍ଲକ ଗୋରଖପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡ଼ା ଗ୍ରାମର କମ୍ବ ମାଝିଙ୍କ ୩ ବର୍ଷିୟ ଶିଶୁ ତରୁ ମାଝିଙ୍କ ଗତ ୨୮ ତାରିଖ ଦିନ ଗାଁ ନିକଟସ୍ଥ ନଦୀରେ ବୁଡ଼ି ମୃତ୍ୟ ହୋଇଥିଲା। ଏନେଇ ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଡାକ୍ତରଙ୍କ ଉପସ୍ଥିତିରେ ଆଟେଣ୍ଡାଣ୍ଟ ହୃଷିକେଶ ସାହୁଙ୍କ ସହଯୋଗରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ଡାକ୍ତର କାମ ସରିବା ପରେ ସେଠାରୁ ଚାଲି ଯାଇଥିବା ବେଳେ ହୃଷିକେଶ ପରିବାର ବର୍ଗଙ୍କୁ ଖୁସିରେ ଖର୍ଚ୍ଚ ଦିଅ ବୋଲି ଅର୍ଥ ଦାବି କରିଥିଲେ। ଶିଶୁପୁତ୍ରର ପିତାମାତା ବିସାଦରେ ଥିବା ବେଳେ ଗ୍ରାମବାସୀମାନେ ନିଜ ଭିତରେ ଚାନ୍ଦା ଆଦାୟ କରି ୫ ଶହ ଟଙ୍କା ଦେଇଥିଲେ। ତେବେ ଶ୍ରୀ ସାହୁ ପାଞ୍ଚଶହ ଟଙ୍କା ଗ୍ରହଣ ନ କରି ଦୁଇ ହଜାର ଟଙ୍କା ମାଗିଥିଲେ। ଗରିବ ଗ୍ରାମବାସୀମାନଙ୍କ ହାତରେ ଟଙ୍କା ନଥିବା ସତ୍ତ୍ୱେ ପୁଣି ଚାନ୍ଦା କରି ଏକ ହଜାର ଟଙ୍କା ନେବା ପାଇଁ ଅନୁରୋଧ କରିଥିଲେ। ତେବେ ଏଥିରେ ଶ୍ରୀ ସାହୁ କ୍ରୋଧିତ ହୋଇ ଉକ୍ତ ଟଙ୍କାକୁ ମୁହଁରେ ଫୋପାଡି ଦେବା ସହ ଦୁଃଖରେ ଥିବା ପିତାମାତା, ପରିବାର ବର୍ଗ, ଗ୍ରାମବାସୀ ଏବଂ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ମର୍ଯ୍ୟାଦାହାନି କରିବା ଭଳି ଆଚରଣ କରିଥିଲେ। ଯାହା ମାନବ ସଭ୍ୟତା ପାଇଁ କୁଚ୍ଛିତ, କଳୁସିତ ଏବଂ ନିନ୍ଦନୀୟ ବୋଲି ଗ୍ରାମର ଟଙ୍କଧର ସାହୁ, ଶଙ୍କର ମାଝୀ, ପୃଥିବାସ ମାଝୀ ଓ ଅନ୍ୟମାନେ ଲିଖିତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ସ୍ଥାନୀୟ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଅପରିପକ୍ୱ ଶିଶୁଙ୍କ ମୃତଦେହ ବ୍ୟବଚ୍ଛେଦରେ ସାଧାରଣତଃ କୌଣସି ଶୁଳ୍କ ଦାବି କରାଯାଇ ନ ଥାଏ। ବୁଦ୍ଧିଜୀବିମାନେ ଏହାକୁ ଆଟେଣ୍ଡେଣ୍ଟଙ୍କ ଅବାଂଛିତ ଅର୍ଥ ଦାବି ବୋଲି ଆକ୍ଷେପ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପରେ କାଶିପୁର ସିଏଚସି ମେଡିକଲ ଅଫିସର ତୁରନ୍ତ ଆଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିଡିଏମ୍‌ଓଙ୍କୁ ଚିଠି କରିଥିବା ଜଣାପଡ଼ିଛି। ଏଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଡାରୀ, ୨୯।୧୧(ସମିସ): ଗୁଡାରୀ ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରିଡ଼ା ଉତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗୁଡାରୀ ସରକାରୀ ଉଚ୍ଚବିଦ୍ୟାଳୟର କ୍ରିଡା ଶିକ୍ଷକ ରାଧାକାନ୍ତ ଗୁରୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନେ ମା' ଭଣ୍ଡାର ଘର ଠାରୁ ମଶାଲ୍ ନେଇ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ସମ୍ପାଦକ ପ୍ରଫୁଲ ଦେଓ, ଉପସଭାପତି ଗୋପିନାଥ ଗୌଡ ଉପସ୍ଥିତ ଥିଲେ। ୧୦୦, ୨୦୦ ମିଟର ଦୌଡ଼, ଗୋଳାଫିଙ୍ଗା, ଥାଳିଆ ଫିଙ୍ଗା, ଉଚ୍ଚ ଡିଆଁ, ଲମ୍ବଡିଆ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା, କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିବାବେଳେ କ୍ରିଡା ପ୍ରତିଯୋଗିତା ୩ଦିନ ଧରି ଚାଲୁରହିବ ବୋଲି ପ୍ରଧାନ ଆଚାର୍ଯ୍ୟ ଦିଲିପ ସାହୁ କହିଛନ୍ତି।

## ଦୁଇଦିନିଆ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

# ଲୋକନୃତ୍ୟରେ ରାୟଗଡ଼ା ଆଜାଦ ହିନ୍ଦ ୟୁଥ୍ ଆସୋସିଏସନ ପ୍ରଥମ



ରାୟଗଡ଼ା, ୨୯।୧୧(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ଯୁବ ଉତ୍ସବ -୨୦୨୫ ଆଜି ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଲୟନ୍ସ କ୍ଲବଠାରେ ଗତକାଲି ଓ ଆଜି ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଲୋକନୃତ୍ୟ ପ୍ରତିଯୋଗିତାରେ ଆଜାଦ ହିନ୍ଦ ୟୁଥ ଆସୋସିଏସନ ପ୍ରଥମ, ସିଦ୍ଧାନ୍ତ କଳା ପରିଷଦ ମୁନିଗୁଡା ଓ ସାବିତ୍ରୀ ଶବର ଓ ସାଥି କଳାକାର, ରାମନାଗୁଡ଼ା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଚିତ୍ରକଳା ପ୍ରତଯୋଗିତାରେ ଅଜିତ ସାରକା, ବିଷମ କଟକ ଓ ରାୟଗଡ଼ାର ସଞ୍ଜୟ ମିନିଆକ, ରାଜା ନିସିକା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଘୋଷଣା ନାମାରେ ରାଜେଶ୍ୱରୀ ଭଟରାୟ, ରାୟଗଡ଼ା, ସୁରଜ କନ୍ଦପାଣୀ ଓ ବାବୁଲି ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। କବିତା ଲିଖନ ପ୍ରତିଯୋଗିତାରେ ସୁରଜ କାଣ୍ଡପାଣି, ରାୟଗଡ଼, ସୁରଜ କରକରିଆ, ଗୁଡାରି ଓ ମୃଣମୋୟୀ କଣ୍ଡଗୋରି, ରାମନାଗୁଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଥିଲେ। ଲୋକ ସଙ୍ଗୀତ ପ୍ରତିଯୋଗିତାରେ ଆଜାଦ ହିନ୍ଦ ଦଳ, ରାୟଗଡ଼, ରାହୁଲ ପାଲାକା ଓ ସାଥି କଳାକାର, ବିଷମ କଟକ, ଲିପ୍ସା ଶବର ଓ ସାଥି କଳାକାର, ରାମନାଗୁଡ଼ା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ଦଳ କିମ୍ବା ବ୍ୟକ୍ତି ରାଜ୍ୟସ୍ତରୀୟପ୍ରତିଯୋଗିତାରେଅଂଶଗ୍ରହଣ କରିବେ। ଏହି ପୁରସ୍କାର ପ୍ରଦାନ ବେଳେ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାଶିଶୁ ସୁରକ୍ଷା ଅଧିକାରୀ ମହାଦେବ ସିଛୁଆଁ, ଆଜିତେଶ ପଟ୍ଟନାୟକ, ଶିବ ନାରାୟଣ ମିଶ୍ର, ତରୁଣ ମହାପାତ୍ର, ଅଧାପକ ରଘୁନାଥ ଭୁଏ, ଜେ ସୁକାନ୍ତ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବରେ ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ, ନାଟ୍ୟ ନିର୍ଦ୍ଦେଶକ ଶିବଶଙ୍କର ମିଶ୍ର, ନୃତ୍ୟଗୁରୁ ତ୍ରିଲୋଚନ ସାହୁ, ରାଜେଶ ପାଢ଼ୀ, ରଘୁନାଥ ଭୁଏ, ଶିକ୍ଷୟିତ୍ରୀ କସ୍ତୁରୀ ସାହୁ, ଶିକ୍ଷକ ଜେ. ସୁକାନ୍ତ, ଶିକ୍ଷକ ଆଲୋକ ସାହୁ ଓ ଅନ୍ୟାନ୍ୟ ଶିକ୍ଷକମାନେ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ; ଜଣେ ଗିରଫ



ରାୟଗଡ଼ା, ୨୯।୧୧(ସମିସ): ଗୁରୁବାର ରାତ୍ରରେ ୧୦କେଜି ୨୫୦ଗ୍ରାମ ଗଞ୍ଜେଇ ଜବତ ସହ ଜଣେ ମହିଳାଙ୍କୁ ରାୟଗଡ଼ା ଜିଆରପି ଥାନା ପୁଲିସ ଗିରଫ କରିଥିବା ବେଳେ ଏହାର ୨୪ଘଣ୍ଟା ମଧ୍ୟରେ ପୁଣି ଜିଆରପି ପୁଲିସକୁ ମିଳିଛି ଆଉ ଏକ ସଫଳତା। ଗତକାଲି ରାତ୍ରରେ ପ୍ଲାଟଫର୍ମରେ ଯାଞ୍ଚ ବେଳେ ୬୨କେଜି ୮୬୦ଗ୍ରାମ ଓଜନର ଗଞ୍ଜେଇ ଜବତ କରିବା ସହ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ଜିଆରପି ପୁଲିସ। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬ ଲକ୍ଷ ୨ ହଜାର ୮୬୦ ଟଙ୍କା ବୋଲି ପୋଲିସ ଅନୁମାନ କରିଛି। ଏନେଇ ମିଳିଥିବା ସୂଚନା ପ୍ରକାରେ ଜିଆରପିଏସ ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇ ନିୟମିତ ଭାବେ ରାୟଗଡ଼ା ରେଳ ଷ୍ଟେସନର ସମସ୍ତ ପ୍ଲାଟଫର୍ମରେ ପାଟ୍ରୋଲିଙ୍ଗ ଯାଞ୍ଚ କରାଯାଇଥାଏ। ଗତକାଲି ପ୍ଲାଟଫର୍ମରେ ଯାଞ୍ଚ ବେଳେ ରାୟଗଡ଼ାରୁ ବିଶାଖାପାଟଣାମକୁ ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ସାନୁ (୩୬)ନାମକ ଜଣେ ଯାତ୍ରୀଙ୍କ ଠାରେ ଥିବା ବ୍ୟାଗକୁ ସନ୍ଦେହ କରି ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ସେଥିରେ ଗଞ୍ଜେଇ ଥିବା ପୁଲିସ ଜାଣିବାକୁ ପାଇବା ପରେ ଗଞ୍ଜେଇକୁ ଜବତ କରି ସାନୁକୁ ଅଟକ ରଖି ଅଧିକ ପଚରାଉଚରା କରିଥିଲେ। ପରେ ଜିଲ୍ଲା ପ୍ରଶାସନର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ପ୍ୟାକେଟକୁ ଓଜନ କରାଯାଇଥିଲା। ଯାହାର ଓଜନ ୬୨କେଜି ୮୬୦ଗ୍ରାମ ଥିଲା। ଅଭିଯୁକ୍ତ ସାନୁର ଘର ଉତର ପ୍ରଦେଶର ମିରୁଟ ଜିଲ୍ଲା ଖରଖାଉଦା ଥାନା ଅନ୍ତର୍ଗତ ଉଲଧାନ ଗ୍ରାମରେ ବୋଲି ପୋଲିସ ସୂଚନା ଦେଇଛି। ଏହି ଯାଞ୍ଚ ବେଳେ ସ୍କାର୍ଡ ଟିମରେ ଜିଆରପି ଥାନା ଅଧିକାରୀ ବିନୟ ପ୍ରକାଶ ମିଞ୍ଜ, ଇନ୍ସପେକ୍ଟର ଆଲୋକ ନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ, ଏଏସଆଇ ବେଲାଲ ସେନ ହଲବା, ଏଏସଆଇ ମଳୟ ମାଝି, କନେଷ୍ଟବଲ ଅନୁଜଚନ୍ଦ୍ର ବୈଦଭୂଷଣ ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ୫ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ





ରାମନାଗୁଡ଼ା/ରାୟଗଡ଼ା, ୨୯।୧୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଶୁଣ୍ଡିଧାମୁଣୀ ପଞ୍ଚାୟତର ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡି)ପାଲୁପାଇ ଠାରେ ଠକ୍କର ବାପାଙ୍କ ଜନ୍ମ ଜୟନ୍ତୀ ଅବସରରେ ପାଞ୍ଚ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ମଞ୍ଚାସୀନ ଥିବାବେଳେ ମୁଖ୍ୟବକ୍ତା ଭାବେ କଲ୍ୟାଣ ବିଭାଗର ଶିକ୍ଷା ମଣ୍ଡଳାଧିଷ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥି ରୂପେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବାଲାଜୀ ବିଦ୍ୟାପୀଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଉତ୍କଳ ସ୍ୱାଭିମାନ ମଞ୍ଚ ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର, ରାମଜି ଡିଗ୍ରୀ ମହାବିଦ୍ୟାଳୟ କନିସି ପ୍ରିନ୍ସପାଲ ନିହାର ରଞ୍ଜନ କର, ଗଞ୍ଜାମ ଜିଲ୍ଲା ବମକେଇର ସେବନନ୍ଦ ସରସ୍ୱତୀ ଡିଗ୍ରୀ ମହାବିଦ୍ୟାଳୟ ପ୍ରିନ୍ସପାଲ ଯୁଧିଷ୍ଠିର ସ୍ୱାଇଁ, ବାଳିକା ଉଚ୍ଚ ବିଦ୍ୟାଳୟ ପାଲୁପାଇ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶ, ବିଦ୍ୟାଳୟ ପରିଚାଳନା ସଭାପତି ଅନନ୍ତ କଣ୍ଡାଗରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପାଞ୍ଚ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଗୁଡିକ ସମନ୍ୱି ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗୁଣୁପୁର ଅଜୟ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା, ଉତ୍କଳ ସ୍ୱାଭିମାନ ମଞ୍ଚ ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର, ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀ ସଭାପତି ରାଧାକାନ୍ତ ଦାଶ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶଙ୍କ କରକମଳରେ ସ୍ଥାପିତ ହୋଇଥିଲା। ଏଥିରେ ରୋବାଡି ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଲୁଣ୍ଠି ଉଚ୍ଚ ବିଦ୍ୟାଳୟ, ବଡ଼ ଖିଲାପଦର ଉଚ୍ଚ ବିଦ୍ୟାଳୟ, ବାଙ୍କିଲି ଉଚ୍ଚ ବିଦ୍ୟାଳୟ, ଡାଙ୍ଗସୋରଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ପାଲୁପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ବିମଳ ରାଇକା, ପି. କିରଣ କୁମାର, ଶିକ୍ଷୟିତ୍ରୀ ସୁବାସିନୀ ସାମଲ, ଆୟୁସୁର୍ଯ୍ୟା ମହାନ୍ତି, ଅର୍ଚ୍ଚନା ଜେନା, ସୁଜାତା ଉଲ୍ଲକାଙ୍କ ସହିତ ବିଦ୍ୟାଳୟର ମହିଳା ସ୍ୱାସ୍ଥ୍ୟ କର୍ମୀ, ସିସିଏମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଗାଁ ଓଡ଼ିଶାର; ଆନ୍ଧ୍ରରୁ ମିଳୁଛି ମୌଳିକ ସୁବିଧା

ମାଲକାନଗିରି, ୨୯ ।୧୧(ସମିସ)



ଓଡ଼ିଶାର ଅନେକ ଗାଁ ବିଭିନ୍ନ ରାଜ୍ୟର ସୀମାକୁ ଲାଗି ରହିଥିବା ବେଳେ ଅନେକ ଗ୍ରାମରେ ଲୋକେ ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବାର ଅନେକ ନଜିର ରହିଛି। ପଡୋଶୀ ରାଜ୍ୟ ଗୁଡିକ ମଧ୍ୟ ଏହାର ଅନେକ ଫାଇଦନେଇ ଓଡ଼ିଶାର ଗ୍ରାମକୁ ନିଜ ରାଜ୍ୟରେ ମିଶାଇବା ପାଇଁ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି। ହେଲେ ଏହାପରେ ମଧ୍ୟ ଅନେକ ସ୍ଥାନରେ ଆଜିବି ଏପରି ଚିତ୍ର ଦେଖିବାକୁ ମିଳୁଛି।ଯେଉଁଠି ଓଡ଼ିଶା ଲୋକେ ପଡ଼ିସା ଭାରସାରେ ଚଳୁଛନ୍ତି। ତେବେ ଏପରି କିଛି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମରୁ। ଏହି ଗାଁକୁ ଯିବାକୁ ହେଲେ ବଣ୍ଡାଘାଟି ଦେଇ ଏକ ବୋଟ ଯୋଗେ ଯନ୍ତ୍ରୀ ପଞ୍ଚାୟତର ତାବେର ଗାଁକୁ ଯିବାକୁ ହୁଏ। ସେଠାରୁ ଏକ ଛୋଟିଆ ନାଳ ପାରି ହୋଇ ଦୋରାଗୁଡ଼ା ଗାଁକୁ ଯାଇ ହୁଏ। ତେବେ ଓଡ଼ିଶାର ଏହି ଗାଁ ହୋଇଥିଲେ ହେଁ, ପ୍ରଶାସନ ପକ୍ଷରୁ ସେଠାରେ ସେଭଳି କୌଣସି ସୁବିଧା ଯୋଗାଇ ଦିଆଯାଇ ନଥିବା ବେଳେ ଆନ୍ଧ୍ର ପକ୍ଷରୁ ଗାଁକୁ ବିଜୁଳି, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ ଓ ଡାକ୍ତରଖାନାର ନିର୍ମାଣ କାମ ଚାଲିଛି। ତେବେ ପୂର୍ବରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଜମି ପଟ୍ଟା, ରାସନ୍ କାର୍ଡ, ଜବ କାର୍ଡ ଏବଂ ଆଧାର କାର୍ଡ ଲୋକମାନଙ୍କୁ ଯୋଗାଇ ଦିଆଯାଇଥିଲା। କିନ୍ତୁ କୌଣସି ଯୋଜନାର ସୁବିଧା ଏମାନେ ପାଉନଥିଲେ, ତେଣୁ ବାଧ ହୋଇ ଆନ୍ଧ୍ର ଉପରେ ନିର୍ଭର କରୁଥିବା କହିଛନ୍ତି ଏଠାକାର ଗ୍ରାମବାସୀ। ଏହାର ସୁଯୋଗ ନେଇ ଆନ୍ଧ୍ର ଏମାନଙ୍କୁ ପ୍ରଲୋଭନ ଦେଖାଇ ନିଜ ରାଜ୍ୟରେ ମିଶାଇବାକୁ ଉଦ୍ୟମ ଜାରି ରଖିଛି। ସରକାରୀସ୍ତରରେ ଉଦାସୀନତା ଯୋଗୁଁ ଏମାନେ ମଧ୍ୟ ଆନ୍ଧ୍ର ମୁହାଁ ହେଉଥିବା କହିଛନ୍ତି। ଏମିତି ଅନେକ ଗାଁ ରହିଛି ଯେଉଁମାନେ ସୀମାନ୍ତରେ ରହି ଓଡ଼ିଶାର ହୋଇ ମଧ୍ୟ ଏମାନେ ଓଡ଼ିଶା ସରକାରଙ୍କ କୌଣସି ସୁବିଧା ପାଉନାହାନ୍ତି। ଯାହାର ସିଧା ଲାଭ ଉଠାଉଛି ଆନ୍ଧ୍ର। ତେବେ ବେଳ ଥାଉ ଥାଉ ଯଦି ସରକାରୀ ଓ ପ୍ରଶାସନିକ ସ୍ତରରେ ଏପରି ଗ୍ରାମ ଗୁଡିକର ସମସ୍ୟାର ସମାଧାନ କରାନଯାଏ ତେବେ ଆଗକୁ ଅନେକ ଗ୍ରାମ ପଡୋଶୀ ରାଜ୍ୟ ମୁହାଁ ହେବାର ସମ୍ଭାବନା ରହିଛି।

● ଖେଲୋ ଇଣ୍ଡିଆ: ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା

# ସ୍ୱର୍ଣ୍ଣ ପଦକ ଜିତିଲେ ଦିନ ମଜୁରିଆଙ୍କ ଝିଅ



ମୁନିଗୁଡା, ୨୯ ।୧୧(ସମିସ): ଶୁକ୍ରବାର ରାଜସ୍ଥାନର ଗଙ୍ଗା ସିଂ ବିଶ୍ୱବିଦ୍ୟାଳୟର ବିକାନେର ଷ୍ଟାଡିୟମ୍‌ରେ ଚାଲିଥିବା ଖେଲୋ ଇଣ୍ଡିଆ ଜୁନିୟର ଓ ସିନିୟର ମହିଳା ଭରୋତ୍ତୋଳନ ପ୍ରତିଯୋଗିତାରେ ରାୟଗଡ଼ା ଜିଲ୍ଲା ଅମ୍ବାଦଳାର ଦିନ ମଜୁରିଆ ସାଇ କ୍ରୀଷ୍ଣାଙ୍କ ଝିଅ ମାଗନ୍ତି କୀର୍ତ୍ତି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମାଗନ୍ତି କୀର୍ତ୍ତି ୮୬ କେଜି କାଟେଗୋରୀରେ ସିନିୟର ବିଭାଗରେ ଏହି ସ୍ୱର୍ଣ୍ଣ ପଦକ ଜିତି ଥିବା ଜଣାପଡ଼ିଛି। ସେ ସ୍ନାଚରେ ୭୯ ଏବଂ କ୍ଲିନ ଆଣ୍ଡ ଜର୍କରେ ୧୦୭ କେଜିକୁ ମିଶାଇ ମୋଟ ୧୮୬ କେଜି ଭାରୋତ୍ତୋଳନ କରିଥିଲେ। ଖବର ଶୁଣିବା ପରେ ଅମ୍ବାଦଳାବାସୀ ମାଗନ୍ତି କୀର୍ତ୍ତିଙ୍କୁ ଶୁଭେଚ୍ଛା ଦେବା ସହ ଭବିଷ୍ୟତ ଲାଗି ଶୁଭ କାମନା ଜଣାଇଛନ୍ତି। ତେବେ ମାଗନ୍ତିଙ୍କ ନିଜ ଘର ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ଲାଭଟା ପଞ୍ଚାୟତ ହାଟପଦା ସାହିରେ ହୋଇଥିବା ବେଳେ ତାଙ୍କ ବାପା ଜଣେ ଦିନ ମଜୁରିଆ। ସେ କଳାହାଣ୍ଡି ଜିଲ୍ଲା ରାମପୁରଠାରେ ଏକ ପାମୋଅଏଲ ବଗିଚାରେ ଦିନ ମଜୁରି ହିସାବରେ କାମ କରୁଛନ୍ତି। ମାଗନ୍ତି ତାଙ୍କ ମାମୁ ଘର ଆନ୍ଧ୍ର ପ୍ରଦେଶର ଗୋଦାବରୀ ଠାରେ ରହି ପାଠ ପଢ଼ିବା ସହ ଭାରୋତ୍ତୋଳନ ଅଭ୍ୟାସ କରୁଥିଲେ। ସେ ବର୍ତ୍ତମାନ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ। ବିଭିନ୍ନ ସମୟରେ ଅନ୍ୟ ରାଜ୍ୟମାନଙ୍କରେ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇ ରୌପ୍ୟ, ବ୍ରୋଞ୍ଜ୍ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।




# ବିପର୍ଯ୍ୟୟ ପ୍ରଶମନ ଓ ପ୍ରାଥମିକ ଚିକିତ୍ସା ତାଲିମ




ରାୟଗଡ଼ା, ୨୯।୧୧(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତଥା ଓଷ୍ଟ୍ରାମା ତରଫରୁ ରାୟଗଡ଼ା ସଦର ବ୍ଲକ କାମ୍ପ ମାଲିଗାଁଠାରେ ଦୁଇ ଦିନିଆ ବିପର୍ଯ୍ୟୟ ପ୍ରଶମନ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ତାଲିମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ। ଏଥରେ ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୯ ବର୍ଷରୁ କମ୍ ୩୦ ଜଣ ବାଳିକା ଯୋଗଦେଇଥିଲେ। ଆପଦକାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର ସହିତ ସପକାମୁଡା, ବିଜୁଳି, ଘଡଘଡି ସମୟରେ ଜୀବନ ରକ୍ଷା, ପଶୁପକ୍ଷୀଙ୍କ ଜୀବନ ରକ୍ଷା, ଆକସ୍ମିକ ଦୁର୍ଘଟଣା ସମୟରେ ପ୍ରାଥମିକ ଚିକିତ୍ସା ଆଦି କୌଶଳ ଗୁଡିକର ଅଭ୍ୟାସ କରାଯାଇଥିଲା। ଓଷ୍ଟ୍ରମା ଦ୍ୱାରା ତାଲିମପ୍ରାପ୍ତ ଦୁଇଜଣ ସମ୍ବଲ ବାଳିକା ମିତାଲି ସାହୁ ଓ ବୈଶାଖୀ ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଫାଷ୍ଟ ଏଡ୍ କିଟ୍ ବଣ୍ଟନ କରାଯାଇଥିଲା। ଶେଷରେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଲ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ପିଇଓ ପଲ୍ଲବୀ ପ୍ରିୟନାଥ, ପେସା ସଞ୍ଜୋଜକ ଯୋଗେନ୍ଦ୍ର ନାୟକ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

ନନ୍ଦିଘୋଷ

## 'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

ସୃଜନିକା

ସକାଳ
THE SAKALA
www.sakalaepaper.com

# ମେଳାରେ ହଜିଥିବା ପିଲାଟି



ମୂଳ ଇଂରାଜୀ : ମୁଲ୍କ ରାଜ୍ ଆନନ୍ଦ
ଅନୁବାଦ : ପୁଷ୍ପାରାଣୀ ପଟେଲ


ବସନ୍ତ ଉତ୍ସବର ସମୟ। ଗାଁ ଗାଁରେ ମେଳା। ଗାଁକୁ ଲମ୍ବିଥିବା ସେଇ ପତଳା ସରୁ ଗଳି ରାସ୍ତାଟିରେ ଲୋକଙ୍କର ପ୍ରବଳ ଭିଡ଼। କିଛି ଲୋକ ପାଦରେ ଚାଲି ଚାଲି ଆସୁଥିବା ବେଳେ, ବେଶ୍ କିଛି ଥିଲାବାଲା ଲୋକ ଆସୁଥିଲେ ଘୋଡ଼ା ଗାଡ଼ିରେ, ଆଉ କିଛି ପୁଣି ସେଇ ବାଉଁଶ ତିଆରି ଶଗଡ଼ ଗାଡ଼ିରେ। ଲୋକଙ୍କର ଏଇ ମେଳା ପାଇଁ ଆକର୍ଷଣର ଦୃଶ୍ୟ ବେଶ୍ ହୃଦଗ୍ରାହୀ ଥିଲା। ତା'ଠାରୁ ଆହୁରି ଅଧିକ ଆକର୍ଷଣୀୟ ଥିଲା ସେଇ ପିଲାଟିର ଚଞ୍ଚଳତା। ନିଜ ମାଆ, ବାବାଙ୍କ ସାଥିରେ ମେଳା ଦେଖି ଯିବାର ଚରମ ଖୁସି ବାରି ହେଇ ପଡୁଥିଲା ତା' ପାଦର ଛନ୍ଦରୁ, ମୁହଁର ହସରୁ!

ମାଆ ଡାକିଲେ, "ଏପଟେ ଆସ୍ ବାବା! ଆସିଲୁ ...ଆସିଲୁ...ଶୀଘ୍ର ଆସ୍!" ତା' ନଜର କିନ୍ତୁ ଲାଖି ରହିଥିଲା ସେଇ ରାସ୍ତା କଡ଼ର ଖେଳଣା ଦୋକାନର ଖେଳଣାଗୁଡ଼ିକ ଉପରେ। ସେ ଭାବିଲା - ବାପାଙ୍କୁ କହିବ କି, ଖେଳଣାଟିଏ କିଣି ଦେବା ପାଇଁ। ତେବେ ବାପାଙ୍କର କଟମଟ ଚାହିଁଥିବା ନାଲି ଆଖିକୁ ଦେଖି ଅଟକିଗଲା, କହିଲାନି କିଛି।

ମାଆ ତା'ର ମନ ଭୁଲାଇବା ପାଇଁ ତାକୁ କହିଲେ, "ହେଇ ଦେଖ୍... ସେପଟେ ଦେଖ୍ ...କି ସୁନ୍ଦର ଦିଶୁଛି, ଦେଖ୍।" ସେ ଆଖି ଉଠାଇ ଚାହିଁଲା ତ ଦିଶିଗଲା ମାଇଲ ମାଇଲ ଦୂର ଯାଏ ଲମ୍ବିଥିବା ସୁନାରଙ୍ଗ ଫୁଲର ସୋରିଷ କ୍ଷେତ। ତା' ଉପରେ ଉଡ଼ି ବୁଲୁଥିଲେ ବାଇଗଣୀ ରଙ୍ଗର ପ୍ରଜାପତି। ସେ ଫୁଲ ଓ ପ୍ରଜାପତି ଏତେ ସୌନ୍ଦର୍ଯ୍ୟରେ ଭରପୂର ଥିଲେ ଯେ କେହି ବି ଟାଣି ହେଇଯିବ ସେମାନଙ୍କ ଆଡ଼କୁ। ପିଲାଟି ବି ଅବାକ୍ ହୋଇ ଚାହିଁ ରହିଥିଲା।

ଏତିକି ବେଳେ ମାଆ ପୁଣି ଡାକିଲେ ତାକୁ "ଆ...ଆ.... ଏଇପଟେ ଆ! ଶୀଘ୍ର ଆ, ଏଇ ଛାଇ କଡ଼କୁ!" ସେଇ ରାସ୍ତାକଡ଼ର ନଳକୂଅର ଛାଇ ପାଖରେ ଜମିଥିବା ପାଣିରେ ଦୃଶ୍ୟ ହେଉଥିଲେ ଅସଂଖ୍ୟ ଛୋଟ ଛୋଟ ପୋକ ଜୋକ। ସେମାନେ ବି ତା' ଦୃଷ୍ଟି ଆକର୍ଷଣ କରିନେଲେ ସେମାନଙ୍କ ନିଜ ଆଡ଼କୁ। ନଳକୂପ ଉପରେ ଥିବା ଏକ ବଡ଼ ଗଛଟିରେ ଥିଲା ଗୋଟିଏ ଫୁଲ କୁଞ୍ଜ। ତାକୁ ଛୁଉଁ ଛୁଉଁ ତା' ଉପରେ ଲଦି ହୋଇପଡ଼ିଲେ ବେଶ୍ କିଛି ଫୁଲ। ସେଇ ଭିତରୁ ଡାକିଲା ବି କୋଇଲି ଟିଏ ତା' ସୁନ୍ଦର ସ୍ୱରରେ କୁହୁ ...କୁ...ହୁ...! ପିଲାଟି ପାଟି କରି ଉଠିଲା, "ବାବା...ଶୁଣ...ଶୁଣ...କୋଇଲିଟିଏ ଡାକୁଛି...କୁହୁ...କୁ...ହୁ...!" ଅନ୍ୟମନସ୍କତାରେ ତା' ହାତରୁ ଗଳି ପଡ଼ିଥିଲା ସେ ସାଉଁଟିଥିବା ଫୁଲକୁ।

"ବାବା... ଶୀଘ୍ର ଆସେ... ଏଇପଟେ...।" ମାଆ ଓ ବାବା ତା'ର ଲୁଚି ଯାଉଥିଲେ ସୋରିଷ କ୍ଷେତର ଆଢୁଆଳରେ। ସେ ଧାଇଁଲା ଦ୍ରୁତଗତିରେ ତା' ମାଆ, ବାବାଙ୍କ ନିକଟକୁ । ଏବେ ନିକଟବର୍ତ୍ତୀ ହୋଇ ଆସୁଥିଲା ମେଳାର



ମୁଖ୍ୟ ଜାଗା, ଦିଶୁଥିଲା ପ୍ରବଳ ଭିଡ଼, ଲୋକଙ୍କର ହଜିଯିବା ଭଳି ଗହଳି।

ମେଳା ଭିତରେ ପଶୁ ପଶୁ ତା' କାନରେ ପଡ଼ିଲା ମିଠେଇ ବାଲାର ଡାକ, "ଏପଟେ ଆସ...ନିଅ...ନିଅ...ମିଠା... ମିଠା... ଗୁଲାବ୍ ଜାମୁନ୍, ରସଗୋଲା, ବର୍‌ଫି, ଜିଲାପି... ସୁଆଦିଆ...ସୁଆଦିଆ...ଜିଲାପି !" ବର୍‌ଫି ତାର ଖୁବ୍ ପ୍ରିୟ ! ବର୍‌ଫି ନାଁ ଶୁଣି ତା' ପାଟିରୁ ଲାଳ ଗଡ଼ି ଆସିଲା। ସେ କିନ୍ତୁ ଭଲରେ ଜାଣେ ଏବେ ବର୍‌ଫି କିଣିବାକୁ ଜିଦ୍ କଲେ ବାପା ତା'ର ଖୁବ୍ ରାଗିବେ। ସେ ତେଣୁ ବଢ଼ିଗଲା ଆଗକୁ। ଦୋକାନୀଟିଏ ଡାକୁଥିଲା, "ନିଅ...ନିଅ...ଫୁଲର ହାର ନିଅ!" ପିଲାଟି କହିଲା, "ଆଃ...କେତେ ସୁନ୍ଦର ଏ ଫୁଲର ହାର, ମୋତେ ଗୋଟାଏ ଲୋଡ଼ା।" ତେବେ ମାଆ,ବାପା ତ କିଣିଦେବେନି ଫୁଲମାଳ। ତେଣୁ ସେ ଚୁପ୍ ରହି ପୁଣି ଦୌଡ଼ିଲା ମାଆ ବାପାଙ୍କ ପଛରେ। ବେଲୁନ୍‌ବାଲାର ବଡ଼ ବାଡ଼ିଟିରୁ ଉଡ଼ି ବୁଲୁଥିଲେ ହଳିଦିଆ, ନାଲି, ନେଳି,ବାଇଗଣୀ ରଙ୍ଗର ଭଳିକି ଭଳି ଆକର୍ଷଣ ବେଲୁନ୍। ସେମାନଙ୍କୁ ଦେଖି ତା' ପାଦ ଦୁଇଟି ଅଟକି ଗଲେ ସେଇଠି। ମନ ତା'ର କହୁଥିଲା, "ଏ ସବୁତକ ବେଲୁନ୍ ନେଇ ଯାଆନ୍ତା କି ତା'ର !" ମାଆ, ବାପାଙ୍କୁ କହିବ କି କିଣିଦେବା ପାଇଁ – ସେ ଭାବିଲା ଘଡ଼ିଏ। ତା' ପରେ ପୁଣି ମନକୁ ମନ, ନିଜକୁ ନିଜେ କହିଲା – ହେଃ ...ମନା କରିବେ ବାପା। କହିବେ- କେତୁଟେ ହେଲୁଣି ବେଲୁନ୍ ଗୋଟାଏ କ'ଣ।

ଅଳ୍ପ ଦୂରରେ ସାପୁଆ କେଳାଟି ଖୁବ୍ ତନ୍ମୟତାର ସହ ତା'ର ବିନ୍ ବଜାଉଥିଲା ଓ ତା' ସ୍ୱରର ତାଳେ ତାଳେ ଫଣା ଟେକି ନାଚ ଦେଖାଉଥିଲା ସେଇ ବିଷଧର ନାଗ ସାପଟି। ତା'ର ମନେ ହେଲା ଠିଆହୋଇ ଘଡ଼ିଏ ସେଇଠି ଦେଖିବ ନାଚ। ତେବେ ମାଆ, ବାପା ଆଗକୁ ବଢ଼ିଯାଉଥିବା ଦେଖି ଧାଇଁଲା ସେମାନଙ୍କ ପଛରେ। କିଛି ଦୂର ଆଗରେ ଦୃଶ୍ୟ ହେଉଥିଲା ବଡ଼ ବଡ଼ ଦୋଳି। ସେ ଦେଖିଲା ସତୃଷ୍ଣ ନୟନରେ ସେଇ ଦୋଳିରେ ବସିଥିବା ସ୍ତ୍ରୀ, ପୁରୁଷ ଓ ଛୋଟ ଛୋଟ ଛୁଆମାନଙ୍କୁ। ସେମାନେ ହସୁଥିଲେ ଖୁସିରେ। ତା'ର ମଧ୍ୟ ବହୁତ ଇଚ୍ଛା ହେଲା ସେ ବି ମାଆ ,ବାପାଙ୍କ ସାଥିରେ ତା'ର ଦୋଳିରେ ବସିବ ଓ ହସିବ। ଖୁସି ହେବ ସେମାନଙ୍କ ପରିକା। ସେ ସେଇ ଦୋଳିକୁ ଚାହିଁ ଚାହିଁ ଡାକିଲା: "ମାମା...ମାମା...ବାବା...ବାବା... ।

ଫେରିଲାନି କୌଣସି ପ୍ରତ୍ୟୁତ୍ତର। ଏବେ ଭୟରେ ସେ ଫେରି ଚାହିଁଲା ପଛକୁ। ଦେଖି ପାରିଲାନି ମାଆ, ବାବାଙ୍କୁ ତା'ର। ତା' ମନରେ ଛନକା ପଶିଲା। ଗଳି ପାଖକୁ ଯାଇ, ଭିଡ଼ ପାଖକୁ ଯାଇ ଖୋଜିଲା ମାଆ, ବାବାଙ୍କୁ ତା'ର। କାହିଁ କେଉଁଠି ବି ନ ଥିଲେ ସେମାନେ। ଏବେ ଭୟରେ କାନ୍ଦିବାକୁ ଆରମ୍ଭ କରିଥିଲା ସେ। ଏପାଖସେପାଖ ଦୌଡୁଥିଲା ଭୟରେ। ପାଟିରୁ ଶୁଭୁଥିଲା ମାମା...ମାମା...ବାବା... ବାବା...। ପଡ଼ି ଉଠି ଧାଇଁବାବେଳେ ଦେହସାରା ଲାଗି ସାରିଥିଲା କାଦୁଅର ଛିଟା। ମୁହଁଟି ଲୁହରେ, ଭୟରେ, ଦୁଃଖରେ ଓଦା ଜୁଡୁବୁଡୁ। କାକୁସ୍ଥ ରୂପ।

ଦୂରରେ ଦିଶିଲା ମନ୍ଦିରଟିଏ। ଲୋକଙ୍କର ପ୍ରବଳ ଭିଡ଼। ସେ କେଉଁ ଏକ ଆଶାରେ ଦୌଡ଼ିଗଲା ସେଇ ମନ୍ଦିର ଯାଏ। ଲୋକଟିଏ ତା'ର ଅବସ୍ଥା ଦେଖି କୋଳେଇ ନେଲା ତାକୁ। ପଚାରିଲା କ'ଣ ହୋଇଛି ପୁଅ। କାହାକୁ ଖୋଜୁଛୁ।

ପିଲାଟି କହିଲା "ମୋ' ମାଆ ...ବାବା...ମା...ମା...ବା...ବା।" ପୁଣି ଶୁଭିଲା ତା'ର କାନ୍ଦ।

ଲୋକଟି ପିଲାର ଅବସ୍ଥା ଦେଖି ତା' ମନ ଭୁଲାଇବା ପାଇଁ ନେଇଗଲା ତାକୁ ସେଇ ବଡ଼ ଚକ୍ରି ଦୋଳି ପାଖକୁ। କହିଲା, "ଦୋଳି ବସିବୁ ପୁଅ?" ପିଲାଟି ସେମିତି କାନ୍ଦି କାନ୍ଦି ମୁହଁ ବୁଲାଇ ଆଣିଲା ପଛକୁ। ତା'ପରେ ସେ ତାକୁ ଭୁଲାଇବା ପାଇଁ ନେଇଗଲେ ସେଇ ସାପ ଖେଳାଉଥିବା ସାପୁଆ କେଳା ପାଖକୁ। ସେପଟେ ତା'ର ଦୃଷ୍ଟି ଆକର୍ଷଣ କରିବାକୁ କହିଲା, "ଏଇ ଦେଖ୍.... ଦେଖ୍.... ସାପଟି କେମିତି ବେକ ହଲାଇ ନାଚୁଛି ଦେଖ୍!" ପିଲାଟି କିନ୍ତୁ ଆଖି , ନାକ, କାନ ବନ୍ଦ କରିନେଲା ତା'ର। ତାକୁ ଆଉ ଟିକେ ଆଗକୁ ନେଇ ସେ ଯାଚିଲେ ଫୁଲମାଳ, ଯାହାକି ଏଇ ଘଡ଼ିଏ ପୂର୍ବରୁ ତାକୁ ଖୁବ୍ ଆକର୍ଷିତ କରିଥିଲା। ଏବେ କିନ୍ତୁ ପିଲାଟି ସେପଟକୁ ମୁହଁ ବୁଲାଇ ଚାହିଁଲାନି ମଧ୍ୟ। ଲୋକଟି ଅନ୍ୟ ଉପାୟ ନ ପାଇ ତାକୁ ନେଇଗଲା ସେଇ ବେଲୁନବାଲା ପାଖକୁ। କହିଲା "ଦେଖିଲୁ ଏଇ ଇନ୍ଦ୍ରଧନୁ ପରି ରଙ୍ଗିନ୍ ବେଲୁନ୍‌କୁ ତୋ ପାଇଁ କିଣିବା ନା?" ଏ ପ୍ରଶ୍ନର ଉତ୍ତରରେ ପିଲାଟି କାନ୍ଦି ଉଠିଲା। ଆହୁରି ଅଧିକ ଜୋର୍‌ରେ କହିଲା "...ନା ...ନା ମୋର କିଛି ବି ଲୋଡ଼ା ନାହିଁ। କିଛି ଭଲ ଲାଗେନା ମୋତେ। ମୋତେ କେବଳ ମୋର ମାଆ,ବାପା ଲୋଡ଼ା। ମୋତେ ମୋ ମାମା,ବାବାଙ୍କୁ ଆଣିଦିଅ। ମୋ ମାଆ,...ମୋ ବାପାଙ୍କୁ...!"

ଲୋକଟି କିଛି ଭାବିପାରିଲା ନାହିଁ, କ'ଣ କରିବା ଉଚିତ୍। କେମିତି ତୁନି ହବ ପିଲାଟି। ତାକୁ ମିଠେଇ ଦୋକାନ ପାଖକୁ ନେଇ ପଚାରିଲା, "ଆମ ପୁଅ ମିଠା ଖାଇବ ନା ? କ'ଣ ଖାଇବ? ଗୁଲାବ ଜାମୁନ? ଜିଲାପି? ବର୍‌ଫି?" ପିଲାଟି ବୁଲେଇ ଆଣିଲା ତା'ର ମୁହଁ ସେଇ ତାକୁ ଖାଇବାକୁ ମିଳୁଥିବା ବର୍‌ଫଟି ପାଖରୁ ମଧ୍ୟ ଏବଂ କାନ୍ଦି କାନ୍ଦି ବାରମ୍ବାର କେବଳ ଏତିକି ହିଁ କହୁଥିଲା, "ମୋ ମାମା.... ମୋ...ବାବା...। ମୋ ମାଆଙ୍କୁ ଆଣିଦିଅ। ଆଣିଦିଅ ମୋ ବାବାଙ୍କୁ... ବାବା... ମାମା...ମା...ମା!" ■

ସହକାରୀ ଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ସେକ୍ଟର ୧୬, ରାଉରକେଲା
ମୋ: ୯୪୩୮୨୫୮୦୬୩

## ପୁସ୍ତକ ଓ ପତ୍ରିକା ପରିଚୟ

### ଉପକଥା

ଚିତ୍ତରଞ୍ଜନ ଚିରଞ୍ଜିତ



ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, ଅରୁଣୋଦୟ ମାର୍କେଟ
କଟକ-୧୨
ପ୍ରଥମ ପ୍ରକାଶନ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ତାଙ୍କ ଗପ ଭିତରେ ପ୍ରସ୍ଫୁଟିତ ହୋଇଉଠିଥାଏ ଜୀବନର ଦର୍ଶନ। ସାଧାରଣ କାହାଣୀ ଭିତରେ ଥାଏ ଅସାଧାରଣ କଥା। ଏଭଳି ମଣିଷ ଜୀବନ ଓ ଚେତନାର ସୂକ୍ଷ୍ମ ଦିଗ ପ୍ରତିଫଳିତ ହୋଇଛି ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଉପକଥା' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ତେରଟି ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପ ରୋମାଞ୍ଚକର ଓ ନିଆରା ହୋଇଛି। 'ଦଶହାଣ୍ଡି', 'ଜୋତା', 'ବୀତଂସ', 'ଚାରୁ ଚିତ୍ରପଟ', 'ଅଜନ୍ତା', 'ଉପକଥା', 'ସ୍ୱପ୍ନ ପାଇଁ...', 'ଛାୟାଚିତ୍ର', 'ଦୃଶ୍ୟକାବ୍ୟ', 'ଅଦୃଶ୍ୟ ଈଶ୍ୱର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି ଗପର ଭାବ ଓ ଆବେଦନ ସ୍ୱତନ୍ତ୍ର। ଅନେକ ସମୟରେ ମନର ଭାବନା ରହିଯାଏ ମନ ଭିତରେ। ମନ ଭିତରର ଅସୁମାରୀ ଭାବପ୍ରବଣତା ଅନେକ ସମୟରେ କିଭଳି ପ୍ରକାଶ କରିହୁଏ ନାହିଁ, ତାହା ବେଶ୍ ଚମତ୍କାର ଭାବେ ଫୁଟି ଉଠିଛି 'ଚାରୁ ଚିତ୍ରପଟ' ଗପରେ। ସୁନ୍ମାମୀର ସୌନ୍ଦର୍ଯ୍ୟ, ପ୍ରେମର ମାଦକତାକୁ ଭୁଲି ପାରିନାହିଁ ଚିନ୍ମୟ। ଏହିପରି ଭାବେ ଏହି ଗପର କାହାଣୀ ଗତିଶୀଳ ହୋଇଛି। ମାନବୀୟ ପ୍ରେମ, ଜୀବନର ସୂକ୍ଷ୍ମ ଅନୁଭବ ଓ ଅନୁଭୂତି, ଜୀବନ ଦର୍ଶନର ଚିତ୍ର ବେଶ୍ ଆକର୍ଷଣୀୟ ବେଶ୍ ଭାବେ ଚିତ୍ରିତ ହୋଇଛି 'ଉପକଥା' ପୁସ୍ତକର ଅନେକ ଗପରେ। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ରେବତୀ

ସଂପାଦିକା: ସୁବାସିନୀ ଜେନା



ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ସାହିତ୍ୟ ଓ ଫିଚରଧର୍ମୀ ମାସିକ ପତ୍ରିକା 'ରେବତୀ'ର ନଭେମ୍ବର ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି। ସଂପାଦିକା ସୁବାସିନୀ ଜେନାଙ୍କ 'ସଂପାଦକୀୟ'ଠାରୁ ଆରମ୍ଭ କରି ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ଲେଖା ଭାବଗର୍ଭକ ଓ ହୃଦୟସ୍ପର୍ଶୀ ହୋଇଛି। ଏହି ସଂଖ୍ୟାରେ ପ୍ରଜ୍ଞାଶ୍ରୀ ରଥଙ୍କ 'କଲ୍ୟାଣମୟୀ କାଳୀ', ଅଜିତ୍ ପାତ୍ରଙ୍କ 'ପବିତ୍ର ପ୍ୟୁଠାନ୍', ବିଜୟ କୁମାର ଜେନାଙ୍କ 'ନିଆରା ନୁବ୍ରା', ଦେବଯାନୀ ରାୟଙ୍କ 'ବନ୍ଦନୀୟା ବୈଷ୍ଣବୀ', ଚୈତ୍ରନ୍ୟ ପ୍ରସାଦ ବେହେରାଙ୍କ 'କାଇପଦରର କୀର୍ତ୍ତି', ସୁବ୍ରତ ପ୍ରିୟବ୍ରତ ମହାନ୍ତିଙ୍କ 'ଓଡ଼ିଶୀ କୀର୍ତ୍ତନ' ଆଦି ଆଲେଖ୍ୟଗୁଡ଼ିକ ତଥ୍ୟଭିତ୍ତିକ, ଭାବମୟ ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି। ସେହିପରି ନିରାକାର ଦାସ, ଡକ୍ଟର ନୃସିଂହ ଷଡ଼ଙ୍ଗୀ, ଗଙ୍ଗାଧର ବିଶ୍ୱାଳ, ଶକ୍ତି ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ଚକ୍ରପାଣି ପରିଚ୍ଛା, ପୂରବୀ ଶତପଥୀ, ଚିତ୍ତରଞ୍ଜନ ମିଶ୍ର, ରବି ଶତପଥୀ ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି। ସେଭଳି ଉଦୟ ନାରାୟଣ ଦାସଙ୍କ 'ବାପା', ଘନବିହାରୀ ମହାରଣାଙ୍କ 'ପ୍ରାର୍ଥନାର ପଟ୍ଟଭୂମି', ଯଦୁମଣି ଜେନାଙ୍କ 'ଭଙ୍ଗା ସ୍ୱପ୍ନର ଶବ୍ଦ' ଆଦି ଗପଗୁଡ଼ିକ ମାର୍ମିକ ହୋଇଛି। 'ଚରିତ ଉପନ୍ୟାସ', 'ପୁଷ୍ପବିତାନ', 'ରୋଷେଇଶାଳ' ଆଦି ନିୟମିତ ବିଭାଗଗୁଡ଼ିକ ମଧ୍ୟ ଭଲ ହୋଇଛି। 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## କ'ଣ ଜାଣିଛ ତୁମେ ?



ମୂଳ ହିନ୍ଦୀ : ନିର୍ମଳା ପୁତୁଲ୍
ଅନୁସୃଜନ : ଡ. ସଂଘମିତ୍ରା ରାଏଗୁରୁ

ଜାଣିଛ!
ପୁରୁଷଠୁ ଭିନ୍ନ ଗୋଟେ ସ୍ତ୍ରୀର ଏକାନ୍ତ ?
ଘର, ପ୍ରେମ ଆଉ ଜାତିଠୁ ଅଲଗା ଗୋଟେ ସ୍ତ୍ରୀକୁ
ଜାଣିଛ ?
ତା' ନିଜସ୍ୱ ଜାଗା ବିଷୟରେ କହିପାରିବ ତୁମେ ?
ବତେଇ ପାରିବ,କାହିଁ କେଉଁ ଯୁଗରୁ ନିଜ ଘର
ଖୋଜୁଥିବା ଅସ୍ତବ୍ୟସ୍ତ ସ୍ତ୍ରୀକୁ ତା' ଘରର ଠିକଣା ?

ଜାଣିଛ !
କଳ୍ପନା କଳ୍ପନାରେ କେମିତି
ଗୋଟିଏ ମୁହୂର୍ତ୍ତରେ
ନିଜକୁ ସ୍ଥାପିତ ଆଉ ବିସ୍ଥାପିତ କରେ ଜଣେ ସ୍ତ୍ରୀ ?
ସ୍ୱପ୍ନରେ ଦଉଡୁଥିବା ଗୋଟେ ସ୍ତ୍ରୀର ପଛେ ପଛେ ଯାଇ
ସମ୍ପର୍କର କୁରୁକ୍ଷେତ୍ରରେ ତାକୁ ନିଜ ସହ ନିଜେ
ଲଢୁଥିବାର ଦେଖିଛ କେବେ ?

ଦେହର ଭୂଗୋଳକୁ ବାଦ୍ ଦେଇ
ସ୍ତ୍ରୀ ମନର ଗଣ୍ଠିଲି ଖୋଲି
କେବେ ପଢ଼ିଛ ତା' ଭିତରର
ଜଳନ୍ତା ଇତିହାସ ?
ପଢ଼ିଛ କେବେ, ନିରବତାର ଏରୁଣ୍ଡିବନ୍ଧରେ ବସି
ଶବ୍ଦର ପ୍ରତୀକ୍ଷାରେ ଥିବା

ତା' ଚେହେରା ?
ତା' ଭିତରେ ବଂଶ ବୀଜ ବୁଣି କେବେ ବି ଅନୁଭବିଛ
ତା' ବିସ୍ତରୁ ଥିବା ଚେରକୁ ନିଜ ଭିତରେ ?

ସ୍ତ୍ରୀର ସମସ୍ତ ସମ୍ପର୍କର
ବ୍ୟାକରଣକୁ ଜାଣିଛ ?
କହିପାରିବ, ସ୍ତ୍ରୀ ଦୃଷ୍ଟିରେ ସ୍ତ୍ରୀକୁ ଦେଖି ସ୍ତ୍ରୀତ୍ୱର
ପରିଭାଷା ?

ଯଦି ନା , ତା' ହେଲେ
ରୋଷେଇ ଆଉ ବିଛଣାର ଗଣିତ ଛଡ଼ା
ଗୋଟେ ସ୍ତ୍ରୀ ବିଷୟରେ କ'ଣ ଜାଣିଛ ତୁମେ ? ■

## ତାଙ୍କ ନଜରରେ...



ସେମାନେ ଘୃଣା କରନ୍ତି ମୋତେ
ମୋ' କଳାରଙ୍ଗକୁ ନାକ ଟେକନ୍ତି
ଶରୀର ଗଠନ ଦେଖି ଖୁଣ୍ଟା ଦିଅନ୍ତି
ହସନ୍ତି ମୋ' କଥାବାର୍ତ୍ତା ଶୁଣି

ଆମ ଚାଲିଚଳଣ, ରୀତିନୀତି, ପିନ୍ଧାପିନ୍ଧି...
କିଛି ବି ପସନ୍ଦ ନୁହେଁ ସେମାନଙ୍କୁ
ଜଙ୍ଗଲି,ଅସଭ୍ୟ ପଛୁଆ କହି ତିରସ୍କାର କରନ୍ତି
ଆମର
ଆଉ
ନିଜକୁ ସଭ୍ୟ ଶ୍ରେଷ୍ଠ ଭାବି
ଅସ୍ୱୀକାର କରନ୍ତି ଆମକୁ

ଆମେ ଛୁଇଁଥିବା ପାଣି ପିଅନ୍ତିନି ସେମାନେ
ଆମ ହାତ ତିଆରି ଖାଦ୍ୟ
ରୁଚେ ନାହିଁ ତାଙ୍କୁ
ସେମାନଙ୍କ ଘରେ ଆମ ପ୍ରବେଶ ନିଷେଧ

ଆମ ସହ ରହି ଆମ ଭାଷା ଶିଖିବା ମଞ୍ଜୁର ନୁହେଁ
ତାଙ୍କୁ
ସେମାନେ ଚାହାନ୍ତି,
ତାଙ୍କ ଭାଷା ଶିଖି ଆମେ ତାଙ୍କ ସହ ତାଙ୍କ
ଭାଷାରେ କଥା ହେଉ

ସେମାନେ ତର୍କ ବାଢ଼ନ୍ତି-
ସଭ୍ୟ ହେବା ଲାଗି ଜରୁରି
ତାଙ୍କ ଭାଷାରେ ତାଙ୍କ ପରି କଥାବାର୍ତ୍ତା
କରିବା, ଉଠିବା-ବସିବା, ପିନ୍ଧିବା-
ଲଗେଇବା
ମୋର ସବୁକିଛି ଅରୁଚିକର ତାଙ୍କୁ
ମୁଁ ତାଙ୍କ ଅପ୍ରିୟରେ ଗଣା

ସେମାନଙ୍କୁ କେବଳ ପସନ୍ଦ
ମୋ ଝାଳରେ ଲହଲହଉଥିବା ଫସଲ
ଖେତର ପନିପରିବା
ଜଙ୍ଗଲର ଫୁଲ, ଫଳ, କାଠ
ମୁଁ ପୋଷିଥିବା କୁକୁଡ଼ା ଖୁବ୍ ପ୍ରିୟ ତାଙ୍କର
ମୋ ସୁସ୍ଥ ସବଳ ଦେହ
ମୋ ମାଂସ ପସନ୍ଦ ତାଙ୍କୁ
କିନ୍ତୁ ମୁଁ ତାଙ୍କ ଅପ୍ରିୟରେ ଗଣା । ■

ରାଞ୍ଚି, ଝାରଖଣ୍ଡ
ମୋ: ୭୬୯୩୮୭୩୫୫

# ହରମାନ୍ ହେସ୍‌ଙ୍କ ସାହିତ୍ୟର ମୂଳଭିତ୍ତି ପରିବର୍ତ୍ତନ ଓ ଆବର୍ତ୍ତନ



ପ୍ରଦୀପ୍ତ ଶ୍ରୀଚନ୍ଦନ

ବହୁ ଚିନ୍ତା ଆଉ ଚେତନାର ଉନ୍ମେଷ ତଥା ଉତ୍ତରଣର ଯୁଗ ହେଉଛି ବିଂଶ ଶତାବ୍ଦୀ। ପୁନଶ୍ଚ ଏହି ଶହେ ବର୍ଷର ସମୟ -ଖଣ୍ଡକୁ ମଧ୍ୟ ସନ୍ଦେହ ଓ ଶଙ୍କାର ଯୁଗ ବୋଲି ପଣ୍ଡିତମାନେ ଅଭିହିତ କରିଥାନ୍ତି। ସେହି କାରଣରୁ ଆଧୁନିକ ସମାଲୋଚନାର ଶୈଳୀ ମଧ୍ୟ ଆଧୁନିକ ଜୀବନଯାପନର ରୀତି ସଦୃଶ ବହୁଧା ବିଭାଜିତ ଏବଂ ବିଭକ୍ତ। ଅତ୍ୟନ୍ତ କଟୁ ଭାବରେ ଜଟିଳ। ତେଣୁ କ୍ୱଚିତ୍ କଳା ସୃଷ୍ଟି ତଥା ତାହାର ସ୍ରଷ୍ଟା ଅଥବା ସାଧକ ନିଦ୍ୱର୍ନ୍ଦ୍ୱରେ ଅବା ନିର୍ବିବାଦରେ ଏହି ଶତକର ବିଶ୍ୱ ବିଚାର ମଞ୍ଚରେ ସାର୍ବଜନୀନ ଶ୍ରଦ୍ଧା ସହିତ ସାଦର ସ୍ୱୀକୃତି ଲାଭ କରିବା ସମ୍ଭବ ଥିଲା।

ମାର୍ଟିନ୍ ଗୁବର୍, ଯୋଶେଫ୍ ମିଲେକ୍, ହାନ୍‌ସ ମେୟର, ଥମାସ୍ ମାନ୍, ଓସ୍କାର ସେଡ୍‌ଲିନ୍ ଏବଂ ଥିଓଡର୍ ଜିଓଲକ୍ୱେସ୍କୀ ପ୍ରମୁଖ ବିଂଶ ଶତକର ବିଶ୍ୱର ପ୍ରଚଣ୍ଡ ପ୍ରତିଭାଧର ସନ୍ଦର୍ଭକାର, ବିଦଗ୍ଧ ତତ୍ତ୍ୱବିତ୍‌ମାନଙ୍କର ଆକଳନ ତଥା ନିର୍ଣ୍ଣୟ ଅନୁସାରେ ଯେଉଁ ସ୍ରଷ୍ଟା କାଳକୁ ଅତିକ୍ରମ କରି ଶତାବ୍ଦୀର ଶ୍ରେଷ୍ଠତ୍ୱ ଲାଭ କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ହରମାନ୍ ହେସ୍ ହେଉଛନ୍ତି ଅନ୍ୟତମ। ତେଣୁ ଏହି ମହାରଥୀ ଗଣ ହେସ୍‌ଙ୍କୁ ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ସାହିତ୍ୟ ସାଧକ ଭାବରେ ବିଚାର ମଞ୍ଚରେ ଉପସ୍ଥାପିତ କରି ସନ୍ଦର୍ଭ ସମ୍ବଳିତ ଗ୍ରନ୍ଥମାନ ରଚନା କରିଯାଇଛନ୍ତି।

ସ୍ରଷ୍ଟାର ନିଜସ୍ୱ ସ୍ୱାକ୍ଷର ହିଁ ଯେ କୌଣସି ସୃଷ୍ଟିର ଆତ୍ମାରେ ଉତ୍କୀର୍ଣ୍ଣ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ, 'ସିଦ୍ଧାର୍ଥ' ଉପନ୍ୟାସର ସ୍ରଷ୍ଟା - ନୋବେଲ ପୁରସ୍କାର ବିଜେତା ହରମାନ୍ ହେସ୍ ଯେ, ବ୍ୟତିକ୍ରମ ନୁହନ୍ତି, ଏହା ଅତି ସ୍ପଷ୍ଟ ଭାବରେ ପ୍ରତିପନ୍ନ। ସୃଷ୍ଟିର ଆତ୍ମା ସହିତ ସ୍ରଷ୍ଟାର ନିଭୃତ ଆତ୍ମ - ସତ୍ତାର ଏହି ଅବିଚ୍ଛିନ୍ନ ସମ୍ପର୍କ ଜର୍ମାନୀର ସୁପ୍ରସିଦ୍ଧ ସାରସ୍ୱତ ଶିଳ୍ପୀ ହରମାନ୍ ହେସ୍ ଓ ତାଙ୍କର କୃତିଗୁଡ଼ିକର ବିଚାର ପର୍ଯ୍ୟାୟରେ ଆମେ ଲକ୍ଷ୍ୟ କରିପାରିବା । ହେସ୍‌ଙ୍କର ପ୍ରମୁଖ ସୃଷ୍ଟିଗୁଡ଼ିକ ମଧ୍ୟରେ – 'Siddharth', 'Steppenwolf', 'Glass Bead Game', 'Demian', 'The Journey to the East', 'Beneath the Wheel', 'Narcissus and Goldmund' ଆଦିର ମାନ ଆମୂଳାନ୍ତ ନିଜସ୍ୱ ଜୀବନ, ଜୀବନର ବହୁ ବିଚିତ୍ର ଅଭିଜ୍ଞତା ଅନୁଭୂତି, ମୌଳିକ ଚିନ୍ତନ ଓ ତାତ୍ତ୍ୱିକ ଅବବୋଧର ଅବିକଳ୍ପ ନିର୍ଯ୍ୟାସ।

ପ୍ରସିଦ୍ଧ ଜର୍ମାନ୍ ବିଦ୍ୱାନ୍ ଥିଓଡର୍ ଜିଓଲକ୍ୱେସ୍କୀ ତାଙ୍କର "The novels of Hermann Hesse: A Study in theme and structure" ଗବେଷଣା ପୁସ୍ତକରେ ଉଲ୍ଲେଖ କରିଛନ୍ତି- "ହେସ୍ ନୋବେଲ ପୁରସ୍କାର ପାଇଲେ ୧୯୪୯ ମସିହାରେ। ସେଥିପୂର୍ବରୁ ଜର୍ମାନୀ ସାହିତ୍ୟିକ ଭାବରେ ୧୯୨୯ ମସିହାରେ ଥମାସ ମାନ୍ ନୋବେଲ ପୁରସ୍କାର ପାଇଥିଲେ। ହେସ୍‌ଙ୍କୁ ପୁରସ୍କାର ପ୍ରଦାନ କାଳରେ ତାଙ୍କୁ ପ୍ରଦତ୍ତ ପ୍ରଶସ୍ତି ପତ୍ରରେ ଉଲ୍ଲେଖ ଥିଲା – Besides Thomas Mann the best custodian of the German spiritual heritage in contemporary literature.- ଅର୍ଥାତ୍, ଜର୍ମାନୀ ଜାତିର ଆତ୍ମିକ ପରମ୍ପରାଗତ ମୂଲ୍ୟବୋଧର ରକ୍ଷାକର୍ତ୍ତା ଯେ ହେସ୍ ଥିଲେ, ତାହା ସ୍ୱୀଡିଶ୍ ଏକାଦେମୀ ଘୋଷଣା କରିଥିଲେ।"

ଏହି ସନ୍ଦର୍ଭରେ ଜିଓଲକ୍ୱେସ୍କୀଙ୍କର ବ୍ୟାଖ୍ୟାର ସାରମର୍ମ ହେଲା, ଦୁଇଟି ତଥ୍ୟ ଯହିଁରୁ ହେସ୍‌ଙ୍କର ସ୍ରଷ୍ଟା ପ୍ରକୃତି ଜ୍ଞାତ ହୋଇପାରିବ- ତାହା ହେଲା (କ) ହେସ୍ କେବଳ ଜର୍ମାନୀର ନୁହେଁ, ଅଧିକନ୍ତୁ ସମଗ୍ର ମାନବ ଜାତିର ପାରମ୍ପରିକ ମୂଲ୍ୟବୋଧରେ ଆସ୍ଥାବାନ ଥିଲେ। (ଖ) ସେ ଥିଲେ ଗତିସ୍ମାନ୍ ଜ୍ୟୋତିର୍ମୟ ଏକ ସ୍ରଷ୍ଟା ପୁରୁଷ। ପରିବର୍ତ୍ତନ ଏବଂ ଆବର୍ତ୍ତନ ହିଁ ଥିଲା ତାଙ୍କର ସାହିତ୍ୟ ସୃଷ୍ଟିର ମୂଳଭିତ୍ତି। ନିଜର ବ୍ୟକ୍ତିଗତ ସମସ୍ୟା ସମାଧାନର ପୀଠ ଉପରେ ଆସୀନ ରହି ସେ ଜଗତର ସମସ୍ୟାଗୁଡ଼ିକର ଦର୍ଶନ କରିଥିଲେ। ପ୍ରତିଟି ସମସ୍ୟା ତାଙ୍କର ସାହିତ୍ୟରେ ପରିବର୍ତ୍ତିତ ହୋଇଯାଇଥିଲା ଗୋଟିଏ ଗୋଟିଏ ଦ୍ୱନ୍ଦ୍ୱ ସଙ୍କୁଳ ଘଟଣା କ୍ରମରେ।

ଆମେ ସାମଗ୍ରିକ ଭାବରେ ହେସ୍‌ଙ୍କର ସୃଷ୍ଟି ସମ୍ଭାରକୁ ଅନୁଧ୍ୟାନ କଲେ ଅନ୍ୟ ଏକ ଚମତ୍କାର ବିଭାବ ଲକ୍ଷ୍ୟ କରିପାରିବା। ତାହା ହେଉଛି ତାଙ୍କର ବହୁବିଧ ବିଭକ୍ତ ସ୍ରଷ୍ଟା ବ୍ୟକ୍ତିତ୍ୱ। ଅନ୍ୟତମ ସାହିତ୍ୟ ଗବେଷକ ହାନ୍‌ସ ମେୟର୍ ତାଙ୍କର "Hermann Hesse and the age of the feuilletonr" ନିବନ୍ଧରେ ନିଜର ବକ୍ତବ୍ୟ ପ୍ରକାଶ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି - "A new Hesse is said to have appeared in the literary scene around 1919 and it is assumed that very little connects this artist and his themes with the author of the early poems or of the novels." ସେହିପରି ଆଦ୍ୟକାଳର କଳା ସାଧକ (Old Hesse) ଏବଂ ଯୁଦ୍ଧୋତ୍ତର ଯୁଗର ସ୍ରଷ୍ଟା (New Hesse)ଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ହାନ୍‌ସ ୱିଲହେଲମ ଏପେଲସହାଇମରଙ୍କ ଉକ୍ତିକୁ ମଧ୍ୟ ସ୍ମରଣ କରାଯାଇପାରେ। ତାଙ୍କର "Hand book of world literature" ଗ୍ରନ୍ଥରେ ସେ, ହେସ୍ ପ୍ରାରମ୍ଭିକ ରଚନା ପର୍ଯ୍ୟାୟରେ Swabian Romanticism ଦ୍ୱାରା ପ୍ରଭାବିତ କଳାସାଧନାରୁ ପରବର୍ତ୍ତୀ କାଳରେ ଜଣେ ସମସ୍ୟାକ୍ରାନ୍ତ (Problematic) ସାହିତ୍ୟିକ ରୂପରେ ଦେଖାଯାଇଛନ୍ତି ଏବଂ ଉଭୟ କାଳର ହେସ୍‌ଙ୍କ ମଧ୍ୟରେ ସଂପର୍କର ତାର୍କିକ ଭୂମିଟିଏ ଯୁକ୍ତି ସଂକୁଳ ଭାବରେ ତିଷ୍ଠି ରହିଛି ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ପରେ ହେସ୍ ତାଙ୍କର 'Demian' ଉପନ୍ୟାସ ମଧ୍ୟରେ ସ୍ୱକୀୟ ବିଚାରଧାରା, ସ୍ଥିତି ଏବଂ ମତ ସଂପର୍କରେ ସ୍ପଷ୍ଟ କରି ଦେଇଛନ୍ତି। ରଚନାଟିର ଶେଷ ଅଂଶରେ ନାୟକ Demian ତା'ର ବନ୍ଧୁ Sinclairକୁ କହୁଛି – "There will be war x x x. But you will see Sinclair, that this is just the beginning. Perhaps it will become a great war, a very great war. x x x What will you do?" ଥମାସ୍ ମାନ୍ 'Demian'ର ଆମେରିକୀୟ ସଂସ୍କରଣର ପ୍ରସ୍ତାବନା ରଚନା କାଳରେ ଉଲ୍ଲେଖ କରି କହିଛନ୍ତି- ହାନ୍‌ସ ଉପରୋକ୍ତ ପ୍ରଶ୍ନର ଉଚିତ୍ ଉତ୍ତର ଦେଇ ଲେଖିଛନ୍ତି – "Assist the new without sacrificing the old." ପୁନଶ୍ଚ ମାନ୍ ହେସ୍‌ଙ୍କୁ ଏବଂ ତାଙ୍କର ପରିପକ୍ୱ ଚିନ୍ତାଧାରାକୁ ପ୍ରଶଂସା କରି ଉଲ୍ଲେଖ କରିଛନ୍ତି। - "Hesse is an example –may to those who know and love the old man and carry it over into the new".

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ, ପ୍ରଥମ ମହାଯୁଦ୍ଧ କାଳରେ ହେସ୍ ସାହିତ୍ୟିକ ମାତ୍ର। ଦେଶପ୍ରୀତିର ଉଦ୍ଦାମ ସ୍ରୋତରେ ଭାସିବେ ବୋଲି ମାନବିକତାର କୁଟାଖିଅକୁ ଅସ୍ୱୀକାର କରି ନାହାନ୍ତି। ସ୍ଥିତ ପ୍ରଜ୍ଞତାକୁ ଜଳାଞ୍ଜଳି ନଦେଇ ନବାନୁଗମନର ସ୍ୱାଗତ କରିଛନ୍ତି ସେ। ପୁନଶ୍ଚ ଶାନ୍ତି, ସଦ୍ଭାବ ଓ ମାନବ ପ୍ରେମର ସ୍ୱର ଦୃଢ଼ ଭାବରେ ଉଚ୍ଚାରିତ ହୋଇଛି ତାଙ୍କର ରଚନା ସମୂହରେ। ତେଣୁ ତାଙ୍କର ସିଦ୍ଧାର୍ଥ କହିଛି- "କିନ୍ତୁ ମୁଁ ଭାବେ, ବିଶ୍ୱର ଅସାରତା ପ୍ରତିପାଦନ ନୁହେଁ ବରଂ ବିଶ୍ୱକୁ ଭଲପାଇବା ହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ।" ସେଇଥିପାଇଁ ଗବେଷକ, ହାନ୍‌ସ ମେୟର ତାଙ୍କର ବକ୍ତବ୍ୟରେ ଦର୍ଶାଇଛନ୍ତି – "These are the words of a European humanist, not an advocate of escapism and contempt of mankind."

ଏହିଭଳି ଭାବରେ ବିଂଶ ଶତାବ୍ଦୀର ମହାନ୍ ତତ୍ତ୍ୱ-ବିଶାରଦଗଣ ସେମାନଙ୍କର ବିଚାର ମଞ୍ଚରେ ହରମାନ୍ ହେସ୍‌ଙ୍କୁ ଜଣେ ସାହିତ୍ୟ ସ୍ରଷ୍ଟା ଭାବରେ, ଜଣେ ମାନବବାଦୀ ଶାନ୍ତିକାମୀ ଚିନ୍ତାନାୟକ ରୂପରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆସନରେ ଆସୀନ କରିଛନ୍ତି। ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାରଭାରତୀ
ମୋ: ୮୫୯୪୯୫୦୩୨୪

## ମୁଳତବୀ ଆଲୋଚନାରେ ମନ୍ତ୍ରୀଙ୍କ ଉତ୍ତର

# ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ

ଭୁବନେଶ୍ୱର,୨୯।୧୧(ସମିସ): ଇ-କେୱାଇସି ପ୍ରକ୍ରିୟାର ରାଜ୍ୟ ସରକାର କୌଣସି ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିନାହାନ୍ତି। ତେବେ ରାଜ୍ୟରେ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ସରକାର କାଟିଛନ୍ତି। ଏମାନଙ୍କ ମଧ୍ୟରେ ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ରହିଥିଲେ। ସେହିପରି ୭୫ ହାଜର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକରଦାତା ରାସନ କାର୍ଡରେ ଚାଉଳ ଉଠାଇଥିଲେ ବୋଲି ଶନିବାର ଗୃହରେ ମୁଳତବୀ ଆଲୋଚନାରେ ଉତ୍ତର ରଖି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି କାର୍ଡ କଟିବା ଦ୍ୱାରା ରାଜ୍ୟ ରାଜକୋଷକୁ ବାର୍ଷିକ ୨୧୦ କୋଟି ଟଙ୍କାର ଆର୍ଥିକ ବୋଝ କମିଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ମନ୍ତ୍ରୀ ସ୍ୱଷ୍ଟୋକ୍ତି ରଖିଛନ୍ତି।

ମୁଳତବୀ ଆଲୋଚନା ଶେଷରେ ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ

- ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିଛନ୍ତି ସରକାର
- ୬ ଲକ୍ଷ ୩୯୮୨୭ ଜଣଙ୍କୁ ମିଳିଛି ନୂଆ କାର୍ଡ
- ଗରିବ ନୁହେଁ, ସର୍ଭେରେ ଧନୀ ଲୋକଙ୍କର କଟିବ କାର୍ଡ

ଏବେବି ୧୯ ଲକ୍ଷ ୫୨ ହଜାର ୧୫୩ଟି ପରିବାରର ୩ କୋଟି ୨୭ ଲକ୍ଷ ୮୩ ହଜାର ଲୋକେ ମାସିକ ରାସନ ପାଉଛନ୍ତି। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ନୂଆ ନୁହେଁ। ପୂର୍ବ ସରକାରରେ ମଧ୍ୟ ହିତାଧିକାରୀ ଚିହ୍ନଟ ନାମରେ ୧୦ ଲକ୍ଷରୁ ଉଦ୍ଧ୍ୱର୍ ପରିବାରର ରାସନ କାର୍ଡ ତାଲିକାରୁ କଟାଯାଇଥିଲା। କିନ୍ତୁ ଗତ ୧୭ ମାସର ସରକାରରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରାସନକାର୍ଡ ପ୍ରଦାନ କରାଯାଉଛି। ରାସନ କାର୍ଡ ପାଇଁ ୧୫ ଲକ୍ଷ ଲୋକେ ଆବେଦନ କରାଯାଇଥିବା ବେଳେ ଏହାକୁ ତର୍ଜମା କରାଯାଇ ଏଯାବତ୍ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ଟାର୍ଗେଟ ଦିଆଯାଇଛି। କେନ୍ଦ୍ରରୁ ଆସିଥିବା ତାଲିକା ଉପରେ ବ୍ଲକ ସ୍ତରରେ ସର୍ଭେ କରାଯିବ। ପୂର୍ବରୁ ଗ୍ରାମାଞ୍ଚଳରେ ଥିବା ମାସିକ ରୋଜଗାର ମାପଦଣ୍ଡକୁ ୧୦ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସହରାଞ୍ଚଳରେ ୧୫ ହଜାରରୁ ୨୦ ହାଜର ଟଙ୍କାକୁ ବଢ଼ାଯାଇଛି। ଦଳୀୟ ଆଧାରରେ କାହାର ମଧ୍ୟ ରାସନ କାର୍ଡ କଟାଯିବ ନାହିଁ। ଧନୀ ଲୋକ ଅର୍ଥାତ୍ ସରକାରୀ ଚାକିରୀ କରିଥିବ, ଆୟକର ଦେଉଥିବ, ଚାରିଚକିଆ ଗାଡ଼ି ଚଢୁଥିବ, ବଡ଼ କୋଠାଘର ଥିବ ସେହିମାନଙ୍କର କାର୍ଡ କଟିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ୱଷ୍ଟ କରିଛନ୍ତି।

## ■ ବିନା ଅନୁମତିରେ ବିଦ୍ୟାଳୟ ମଧ୍ୟରେ ବୀମା କମ୍ପାନୀଙ୍କ ନୂଆ ବ୍ୟବସାୟ

# ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଠକେଇ

ସାରସକଣା/ଝାରପୋଖରିଆ, ୨୯।୧୧(ସମିସ): ପିଲାଙ୍କ ଭବିଷ୍ୟତ ନାମରେ ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଅଭିଭାବକଙ୍କୁ ଠକୁଛନ୍ତି। ବିନା ଅନୁମତିରେ ବିଦ୍ୟାଳୟ ଭିତରେ ବୀମା କମ୍ପାନୀ ଛାତ୍ରଛାତ୍ରୀଙ୍କୁ କୁଇଜ ପରୀକ୍ଷା କରାଇ ପୁରସ୍କାର ଦେବା ଆଳରେ ଅଭିଭାବକଙ୍କୁ ଠକୁଥିଲେ। କାର୍ଯ୍ୟାଳୟକୁ ଡାକି ବୀମା କରାଇବାକୁ ବାଧ୍ୟ କରୁଥିଲେ। ପୁଲିସ ଶ୍ରୀରାମ ଜୀବନବୀମା କମ୍ପାନୀର ତିନିଜଣ ସଦସ୍ୟ/ସଦସ୍ୟାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ହେଲେ ଜଳେଶ୍ୱରର ବଳରାମ ଦତ୍ତ (୨୫), ବାଲିଆପାଳର ଶୁଭମ ପରିଡା (୨୨) ଓ ବଡସାହି ଥାନା ଅଧୀନ କୋଚିଳାଖୁଣ୍ଟା ଗ୍ରାମର ଚିତ୍ତରଞ୍ଜନ ମହାପାତ୍ରଙ୍କ ପତ୍ନୀ ନମିତା (୩୯)। ପୁରସ୍କାର ପାଇଁ ଯୋଗ୍ୟ ଅଭିଭାବକଙ୍କୁ ପ୍ରୋଲଭିତ କରି ଟଙ୍କା ଦିଅ ନ ହେଲେ



ଗହଣା ଦିଅ। ଆଜି ଓଫର ଅଛି, ବୀମା କର ଏପରି କହି ଘରୁ ଆସି ନେଇଯାଉଥିଲେ ମୂଲ୍ୟବାନ ଜିନିଷ। ଏଭଳି ଠକାମୀର ଶିକାର ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଏକତାଳୀ ବିଦ୍ୟାଳୟରେ ପଢଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ। ସୁନା ଓ ଟଙ୍କା ନେବାକୁ ଗ୍ରାମକୁ ଆସିଥିବା ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହିଥିଲେ। ଖବର ପାଇ ପୁଲିସ ପହଞ୍ଚି ଜଣେ ମହିଳା ସମେତ ତିନିଜଣଙ୍କୁ ଅଟକ ରଖି ୩୦୧/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଏ ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ନେଇ ତନାଘନା ଆରମ୍ଭ କରିଛି ଝାରପୋଖରିଆ ପୁଲିସ। ସେପଟେ ବିଦ୍ୟାଳୟ ଭିତରକୁ ବିନା ଅନୁମତିରେ କିଭଳି ବୀମା କମ୍ପାନୀ ପ୍ରବେଶ କରି ଅଭିଭାବକଙ୍କୁ ଠକୁଛନ୍ତି। ଏହାର ତଦନ୍ତ ପାଇଁ ପ୍ରବୀର ମହାନ୍ତ, ସୁଜାତା ମହାନ୍ତ, ଅନୀତା ବେହେରା ପ୍ରମୁଖ ଶିକାର ହୋଇଥିବା ଅଭିଭାବକ ଦାବି କରିଛନ୍ତି।

## ଶ୍ରୀମନ୍ଦିର ନାଁରେ ବିବାଦୀୟ ଟିପ୍ପଣୀ

# ଶୁଭଙ୍କରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ,୨୯।୧୧(ସମିସ): ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। ଶ୍ରୀମନ୍ଦିରକୁ ନେଇ ଦେଇଥିବା ବିବାଦୀୟ ଟିପ୍ପଣୀ ଲାଗି ତାଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ଏ ନେଇ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ, ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭୁଲ୍‌ରେ ମଧ୍ୟ କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିରକୁ ଯିବ ନାହିଁ। ସମ୍ପର୍କକୁ ବଞ୍ଚାଇବାକୁ ଚାହୁଁଥିଲେ ଏହା କରନ୍ତୁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଶ୍ରୀଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ଆଉ କହିଥିଲେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ, ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ଓଡ଼ିଶା ବିଶେଷକରି ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି ଯେ, ଜଣେ ଏତେ ଉଚ୍ଚଶିକ୍ଷିତ ତଥା ପ୍ରଭାବଶାଳୀ ବ୍ୟକ୍ତି କିଭଳି ଶ୍ରୀମନ୍ଦିର ସମ୍ପର୍କରେ ଏଭଳି ବିଭ୍ରାନ୍ତିକର ଓ ତଥ୍ୟହୀନ ଟିପ୍ପଣୀ ଦେଇପାରିଲେ? ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ପ୍ରଚାରପ୍ରସାର ସବ୍ କମିଟିରେ ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରିବେ ଓ ଭୁଲ୍ ତଥ୍ୟ ଦେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଜନା କରାଯାଉଛି। ଶୁଭଙ୍କର ମିଶ୍ରାଙ୍କର ଟିପ୍ପଣୀକୁ ନେଇ ତର୍ଜମା କରାଯାଉଛି। ଏହା ଗୁଜବ ନା ସତ୍ୟ ତାହାକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଉଛି। ଯଦି ସେ ଏଭଳି ମନ୍ତବ୍ୟ ଦେଇଥା'ନ୍ତି ଓ କମିଟି ରିପୋର୍ଟ ଦିଅନ୍ତି ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏୟାରବସ୍ 'ଏ-୩୨୦'କୁ...

ଉଡ଼ାଣ ବାତିଲ ହୋଇ ଯାଇଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଲୋକେ ଯାତ୍ରା ନ କରିପାରି ବିମାନବନ୍ଦରରେ ଅଟକି ରହିଛନ୍ତି। ଏହି କାରଣରୁ ଭାରତରେ ଅନେକ ବିମାନ ୬୦ରୁ ୯୦ ମିନିଟ ବିଳମ୍ବରେ ଚାଲୁଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଅନେକ ଏ୩୨୦ ସିରିଜର ବିମାନ ରହିଛି। ଏହି ସବୁ କମ୍ପାନୀର ୩୩୮ ବିମାନ ଯାନ୍ତ୍ରିକ ସମସ୍ୟାରେ ପ୍ରଭାବିତ ହୋଇଛି। ଏହି ବିମାନକୁ ନେଇ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଅନୁଯାୟୀ, ଶନିବାର ସକାଳ ୧୦ଟା ସୁଦ୍ଧା ୧୮୯ଟି ଏ୩୨୦ ବିମାନର ସଫ୍ଟୱେରକୁ ଅପଗ୍ରେଡ଼ କରାଗଲାଣି। ଶନିବାର ସକାଳ ୫ଟା ୨୯ ସୁଦ୍ଧା ସବୁ ପ୍ରଭାବିତ ବିମାନର ଅପଗ୍ରେଡେସନ ଶେଷ ହେବ ବୋଲି ଆଶା କରାଯାଉଛି।

ୟୁରୋପିଆନ ୟୁନିୟନ ଆଭିଏସନ ସେଫ୍ଟି ଏଜେନ୍ସି (ଇଏଏସଏ) ପକ୍ଷରୁ ଶୁକ୍ରବାର ଏମର୍ଜେନ୍ସି ଏୟାରୱର୍ଦିନେସ ଡାଇରେକ୍ଟିଭ (ଇଏଡି) ଜାରି କରାଯାଇଥିଲା। ଯାତ୍ରୀ ବିମାନ ଆରମ୍ଭ କରିବା ପୂର୍ବରୁ ଏହି ବିମାନର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୁହାଯାଇଥିଲା ଯେ ଅକ୍ଟୋବର ୩୦ ତାରିଖରେ ଆମେରିକା ଏୟାରଲାଇନ ଜେଟ୍‌ବ୍ଲୁର ଏକ ବିମାନ ୩୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଅଚାନକ ତଳକୁ ଖସି ଆସିଥିଲା। ଏହି ଅଘଟଣରେ ୧୫ ଜଣ ଆହତ ହୋଇଥିଲେ। ଫଳରେ ବିମାନକୁ ଫ୍ଲୋରିଡ଼ାର ଟାମ୍ପା ବିମାନବନ୍ଦରରେ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏକ ଇଏଲଏସି ଖରାପ ଥିବାରୁ ଏପରି ହୋଇଥିବା ଜଣାପଡ଼ିଥିଲା। ଏଥିଯୋଗୁଁ ଏୟାରବସ ସବୁ ଏୟାରଲାଇନ ଅପରେଟରଙ୍କୁ ନିଜ ବିମାନରେ ଇଏଲଏସି ଲଗାଇବାକୁ କହିଛି। ଏହା ବିମାନକୁ ନିୟନ୍ତ୍ରଣ କରୁଥିବା କମ୍ପ୍ୟୁଟର। ଏହାକୁ ଫ୍ଲାଇଟ କଣ୍ଟ୍ରୋଲ କୁହାଯାଇଥାଏ। ଏହା ପାଇଲଟଙ୍କ ନିର୍ଦ୍ଦେଶକୁ କଣ୍ଟ୍ରୋଲ ସିଷ୍ଟମ ପର୍ଯ୍ୟନ୍ତ ପହଞ୍ଚାଇ ଥାଏ। ବିମାନକୁ ମୋଡ଼ିବାରେ ସହାୟକ ହୋଇଥାଏ। ଏ୩୨୦ ସିରିଜର ବିମାନ ବିଶ୍ୱରେ ସର୍ବାଧିକ ବ୍ୟବହୃତ ହେଉଥିବା ସିଙ୍ଗଲ-ଆଇଲ ପ୍ଲେନ। ଏହି ସିରିଜରେ ଏ୩୧୯, ଏ୩୨୦ସିଇଓ ଏବଂ ନିଓ, ଏ୩୨୧ ସିଇଓ ଏବଂ ଏ୩୨୧ ନିଓ ସାମିଲ ରହିଛି।

### ସଂସ୍କୃତିକୁ ଆମେ...

ଅନ୍ୟତମ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣରେ ଯୋଗଦେଇ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର, ସମାଜ ଚିନ୍ତକ ତଥା ଶବ୍ଦର ଯାଦୁକର ପଦ୍ମଭୂଷଣ ଜାଭେଦ ଅଖତର୍ ଆଜି ଏହା କହିଛନ୍ତି।

ଏହି ଅବସରରେ ଅଖତର୍‌ଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନସ୍ୱରୂପ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବା ନିମନ୍ତେ ଆମନ୍ତ୍ରିତ କରାଯିବା ତାଙ୍କ ପାଇଁ ଏକ ସମ୍ମାନ ବୋଲି ସମ୍ବର୍ଦ୍ଧିତ ହେବା ପରିପ୍ରେକ୍ଷୀରେ ଅଖତର୍ କହିଥିଲେ।

ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଦୁଇଦିନିଆ ଏହି ସୋଆ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ଯଦିଓ ବୈଷୟିକ ଜ୍ଞାନକୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି, ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନଃସ୍ଥାପନ କରିପାରିବ ନାହିଁ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା, ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ କହିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କ ସହ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଅଖତର୍ କହିଥିଲେ ଯେ ବୈଷୟିକ ଜ୍ଞାନକୌଶଳର କୌଣସି ନୈତିକତା ନାହିଁ। ଏହାକୁ ଆମେ କିଭଳି ବ୍ୟବହାର କରୁଛୁ, ତାହା ଉପରେ ସବୁ ନିର୍ଭର କରେ। ଆଣବିକ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହାକୁ ଆମେ ଉଭୟ ଭଲ ଏବଂ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବୁ। ଏଆଇରେ ଭରି ରହିଥିବା ସଂସାଧନ ମନ୍ଦ ନୁହେଁ। ଆମେ ଯଦି ଇତିହାସ ପୃଷ୍ଠା ଦେଖିବା, ମଣିଷ ସମସ୍ତ ଆବିଷ୍କାରକୁ ନେଇ ଭୟଭୀତ ହେଉଥିଲା। ଏପରିକି, ରେଳ ଇଞ୍ଜିନ୍‌କୁ ସୈତାନର ବାହନ ବୋଲି କୁହାଯାଉଥିଲା। ତେବେ ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ସର୍ଜନଶୀଳତା ରହିଥିବା କୁହାଯାଇପାରିବ ନାହିଁ। ବର୍ତ୍ତମାନ ସମୟରେ ଏହାର ନିଜସ୍ୱ ପରିସୀମା ରହିଛି ଏବଂ ଏହା ତଥ୍ୟ ଉପରେ ନିର୍ଭରଶୀଳ। ଭବିଷ୍ୟତରେ କ'ଣ ଘଟିବ, ତାହା ଆମେ ଏବେଠାରୁ କହିପାରିବା ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ମଣିଷର ସର୍ଜନଶୀଳତାକୁ ନେଇ କୌଣସି ଆହ୍ୱାନ ନାହିଁ ବୋଲି ଅଖତର କହିଥିଲେ।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ(ପ୍ରାଚୀନ) ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ଉତ୍ସବରେ ସାରା ଦେଶରୁ ୧୦୦ ରୁ ଊର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ, ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

ଚଳିତବର୍ଷ ଉତ୍ସବର ପ୍ରସଙ୍ଗଟି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଅର୍ଥାତ୍ 'ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା'ରହିଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ସୋଆର ଉପସଭାପତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର ଏବଂ କ୍ୟୁରେଟର୍ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର୍ ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ 'ଦୟାନଦୀ'ର ଇଂରାଜୀ ଅନୁବାଦ 'ରିଭର ଦୟା' ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ 'ସାରୋଳଦାସ ମହାଭାରଥ'ର ଦୁଇଟି ସଭାପର୍ବ ଏବଂ ମଧ୍ୟ ପର୍ବ ଉନ୍ମୋଚିତ ହୋଇଥିଲା। ସୂଚନାଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ, ସର୍ଜନଶୀଳ ଏବଂ ବୌଦ୍ଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଥିବା ବେଳେ ଚଳିତବର୍ଷ ପଦ୍ମଭୂଷଣ ଜାଭେଦ ଅଖତର୍‌ଙ୍କୁ ପ୍ରଦାନ କରାଯାଇଛି।

### ଗୃହରେ ରାସନ...

ଆକ୍ରମଣ କରି ରାସନ କାର୍ଡ ଇ-କେୱାଇସି, ସର୍ଭେ ପ୍ରକ୍ରିୟା ହିତାଧିକାରୀଙ୍କୁ କାଟିବା ପାଇଁ ନୁହେଁ; ବରଂ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ ଦୁର୍ନୀତି ରୋକିବାର ପଦକ୍ଷେପ ବୋଲି ଯୁକ୍ତି ବାଢ଼ିଛନ୍ତି।

ବିଜେଡି ପକ୍ଷରୁ ଆଗତ ଏହି ସମ୍ପର୍କିତ ଏକ ମୁଳତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ରାସନ କାର୍ଡ ସର୍ଭେ ନାଁ ରେ ଖାଦ୍ୟ ସୁରକ୍ଷା ଯୋଜନାର ଗରିବ ହିତାଧିକାରୀଙ୍କୁ କାଟି ଦେଉଛନ୍ତି। ଏହି ମଧ୍ୟରେ ଜିଲ୍ଲାପାଳ ମାନଙ୍କୁ ଦୁଇଟି ଚିଠି ଯାଇଛି । ସେଥିରେ ଯେଉଁ ୬ଟି ମାନଦଣ୍ଡ ରଖାଯାଇଛି, ସେଥିରୁ ୩ଟି ଆଦୌ ଗ୍ରହଣୀୟ ନୁହେଁ। ୬ ମାସରୁ ଅଧିକ ସମୟ ଚାଉଳ ଉଠାଇନଥିଲେ, ୧ ହେକ୍ଟର(୨.୪୭ ଏକର)ରୁ ଅଧିକ ଜମି ଥିଲେ ଏବଂ ବାର୍ଷିକ ୧ ଲକ୍ଷ ୨୦ ହଜାର କିମ୍ବା ମାସିକ ୧୦ ହଜାର ଆୟ ଥିଲେ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ୪ ଲକ୍ଷ ୭୪ ହଜାର ୯୭୪ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେଉଛନ୍ତି। ଆହୁରି ୩୯ ଲକ୍ଷ କରିବେ । ୧୦ ପ୍ରତିଶତ ଲୋକଙ୍କ କାର୍ଡ ଏ ସରକାର କାଟି ସାରିଲେଣି। ଜଣେ ଲୋକ ସୁଭଦ୍ରା ଯୋଜନା ବାବଦକୁ ଅର୍ଥ ପାଉଥିଲେ କିମ୍ବା କୌଣସି ଋଣ କରି ଆୟକର ରିଟର୍ଣ୍ଣ ଫାଇଲ କରିଥିଲେ ରାସନ୍ କାର୍ଡ କଟିଯିବା କଥା କହୁଛନ୍ତି। ଧାନ ବିକ୍ରି କରି ଆୟ କରିଥିବା ଲୋକଙ୍କ କାର୍ଡ କଟିଯିବ କି, ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ । ଲୋକଙ୍କୁ କୃତ୍ରିମ ଧନୀ କରି ସରକାର ଚାଉଳ କାଟି ଦେଉଛନ୍ତି । ଚାଷୀଙ୍କ ପେଟରେ ଲାତ ମାରିବା ପାଇଁ ଯୋଜନା ହୋଇଛି । ଗରିବ ମାରଣ ନୀତିର ଜବାବ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଯାଇଥିବା ଚିଠି କଥା ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ନିଜର କାର୍ଡକୁ ନେଇ ଗାଁ ଗହଳିର ଲୋକେ ଏବେ ସଂଶୟ ମଧ୍ୟରେ ଅଛନ୍ତି। ନୂଆ ସରକାର ଆସିବା ପରେ ଭୂତ ହିତାଧିକାରୀ କହି କିଛି ଲୋକଙ୍କ କାର୍ଡ କାଟିଲେ। ୧୫ ଲକ୍ଷ ଲୋକ ଏଯାଏଁ ଇ-କେୱାଇସି କରିନାହାନ୍ତି। ଗୋଟେ ପଟେ ସରକାର ଚାଷୀଙ୍କ ଆୟବୃଦ୍ଧି କଥା କହୁଛନ୍ତି। ମହିଳା ସଶକ୍ତିକରଣ କଥା କହୁଛନ୍ତି। ମାତ୍ର ଅନ୍ୟପଟେ ମାନଦଣ୍ଡର ଆଳ ଦେଖାଇ ସେମାନଙ୍କ କାର୍ଡ କାଟିବାର ଯୋଜନା କରାଯାଉଛି। ମନ୍ତ୍ରୀ ସ୍ପଷ୍ଟ କରନ୍ତୁ କିଏ ଯୋଗ୍ୟ, କିଏ ଅଯୋଗ୍ୟ। ଏଫସିଆଇ ଚାଉଳ ନ ଉଠାଇବା ଆଉ କେନ୍ଦ୍ରୀୟ ଅନୁଦାନ କମିବା ଅଳରେ ସରକାର ରାସନ୍ କାର୍ଡ କାଟି ଦେବା ପାଇଁ ମସୁଧା ନୁହେଁ ତ ବୋଲି କହିଥିଲେ। ସେହିଭଳି କଂଗ୍ରେସ ବିଧାୟକ ଅଶୋକ ଦାସ ଓ ସି ଏସ ରାଜନ୍ ଏକ୍କା ରାସନ୍ କାର୍ଡ ମାୟା ଜାଲରେ ଗରିବ ଛନ୍ଦି ହୋଇଛନ୍ତି ବୋଲି କହି ଉଦବେଗ ପ୍ରକାଶ କରିଥିଲେ। ମାନଦଣ୍ଡ ଆଳ ଦେଖାଇ ରାଜ୍ୟ ସରକାର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାର ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଉଭୟେ କ୍ଷୋଭୋକ୍ତି ପ୍ରକାଶ କରିଥିଲେ।

ବିଜେପି ପକ୍ଷରୁ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆମର କୁମାର ନାୟକ, ପ୍ରତାପ ଚନ୍ଦ୍ର ନାୟକ ଓ ପଦ୍ମଲୋଚନ ପଣ୍ଡା ବିରୋଧୀଙ୍କ ଅଭିଯୋଗ କୁ ଖଣ୍ଡନ କରିବା ସହ ପାଲଟା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ ୨୦୨୪ ଜୁନ ମାସଠାରୁ ରାଜ୍ୟ ସରକାର ପ୍ରାୟ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରକୁ ପ୍ରତିମାସରେ ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ହିତାଧିକାରୀଙ୍କ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ୧୦ ଲକ୍ଷ ୫୪ ହଜାର ପରିବାରର ୩୦ ଲକ୍ଷ ୬୯ ଲକ୍ଷ କାର୍ଡ କାଟି ଦେଇଥିଲେ। ମାତ୍ର ଆମ ସରକାର ଆସିବା ପରଠାରୁ ଯୋଗୟ ହିତାଧାକାରୀଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ପାରଦର୍ଶିତା ରକ୍ଷା କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଇ-କେୱାଇସି କରୁଛନ୍ତି ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ମାର୍କେଟ୍ ୟାର୍ଡରୁ...

ସୂଚନାନୁଯାୟୀ, ଗତ ୧୭ତାରିଖ ସମ୍ବଲପୁର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ଚାଷୀ ଶୀଘ୍ର ଧାନକ୍ରୟ କରିବାକୁ ଦାବି କରିଥିଲେ। ବୈଠକରେ ୨୮ ତାରିଖକୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ, ଶୁକ୍ରବାର ବରେଇପାଲି ମାର୍କେଟ୍ ୟାର୍ଡରେ ଶହଶହ ସଂଖ୍ୟାରେ ଚାଷୀ ଆସି ଜମା ହୋଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଧାନ କିଣା ଆରମ୍ଭ ହେବାକୁ ସମସ୍ତେ ଅନେଇ ବସିଥିଲେ। କିନ୍ତୁ ଧାନକିଣା ଆରମ୍ଭ ହୋଇପାରିଲାନି। ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟି ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍‌ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ଫଳରେ ଶହଶହ କ୍ୱିଣ୍ଟାଲ ଧାନ ଗାଡ଼ି ସେମିତି ଛିଡ଼ା ହୋଇଥିଲା। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ସେମାନେ ରେମେଡ୍ ଛକରେ ଧାନଗାଡ଼ି ରଖି ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହା ଜାଣିପାରି ଅପରାହ୍ଣରେ ସଦର ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶନିବାର ସବୁ ସମସ୍ୟାର ସମାଧାନ ହୋଇଯିବ ଓ ଧାନ କିଣା ଆରମ୍ଭ ହେବ ବୋଲି କହିଥିଲେ।

ଆଜି ସକାଳେ ଚାଷୀମାନେ ପୁଣିଥରେ ବରେଇପାଲି ମାର୍କେଟ୍ ୟାର୍ଡରେ ପହଞ୍ଚିଥିଲେ। ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରି ଧାନକ୍ରୟ ହେବ ବୋଲି କହିଥିଲେ। ତଦନୁଯାୟୀ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୂଜାର୍ଚ୍ଚନା କରି ବରେଇପାଲି ମାର୍କେଟ୍ ୟାର୍ଡରୁ ୫ଟି ମିଲ୍‌କୁ ଧାନ ପଠାଯାଇଥିଲା। ସେଗୁଡ଼ିକ ହେଲା, ସମଲେଶ୍ୱରୀ ରାଇସ ମିଲ, ଅନ୍ନପୂର୍ଣ୍ଣା ରାଇସ ମିଲ, ବୈଷ୍ଣୋଦେବୀ ରାଇସ ଆଣ୍ଡ ଚୂଡ଼ା ମିଲ, ରାଧାକେଶବ ରାଇସ ମିଲ ଓ ଭେଙ୍କଟେସ୍ୱ ଚୂଡ଼ା ଆଣ୍ଡ ରାଇସ ମିଲ୍। ଏହାକୁ ନେଇ ଚାଷୀମାନେ ଉତ୍ସାହିତ ହୋଇଥିଲେ। ସମ୍ବଲପୁର ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କୁ ପଚାରିବାରୁ ସେ ମିଲର୍‌ମାନେ ଧାନ ରଖି ସ୍ଲିପ ଦେବେ ଏବଂ ଚାଷୀକୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ମିଳିଯିବ ବୋଲି କହିଥିଲେ। କିନ୍ତୁ, ଗୋଟିଏ ପରେ ଗୋଟିଏ ଗାଡ଼ି ଯାଇ ମିଲ୍ ସମ୍ମୁଖରେ ଛିଡ଼ା ହୋଇଥିଲେ ହେଁ ମିଲର୍‌ମାନେ ଫାଟକ ଖୋଲିନଥିଲେ। ଧାନ ନେବାକୁ ଅମଙ୍ଗ ହୋଇଥିଲେ। ମିଲର୍‌ମାନଙ୍କ ସହ ଧାନସଂଗ୍ରହକୁ ନେଇ ଏଗ୍ରିମେଣ୍ଟ ହୋଇନି, ସେମାନେ ସିକ୍ୟୁରିଟି ଡିପୋଜିଟ୍ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇନାହାନ୍ତି, ଏପରିକି ସ୍ୱୀକାରୋକ୍ତି ମଧ୍ୟ ଦେଇନାହାନ୍ତି ବୋଲି କହିଥିଲେ। ତେବେ ଏହାର ପ୍ରତିବାଦରେ ଚାଷୀମାନେ ମିଲ୍ ଆଗରେ ଧାରଣା ଦେବାରୁ ରାତି ପ୍ରାୟ ୮ଟାରେ ମିଲର୍‌ମାନେ ଧାନ ଉଠାଇଥିଲେ। କିନ୍ତୁ ସୋମବାରଠାରୁ ଆଉ ଧାନ ଉଠାଇବେ ନାହିଁ ବୋଲି ମନା କରିଦେଇଥିଲେ।

ଅପରପକ୍ଷେ, ରାଜ୍ୟ ମିଲ ମାଲିକ ସଂଘ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ରୋକ୍‌ଠୋକ୍ ଭାବେ ଧାନ ନେବେନି ବୋଲି ମନା କରିଛି। ନିଖିଳ ଓଡ଼ିଶା ମିଲର୍ସ ସଂଘର ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ ବରେଇପାଲିସ୍ଥିତ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ମିଲର୍‌ଙ୍କ ଅସହଯୋଗରେ ଧାନ ଉଠି ପାରୁନଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ଧାନ ସଂଗ୍ରହ କରିବା ଦାୟିତ୍ୱ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର। ଏହି ସଂସ୍ଥା ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥାଏ। ମିଲର୍‌ଙ୍କ ଦାୟିତ୍ୱ ଯୋଗାଣ ବିଭାଗଠାରୁ ଧାନ ସଂଗ୍ରହ କରି କଷ୍ଟମ ମିଲିଂ ପରେ ଚାଉଳ ଫେରସ୍ତ କରିବା ମଧ୍ୟରେ ସୀମିତ। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ୭ଦଫା ଦାବିରେ ମିଲର୍‌ଙ୍କ ପକ୍ଷରୁ ରାଜ୍ୟସାରା ଆନ୍ଦୋଳନ ଜାରି ରହିଛି। ଦୁଇବର୍ଷ ହେଲା ଦାବିପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି, କଷ୍ଟମ ମିଲିଂ ପରେ ଗତ ଖରିଫ ଓ ରବି ଋତୁର ଚାଉଳକୁ ଖାଦ୍ୟ ନିଗମ ନେଇ ନଥିବା ଅଭିଯୋଗ କରିଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Rayagada, vide No. 1100 dated. 29/11/2025, I, **Kumari Sunita Pujhari**, aged about 30 years, D/o- Nityananda Pujhari, resident of At- Pitamahal, PO.- Pitamahal, PS.- Seskhal, Tahasil/ Dist.- Rayagada, Pin- 765002, Odisha, declare that I have changed my name from **Sasmita Behera to Kumari Sunita Pujhari**. Henceforth, I shall be known as **Kumari Sunita Pujhari** for all purposes.

**Kumari Sunita Pujhari**

**AFFIDAVIT**

I, RAHUL RAY, aged about 26 years, S/o- Hari Kumar Ray resident of Indranagar At/PO: Mandosil, PS: Paikmal, Dist.: Bargarh, Odisha, PIN-768050, declared by this Affidavit No.: 1732/2025, Dated: 26.11.2025. That now onwards I shall be known as for all future **RAHUL KUMAR RAY** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 28/11/2025, CF No.- 50/28.11.2025. I, Pinki Senapati D/O Prakash Senapati, Plot No-1637, Community Center-8, Back side of Bharatpur, Dist.- Khordha, Pin- 751029, declare that I have changed the name of my daughter from Subhashree Senapati to Manasha Chakraborty. Henceforth, she shall be known as new name Manasha Chakraborty for all purposes.

**Pinki Senapati**

**AFFIDAVIT**

I, **Pravir Kumar Satpathy**, S/o.: Late Pravakar Satapathy resident of N/2-122 IRC Village, P.S.: Nayapalli, Bhubaneswar, Dist.: Khurda, PIN-751015, Odisha declare by this affidavit No. 400, Dtd.28.11.2025 that now onwards I shall be known as **PRAVIR KUMAR SATAPATHY** for all future purposes.

**AFFIDAVIT**

I, Simadri Rajalakshmi Patra, aged about 58 years, W/o- Sri Raj Kishore Patra, resident of Mahabir Residency, Kantabanji, PO/PS-Kantabanji, Dist- Balangir, PIN-767039, Odisha declared by this affidavit No. 1146, dtd-30/09/2025 that now onwards I shall be known as Rajlaxmi Patra for all future purposes.

**AFFIDAVIT**

By virtue of an affidavit before the Notary Public, Koraput, I, D Abinash Dora, residing at Police Camp, Sunabeda, Dist: Koraput, Odisha, do hereby declare that my correct name is D Abinash Dora, as per my Aadhaar, PAN and academic certificates. But in my Passport, mentioned as Domti Abinash Dora, where "D" stands for Domti. I hereby declare that I shall be known as D Abinash Dora for all purposes.

**D Abinash Dora**

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus: 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before the Executive Magistrate, Jajpur No 11806 dated 27/11/2025. I ANINDITA PADHI, W/O- Prasanta Kumar Padhi resident of Belarpur, Debidwar, Jajpur declare that I have changed my name From Anindita Rath to Anindita Padhi .Hence I will be known as Anindita Padhi for all purposes.

**DISTRICT PROJECT OFFICE, NUAPADA**
**SAMAGRA SHIKSHA**

At/PO/Dist-Nuapada (Behind Mini Stadium), Odisha-766105.
Phone & Fax: 06678-225121 (MIS) / 225295(OFF)
e-Mail: dpcnuapadassa.opepa@nic.in
No. 3404/IV/34/25/PLG/25, Date- 29.11.202

**NOTICE INVITING TENDER (NIT) FOR SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders under two bid systems (Technical & Financial Bid) are invited from reputed firms / agency/ individuals having valid GST Registration Number, IT clearance and valid PAN for printing & supply of "Identity Cards and Badges for Teachers and Students of PM-SHRI Schools for the year 2025-26".

| Name of the Tender | Bid processing fees (Rs.) | Amount of EMD (Rs.) | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Identity Card and PM SHRI Badge for the students and teachers of 08 nos of PMSHRI Schools | Rs.2000/- | Rs. 16480/- | 15.12.25, 5.00 AM | 16.12.25, 11.00 AM |

The Bid documents (tender papers) containing detailed specification with terms and conditions can only be downloaded from the district website i.e. https://nuapada.odisha.gov.in and OSEPA website https://osepa.odisha.gov.in.Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By order of Collector-cum-Chairman
District Education Officer-cum-DPC
Samagra Shiksha, Nuapada

**Women's College, Rayagada**

Gautam Nagar, Po/Dist.: Rayagada-765001
E-Mail ID: womenscollegergd@gmail.com , Ph. No. 06856453864
No. 551/WCR/25, Date- 28.11.2025

**Walk-In-Interview**

A walk-in-interview for engagement of various non-teaching posts in Women's College, Rayagada will be held on 17.12.2025 at 11:00 AM in the College premises.

| Sl No. | Posts | Minimum Qualification |
|---|---|---|
| 1 | Laboratory Bearer in Zoology (01) | 10th Pass |
| 2 | Laboratory Bearer in Physics (01) | 10th Pass |
| 3 | Peon(02) | 10th Pass |
| 4 | Sweeper(02) | 8th Pass |

Interested candidates should attend the interview with filled in Bio-data Proforma, all relevant documents in original; self attested photocopies and two Passport size photos. The Maximum age limit shall be 42 years and 5 years relaxation shall be given to SC/ST/Women and 3 years to SEBC and 10 years to PwDs. No TA/DA shall be paid for attending the interview.

The above mentioned posts are in self finance mode and no financial and non-financial support or grant of any nature will be extended to them from the Government in future.

Principal-cum-Secretary
Governing Body, Women's College, Rayagada

## ସାମାଜିକ ବାସନ୍ଦର କୁପରିଣତି

# ୧୨ ଘଣ୍ଟା ପଡ଼ି ରହିଲା ଶବ; ସମାଜସେବୀ କଲେ ଶବସତ୍କାର

ଚନ୍ଦାହାଣ୍ଡି, ୨୯।୧୧(ସମିସ)




ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଅଣ୍ଟିପଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାମାଜିକ ବାସନ୍ଦ କାରଣରୁ ଶବ ସତ୍କାର ପାଇଁ ଚାରି କାନ୍ଧ ନ ମିଳିବାରୁ ଦୀର୍ଘ ୧୨ ଘଣ୍ଟା ଶବ ଘରେ ପଡ଼ିରହିଥିଲା।ଶେଷରେଗାଁରସମାଜସେବୀ ଶବ ସତ୍କାର କରିଥିଲେ। ସୂଚନାନୁଯାୟୀ, ଅଣ୍ଟିପଡ଼ା ଗ୍ରାମର ଭଲ ନାୟକ ୩୦ ବର୍ଷ ତଳେ ସେହି ଗ୍ରାମର ଅନ୍ୟ ସମ୍ପ୍ରଦାୟର ଯୁବତୀକୁ ପ୍ରେମ ବିବାହ କରିଥିବାରୁ ଉଭୟ ଭିନ୍ନ ଜାତିର ହୋଇଥିବା ହେତୁ ସାମାଜିକ ବାସନ୍ଦ ହୋଇଥିଲେ। ଉଭୟଙ୍କ ଗୋଟେ ପୁଅ ଓ ଗୋଟିଏ ଝିଅ ରହିଛି। କିଛି ବର୍ଷ ତଳେ ଭଲ ନାୟକଙ୍କ ପରଲୋକ ହୋଇଥିଲା। ଝିଅର ବିବାହ ହୋଇ ସାରିବା ପରେ ମା' ଶାନ୍ତି ପୁଅ ନବୀନ ନାୟକ(୨୦)କୁ ନେଇ ରହୁଥିଲେ। ପୁଅ ନବୀନ କିଛି ମାସ ତଳେ ଯକୃତ ଜନିତ ରୋଗରେ ପଡ଼ି ଚିକିତ୍ସିତ ହେଉଥିଲେ। ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ସାମାଜିକ ବାସନ୍ଦ ହୋଇଥିବାରୁ ମୃତଦେହକୁ ସତ୍କାର ପାଇଁ ମଶାଣିକୁ

**ଶବକୁ କାନ୍ଧ ଦେଲେନି ଜାତି ଭାଇ**

ଚାରି କାନ୍ଧ ଦେବାକୁ ନିଜ ସମ୍ପର୍କୀୟ କିମ୍ବା ଗାଁର କୌଣସି ଲୋକ ରାଜି ହେଲେ ନାହିଁ। ଫଳରେ ମୃତଦେହ ଘରେ ଦୀର୍ଘ ୧୨ ଘଣ୍ଟା ପଡ଼ିରହିଥିଲା। ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଭରତ ବାଘ ଏବଂ ତାଙ୍କ ସାଥି ମଣ୍ଡଳ ସଭାପତି ତରୁନ ନାୟକ ସହ ଆରଏସଏସ ସଦସ୍ୟମାନେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବା ସତ୍ତ୍ୱେ ଶବ ସତ୍କାର ପାଇଁ କେହି ରାଜି ହୋଇ ନଥିଲେ। ଶେଷରେ ସମାଜସେବୀ ଭରତ ବାଘ, ତାଙ୍କ ସହଯୋଗୀ ସମାଜସେବୀ ଲୋକେଶ ସମରଥ, ହୃଷିକେଶ ନାୟକ, ସୁମନ୍ତ ରଥ ଏବଂ ମାଲଗାଁ ବିଜେପି ମଣ୍ଡଳ ସଭାପତି ତରୁଣ ନାୟକ ନିଜ କାନ୍ଧରେ ଶବକୁ ବୋହି ଶ୍ମଶାନକୁ ନେଇ ଶବ ସତ୍କାର କରିଥିଲେ। ସମାଜସେବୀମାନଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସାମାଜିକ ବାସନ୍ଦ ଭଳି କୁସଂସ୍କାରର ସଚେତନତା ଦିଗରେ ଜିଲ୍ଲା ପ୍ରସାଶନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

## 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ'ର ୩ ବିଦ୍ୟାର୍ଥୀ ପୁରସ୍କୃତ


ସୁନାବେଡ଼ା, ୨୯।୧୧(ସମିସ): ସୁନାବେଡ଼ା ପୌର ପରିଷଦ ପକ୍ଷରୁ ତିନି ଦିନ ଧରି ଚାଲିଥିବା ପୌରାଞ୍ଚଳୟସ୍ତରୀୟ 'ପରବ-୨୦୨୫' ଅବସରରେ ସୁନାବେଡ଼ା -୧ ଦଶହରା ପଡ଼ିଆଠାରେ ସ୍କୁଲ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅୟୋଜିତ ହୋଇଥିଲା। ତନ୍ମଧ୍ୟରୁ ନୃତ୍ୟ ପ୍ରତିଯୋଗିତାରେ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ପ୍ରତିଜ୍ଞା ପ୍ରିୟଦର୍ଶିନୀ ବୁଗୁଡ଼ାଇ, ଜାଗୃତି ସିଂହ, ପ୍ରତୀକ୍ଷା ଦାସ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ'ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ନୃତ୍ୟ ଶିକ୍ଷୟିତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଜୁଆଆଡ୍ଡାରେ ଚଢ଼ଉ; ୫ ଗିରଫ

ତେନ୍ତୁଳିଖୁଣ୍ଟି, ୨୯।୧୧(ସମିସ): ତେନ୍ତୁଳିଖୁଣ୍ଟି ପୁଲିସ ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୫ ଜଣ ଯୁଆଡ଼ିଙ୍କୁ ଗିରଫ କରାଯାଇଛି। ଜୁଆ ଆଡ୍ଡାରୁ ୮୧୬୦ ଟଙ୍କା ଜବତ କରାଯାଇଥିବା ବେଳେ ଏନେଇ ଏକ ମାମଲା ରୁଜୁ ହୋଇଛି। ମାମଲା ରୁଜୁ ପରେ ସମସ୍ତ ଯୁଆଡ଼ିଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡା ଯାଇଥିବା ଥାନା ଆଇଆଇସି ପ୍ରଣବ କୁମାର ଟୁଡୁ ସୂଚନା ଦେଇଛନ୍ତି। ପୁଲିସ ସୂଚନା ମୁତାବକ, ତେନ୍ତୁଳିଖୁଣ୍ଟି ଥାନା ଅଧୀନସ୍ଥ ମେରନାଶ



ଗ୍ରାମରେ ଜୁଆ ଆଡ୍ଡା ଚାଲିଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା। ପୁଲିସକୁ ଦେଖି କିଛି ଯୁଆଡ଼ି ଦୌଡ଼ି ପଳେଇଥିଲେ। ଏଥିରେ ୫ ଜଣ ଯୁଆଡ଼ିଙ୍କୁ କାବୁ କରିବାରେ ପୁଲିସ ସଫଳ ହୋଇଥିଲା। ଜୁଆ ଆଡ୍ଡାରୁ ୮୧୬୦ ଟଙ୍କା ସିଜ କରାଯାଇଛି। ସମସ୍ତ ଯୁଆଡ଼ିଙ୍କୁ ଥାନାଙ୍କୁ ଆଣି ମାମଲା ରୁଜୁ ପରେ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି। ଏହି ଚଢ଼ଉରେ ଥାନା ଆଇଆଇସି ଶ୍ରୀ ଟୁଡୁଙ୍କ ସମେତ ଏସଆଇ ମହେଶ୍ୱର କ୍ରିଷାନି ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

**● ଶବ ସତ୍କାରକୁ ନେଇ ନିଲଦୋରାପୁଟରେ ଉତ୍ତେଜନା**

## ଅନ୍ୟ ଧର୍ମର ଥିବାରୁ ଗାଁ ଶ୍ମଶାନରେ ଶବ ସତ୍କାର କରାଇଦେଲେନି ଗ୍ରାମବାସୀ

ନନ୍ଦପୁର, ୨୯।୧୧(ସମିସ): ଅନ୍ୟ ଧର୍ମର ହୋଇଥିବାରୁ ଗାଁ ଶ୍ମଶାନରେ ଶବ ସତ୍କାର କରିବାକୁ ଦେଲେନି ଗ୍ରାମବାସୀ। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ପୁଲିସର ହସ୍ତକ୍ଷେପ ପରେ ପୁଲିସ ଉପସ୍ଥିତିରେ ମୃତ ବୃଦ୍ଧାଙ୍କ ଶବ ସତ୍କାର ହୋଇଥିଲା। ଏଭଳି ଏକ ଅଭାବନୀୟ ଘଟଣା ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମପୁଟ ପଞ୍ଚାୟତ ସ୍ଥିତ ନିଲଦୋରାପୁଟ ଗ୍ରାମରେ ଦେଖିବାକୁ



**ପୁଲିସର ହସ୍ତକ୍ଷେପ ପରେ ହେଲା ସମାଧାନ**

ମିଳିଛି। ଗ୍ରାମବାସୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହେବା ପରେ ଶବ ସତ୍କାରକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବୃଦ୍ଧା ଜଣଙ୍କ ଖ୍ରୀଷ୍ଟ ଧର୍ମ ଥିବାରୁ ଗାଁ ଶ୍ମଶାନରେ ଶବ ସତ୍କାର କରିବାକୁ ଗ୍ରାମବାସୀ ଓ ବିଜେପି ବରିଷ୍ଠ ନେତା ରମେଶ ଚନ୍ଦ୍ର ଖେମୁଣ୍ଡୁ, ଧନୁର୍ଜୟ ମୁଦୁଲି ପ୍ରମୁଖ ବିରୋଧ କରିଥିଲେ। ଏହି ଖବର ନନ୍ଦପୁର ପୁଲିସ୍ ପାଇବା ପରେ ଏଏସଆଇ ଗୁପ୍ତେଶ୍ୱର ଗୌଡ, ହାବିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ, କନେଷ୍ଟବଳ ସଂଯୁକ୍ତା ମାଛ ପ୍ରମୁଖ ଗାଁରେ ପହଞ୍ଚି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମୃତ ବୃଦ୍ଧା ଜଣକ ଖ୍ରୀଷ୍ଟ ଧର୍ମୀ ଥିବାରୁ ଗ୍ରାମ ଶ୍ମଶାନ ଘାଟରେ ଶବ ସତ୍କାର ପାଇଁ ଦିଆଯିବ ନାହି ବୋଲି ଯୁକ୍ତି କରିଥିଲେ ବିଜେପି ନେତା ତଥା ଆଦିବାସୀ ସେବା ମଞ୍ଚର ପ୍ରୋଜେକ୍ଟ ଲିଡର ଧନୁର୍ଜୟ ମୁଦୁଲି। ତେବେ ପୁଲିସ୍ ଗ୍ରାମବାସୀଙ୍କୁ ଶବ ସତ୍କାର ତାଙ୍କ ଜାତି କୁଳ ଶ୍ମଶାନ ଘାଟରେ ହେବ, ସେଥିରେ ଅସୁବିଧା କେଉଁଠି ରହିଲା ବୋଲି ପ୍ରଶ୍ନ କରିଥିବା ବେଳେ ଖ୍ରୀଷ୍ଟ ଧର୍ମୀ ହେତୁ ଶ୍ମଶାନ ଘାଟ ଦିଆଯାଉ ନାହିଁ ବୋଲି ଯୁକ୍ତି କରିଥିଲେ ଶ୍ରୀ ମୁଦୁଲି। ବହୁ ସମୟ ଧରି ପୁଲିସ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ପରେ ଶବ ସତ୍କାର କରାଯାଇଥିଲା। ତେବେ ଏହି ଘଟଣା ଅଞ୍ଚଳରେ ପ୍ରଥମ ଥର ହୋଇଥିବା ବେଳେ ଘଟଣାକୁ ନେଇ ନିନ୍ଦା କରିଛନ୍ତି ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା। ମୃତ୍ୟୁ ପରେ ଶବର କୌଣସି ଧର୍ମ ରହିନଥାଏ, ଶବର କୌଣସି ଧର୍ମ ନାହିଁ; ଶବ ସତ୍କାରକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି କରିବା ଉଚିତ୍ ନୁହେଁ ବୋଲି କହିଛନ୍ତି ଶ୍ରୀ ବେବର୍ତ୍ତା। ସେପଟେ ସାମାଜିକ କର୍ମୀ ମୁନା ଦଳପତି ପୂର୍ବ ପୁରୁଷଠାରୁ ଗାଁରେ ରହିଥିବା ଭାଇ ଚାରା ଅକ୍ଷୁର୍ଣ୍ଣ ରଖିବାକୁ ସେ ପରାମର୍ଶ ଦେବା ସହ ଏପରି ଘଟଣା ଦୁର୍ଭାଗ୍ୟ ଜଣକ ବୋଲି କହିଛନ୍ତି। ସେହିପରି ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ମଣିଷ ମଲା ପରେ ଧର୍ମ ଆଳରେ ଶବ ସତ୍କାରକୁ ନେଇ ବିବାଦ ସୃଷ୍ଟି କରିବା ଉଚିତ ନୁହେଁ ବୋଲି କହିଛନ୍ତି।

**● ଜିଲ୍ଲାପାଳଙ୍କ ମୁନିଗୁଡା ଗସ୍ତ**

## ମଙ୍ଗଳ ବିଭାଗ ସ୍କୁଲ, ଉପାନ୍ତ ଅଞ୍ଚଳ ପରିଦର୍ଶନ



ମୁନିଗୁଡା/ଅମ୍ବାଦଳା, ୨୯।୧୧(ସମିସ): ଆଜି ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ରାୟଗଡ଼ା ଜିଲ୍ଲା ମୁନିଗୁଡା ଅଞ୍ଚଳ ଗସ୍ତ କରିଥିଲେ। ପ୍ରଥମେ ନିୟମଗିରି ପାହାଡ଼ରେ ବସବାସ କରୁଥିବା ଡ଼ଙ୍ଗରିଆଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ସେଗୁଡିକର କାର୍ଯ୍ୟକାରୀ ସ୍ଥିତି ପରଖିବାକୁ ଆଜି ହଠାତ ନିୟମଗିରିରେ ପହଞ୍ଚିଥିଲେ ଜିଲ୍ଲାପାଳ। ପ୍ରଥମେ ସକଟାରେ ପହଞ୍ଚି ଜନମନ ଯୋଜନାରେ ଘର ନିର୍ମାଣ, ଅଙ୍ଗନବାଡି ଗୃହ, ସ୍କୁଲ, ଆରୋଗ୍ୟ କେନ୍ଦ୍ର ଆଦି ବୁଲି ଦେଖିବା ପରେ କିଛି ହିତାଧିକାରୀଙ୍କୁ ଜାତି ଓ ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରେ ଜିଲ୍ଲାପାଳ ନିର୍ମାଣଧିନ ରାସ୍ତା ବୁଲି ଦେଖିଥିବା ବେଳେ ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ପାରଖିଥିଲେ। ସେଠାରେ ଅପରିଷ୍କାର ସ୍ଥାନରେ ପିଲାମାନଙ୍କ ପାଇଁ ଖାଦ୍ୟ ରନ୍ଧା ଯାଉଥିବା ଦେଖି ଅଧିକାରୀଙ୍କୁ ତାଗିଦ୍ କରିବା ସହ ବିଦ୍ୟାଳୟ ପାଇଁ ଆସିଥିବା ବିଲ୍ଡିଂ ଗୁଡ଼ିକର ଖୁବ୍‌ଶୀଘ୍ର ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରଘୁବାରୀ ଡିମିରିଗୁଡ଼ା ଭଳି ଉପାନ୍ତ ଅଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକର ସ୍ଥିତି ପରଖିଥିଲେ।ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଅମ୍ବାଦଳା ଅଞ୍ଚଳର ବୁଦ୍ଧିଜୀବୀମାନେ ଚଳିତ ବର୍ଷ ଅମ୍ବାଦଳା ହାଇସ୍କୁଲ ମେଟ୍ରିକ୍ ବୋର୍ଡ ପରୀକ୍ଷା କେନ୍ଦ୍ର ୫ କିଲୋମିଟର ବ୍ୟବଧାନରେ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ସେହିପରି ସ୍ଥାନୀୟ ଠିକାଦାରମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ବିଲ୍ଡିଂ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ବିଲ ପାଇନଥିବା ଅଭିଯୋଗ ଆଣିଥିଲେ। ତେବେ ଜିଲ୍ଲାପାଳ ଉକ୍ତ ବିଭାଗୀୟ ଅଧିକାରୀଙ୍କୁ ବିଲ ନହେବାର କାରଣ ପଚାରିବା ସହ ଯଥାଶୀଘ୍ର ସେମାନଙ୍କ ବିଲ କରିବା ସହିତ ବିଲ୍ଡିଂ ଗୁଡ଼ିକର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାପାଳ ରଘୁବାରି ଗସ୍ତରେ ଯାଇଥିବା ବେଳେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା ଜିଲ୍ଲାପାଳଙ୍କୁ ଭେଟି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ହଷ୍ଟେଲ, ଘାଟି ରାସ୍ତା ପ୍ରଶସ୍ତ ସହ ଦୁଇଗୋଟି ଚେକଡ୍ୟାମ ନିର୍ମାଣ ଭଳି ତିନିଗୋଟି ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

## ୩୪ ଲକ୍ଷର ଦେଶୀ ମଦ ଜବତ

ନାରାୟଣପଟଣା, ୨୯।୧୧(ସମିସ): ଦିନକୁ ଦିନ ଓଡ଼ିଶା ଆନ୍ଧ୍ର ସୀମାନ୍ତ ରେ ଦିନକୁ ଦିନ ଦେଶୀ ମଦ ବ୍ୟବସାୟୀଙ୍କ ଉପଦ୍ରବ ହେଉଥିବା ଦେଖିବାକୁ ମିଳିଛି। ନଦୀ କୂଳରେ ପୋଚ ରାନ୍ଧି ମଦ ତିଆରି କରି ପ୍ରାୟତଃ ଆନ୍ଧ୍ର ପ୍ରଦେଶକୁ ରାତ୍ର ସମୟରେ ଚାଲାଣ କରିଥିବା ଖବର ଅବକାରୀ ବିଭାଗ ନଜରକୁ ଆସିଥିଲା। ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଅବକାରୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ବନ୍ଧୁଗାଁ ଥାନା ଅର୍ନ୍ତଗତ ଆଲମଣ୍ଡା ପଞ୍ଚାୟତର ବୃନ୍ଦାବନ କରଲି ମାଣିକବାଲ୍ସ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଥିବା ନାଳରେ ଚଢ଼ଉ କରିଥିଲେ। ଆନ୍ଧ୍ର ଏବଂ ଓଡ଼ିଶା ଅବକାରୀ ଷ୍ଟାଫ ମିଶି ଗ୍ରାମ ନିକଟରେ ଥିବା ନାଳ ଓ ଜଙ୍ଗଲରେ ଚଢ଼ଉ କରି ୬୭୦୦ ଲିଟର ଗୁଡ ମିଶ୍ରିତ ପୋଚ ଜବତ କରି ନଷ୍ଟ କରିଥିଲେ। ଏହାର ଆନୁମାନିକ ମୂଲ୍ୟ ୩୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହାକୁ ଜବତ କରି ତିନି ଗୋଟି ବେନାମୀ ମକଦ୍ଦମା ରୁଜୁ କରାଯାଇଛି। ଏଥିରେ କୋରାପୁଟ ରେଞ୍ଜ ନିରୀକ୍ଷକ ସୁଧିର କୁମାର ସାହୁ, ଡିଏଫ୍‌ଏସ୍ ନିରୀକ୍ଷକ ଚନ୍ଦ୍ର ଶେଖର ପଢ଼ିହାରୀ, ଡିଏଫ୍‌ସି ଉପ ନିରୀକ୍ଷକ ରାଜୁ କ୍ଷେତି, ନାରାୟଣଃପାଟଣା ସହ ଉପ ନିରୀକ୍ଷକ ଉମେଶ କୁମାର ଦୋରା ଓ ଅବକାରୀ କର୍ମଚାରୀମାନେ ଏବଂ ଆନ୍ଧ୍ର ଅବକାରୀ ବିଭାଗର ୩୦ ଜଣ ଅଫିସର ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ବେଆଇନ ଗଞ୍ଜେଇ ଚାଷ ନଷ୍ଟ କଲା ଅବକାରୀ ବିଭାଗ



ବିଷମ କଟକ, ୨୯।୧୧(ସମିସ): ରାୟଗଡ଼ା ଜିଲ୍ଲାରେ ଏବେ ବ୍ଲକରୁ ବ୍ଲକ କାୟା ବିସ୍ତାର କରୁଛି ବେଆଇନ ଗଞ୍ଜେଇ ଚାଷ। ଚନ୍ଦ୍ରପୁର ଓ ପଦ୍ମପୁର ଏବଂ ଗୁଡାରି ବ୍ଲକରେ ବେଆଇନ ଗଞ୍ଜେଇ ଚାଷ ହୋଇଆସୁଥିବା ବେଳେ ଏହାର କାୟା ବିସ୍ତାର କରିଛି ବିଷମ କଟକ ବ୍ଲକକୁ। ବେରୋଜଗାର ଓ ସରକାରୀ ନିଯୁକ୍ତି ଅଭାବରୁ ଦୁର୍ଗମ ଇଲାକାରେ ଯୁବ ପିଢିଙ୍କୁ ଗଞ୍ଜେଇ ଚାଷ ଆକୃଷ କରୁଛି। ଗଞ୍ଜେଇ ଚାଷ କମ ମୂଲ୍ୟରେ ହଉଥିବା ଏବଂ ଅଧିକ ରୋଜଗାର ଯୋଗାଉ ଥିବାରୁ ଏହି ଚାଷକୁ ଆପଣାଉଛନ୍ତି। ବିଷମ କଟକ ବ୍ଲକର ବିଷମ କଟକ ଥାନା ଅନ୍ତର୍ଗତ ବେଥିଆପଡ଼ା ପଞ୍ଚାୟତର ରେଲାକୁପା ଗାଁର ସରକାରୀ ଜମି ଗୁଡିକରେ ବେଆଇନ ଗଞ୍ଜେଇ ଚାଷୀ ହୋଇଥିବାର ଜଣାପଡ଼ିଛି। କୌଣସି ସୂତ୍ରରୁ ଖବରପାଇ ଆଜି ବିଷମ କଟକ ଅବକାରୀ ବିଭାଗ ଓ ଗୁଣୁପୁର ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଏହି ଚଢ଼ଉ କରାଯାଇଛି। ପାଞ୍ଚ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଲାଗିଥିବା ହଜାରହଜାର ଗଞ୍ଜେଇ ଗଛକୁ ଅବକାରୀ ବିଭାଗ ପୋଡି ନଷ୍ଟ କରିଛି। ଏହି ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ଆକଳନ କରିଛି। ଏଥିସହିତ ବିଷମ କଟକ ଅଞ୍ଚଳରେ ଏତେ ପରିମାଣ ଗଞ୍ଜେଇ ଚାଷ କେଉଁମାନେ କରିଛନ୍ତି ଏବଂ କିଏ ପ୍ରତ୍ସାହନ ଯୋଗାଉଛି ତାର ତଦନ୍ତ ଚଳାଇଛି ଅବକାରୀ ବିଭାଗ। ପ୍ରଥମ ଥର ବିଷମ କଟକ ବ୍ଲକ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଥିବା ସମସ୍ତଙ୍କୁ ଚକିତ କରିଛି।

**● ମାନବିକତା ଦେଖାଇଲେ ୩ ବିଆର୍‌ପି**

## ଦୁର୍ଘଟଣାରେ ଆହତ ଯୁବକଙ୍କୁ ପଠାଇଲେ ମେଡ଼ିକାଲ

ନନ୍ଦପୁର, ୨୯।୧୧(ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ଖୋର୍ଜୀ ଗ୍ରାମ ପଞ୍ଚାୟତର ଗାଲଗାଡ ରାସ୍ତା ଉପରେ ବାଇକ୍ ଦୁର୍ଘଟଣାରେ ଆହତ ହୋଇ ପଡ଼ିଥିବା ଯୁବକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇ ମାନବିକତା ଦେଖାଇଛନ୍ତି ନନ୍ଦପୁର ବ୍ଲକର କାର୍ଯ୍ୟରତ ତିନି ବିଆରପି ମୀନ ଚୌଧୁରୀ, ବିଜୟ ଲକ୍ଷ୍ମୀ ଡଙ୍ଗାୟତ, ହେମଲତା ଖରା। ସେମାନେ ଖେମୁଣ୍ଡୁଗୁଡା ଯାଉଥିବା ବେଳେ ଗାଲଗଡ଼ା ରାସ୍ତା କଡରେ ବାଇକ୍ ଦୁର୍ଘଟଣା ହୋଇ ଆହତ ଅବସ୍ଥାରେ ପଡ଼ିଥିବା ଯୁବକଙ୍କୁ ଦେଖି ସେଠାରେ ଅଟକିବା ସହ ତାଙ୍କୁ



ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ। ତିନି ଜଣ ମହିଳା ଦୁର୍ଘଟଣା ଯୁବକଙ୍କୁ ଉଦ୍ଧାର କରୁଥିବା ଦେଖି ରାସ୍ତାରେ ଯାଉଥିବା ବ୍ୟକ୍ତିମାନେ ମଧ ଆସି ସହଯୋଗ କରିଥିଲେ। ତେବେ ସାମାଜିକ ସମୀକ୍ଷା ପାଇଁ ଖେମୁଣ୍ଡୁଗୁଡ଼ା ଯାଉଥିବା ଉକ୍ତ ତିନି ବିଆର୍‌ପି ମହିଳାଙ୍କ ଏଭଳି ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଡ୍ରଗ୍ ଇନ୍ସପେକ୍ଟରଙ୍କ ଔଷଧ ଦୋକାନ ଯାଞ୍ଚ

ଗୁଡାରୀ, ୨୯।୧୧(ସମିସ): ଗୁଡାରୀ ସହରରେ ମାଳ ମାଳ ବେଆଇନି କ୍ଲିନିକ୍ ଚାଲିଥିବା କଥା ପ୍ରଶାସନ ଜାଣିବାପରେ ପରିଷଦରେ ଚାଲିଥିବା କ୍ଲିନିକ ଏବଂ ମେଡିକାଲ ଷ୍ଟୋର ଉପରେ ପ୍ରଶାସନର ଚଢ଼ଉ କରିବା ଦେଖିବାକୁ ମିଳିଛି। ଡ୍ରଗ୍ ଇନ୍ସପେକ୍ଟର ଏକ ଟିମ୍ ସହ ଶୁକ୍ରବାର ଗୁଡାରି ସହରରେ ଥିବା ସମସ୍ତ ଔଷଧ ଦୋକାନ ଯାଞ୍ଚ କରିଥିଲେ। ମୁଖ୍ୟତଃ ଦୋକାନର ଲାଇସେନ୍ସ, ବୈଧ ତାରିଖ, ଔଷଧ ବିଲ, ଔଷଧର ବ୍ୟାଚ ନମ୍ବର, ଗର୍ଭ ନିରୋଧକ କିଟ୍ କ୍ରୟ ହୋଇଛି କି ନାହିଁ, ସେନେଇ ଔଷଧ ଦୋକାନର ସମସ୍ତ ନଥିପତ୍ର ଯାଞ୍ଚ କରାଯାଇଥିଲା। ଡାକ୍ତରଙ୍କ ଗର୍ଭ ନିରୋଧକ କିଟ୍ ବିନା ପ୍ରେସକିପ୍ସନରେ ଗର୍ଭ ନିରୋଧ ବିକ୍ରି ନେଇ ତାଗିଦ କରିବା ସହ ଅତ୍ୟଧିକ ଆଣ୍ଟିବାଇଓଟିକ କ୍ରୟ ଓ ଗଛିତ ନ କରିବା ପାଇଁ ତାଗିଦ୍ କରିଥିଲେ। ଅନ୍ୟପଟେ ଜଣେ ଔଷଧ ଦୋକାନୀ ଗୁଟୁଖା ସେବନ କରି କାଉଣ୍ଟରରେ ବସିଥିବାରୁ ତାଙ୍କଠାରୁ ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସମସ୍ତ ଦୋକାନୀଙ୍କୁ ସରକାରଙ୍କ ନିୟମକୁ କଡାକଡି ପାଳନ କରିବା ପାଇଁ ଔଷଧ ଅଧିକାରୀ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହି ଯାଞ୍ଚ ସମୟରେ ସ୍ଥାନୀୟ ଏଏସ୍‌ଆଇ ଶ୍ୟାମସୁନ୍ଦରଙ୍କ ସହ ପୁଲିସ ହୋମଗାର୍ଡ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ସର୍ଗିଫୁଲ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା; କର୍ଚ୍ଚାମାଳ ବିଦ୍ୟାଳୟ ପ୍ରଥମ




କୋଷାଗୁମୁଡା, ୨୯।୧୧(ସମିସ): ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖଲିଆଭଟା କଳାହାଣ୍ଡିଠାରେ ଅନୁଷ୍ଠିତ ମଙ୍ଗଳ ବିଭାଗର ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କର୍ଚ୍ଚାମାଳର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଜ୍ୟୋତି ପ୍ରକାଶ ଜଗଦେବଙ୍କ ଦ୍ୱାରା ନିର୍ମିତ ବିଜ୍ଞାନ ପ୍ରକଳ୍ପ 'ମୋ ସ୍ୱପ୍ନର ଗ୍ରାମ' ପ୍ରଥମ ହୋଇ ରାଜ୍ୟସ୍ତରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଆସନ୍ତା ମାସ ୨୦ ତାରିଖରେ ଏହି ପ୍ରକଳ୍ପ ଭୁବେଶ୍ୱରସ୍ଥିତ ସର୍ଗିଫୁଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ପଥ ପ୍ରଦର୍ଶକ ଶିକ୍ଷକ ଜ୍ୟୋତି ପ୍ରକାଶ ଜଗଦେବଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅଧ୍ୟକ୍ଷ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କ ପ୍ରେରଣାରେ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପଟି ଉଚ୍ଚ ପ୍ରଶଂସିତ ହୋଇ ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାରେ ପ୍ରଥମ ହେବାର ଗୌରବ ଅର୍ଜନ କରିଛି। ଏହାକୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଓମଦେବି ତନ୍ତୀ ଓ ଏକାଦଶ ଶ୍ରେଣୀର ଛାତ୍ରୀ ଚନ୍ଦ୍ରିକା ମାଝୀ ଉପସ୍ଥାପନ କରିଥିଲେ। ଏଥି ସହିତ ଏକକ ନୃତ୍ୟରେ କର୍ଚ୍ଚାମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତୁଳସା ଭତ୍ରା ପ୍ରଥମ ଓ ମିନାକ୍ଷୀ ଶବର ଗୀତରେ ପ୍ରଥମ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ମହଲରୁ ଜ୍ୟୋତି ପ୍ରକାଶ ଜଗଦେବଙ୍କୁ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ଷଡଙ୍ଗୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବିଦ୍ୟାଳୟର ସମସ୍ତ ଅଧ୍ୟାପକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ପ୍ରଧାଶିକ୍ଷୟିତ୍ରୀ ସୁଚେତା ବ୍ରହ୍ମା ଜ୍ୟୋତି ପ୍ରକାଶ ଜଗଦେବ ଓ ଅନ୍ୟ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ**

# ଜୟପୁର ବ୍ଲକ ଓ ପୌରାଞ୍ଚଳରେ ନୈରାଶ୍ୟ ଜନକ

ଜୟପୁର, ୨୯ ।୧୧ (ସମିସ)

ରାଜ୍ୟ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ କୌଣସି କାରଣରୁ ଅଧାରୁ ପାଠ ଛାଡିଥିବା ଏବଂ ଆଦୌ ବିଦ୍ୟାଳୟକୁ ଯାଇନଥିବା ବାଳକ ଓ ବାଳିକାଙ୍କୁ ଠାବ କରିବା ନେଇ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ମାଧମରେ ସର୍ଭେ ପ୍ରକ୍ରିୟା ଗତ ଦୁଇ ମାସ ଧରି ଆରମ୍ଭ କରିଛନ୍ତି। କିନ୍ତୁ ଏହି କାର୍ଯ୍ୟକ୍ରମର ସଫଳତା ଜୟପୁର ବ୍ଲକ ଓ ପୌରାଞ୍ଚଳରେ ନୈରାଶ୍ୟ ଜନକ ଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଜୟପୁର ବ୍ଲକ ଶିକ୍ଷା ବିଭାଗର ଅଧୀନରେ ଥିବା ୨୨ଟି ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳର୨୮ ଟି ୱାର୍ଡକୁ ନେଇ ଶିକ୍ଷା ବିଭାଗ ଅଧୀନରେ ଥିବା ୧୫ଟି କ୍ଲଷ୍ଟରର ଅଧାରୁ ପାଠ ଛାଡିଥିବା ବାଳକ ଓ ବାଳିକାଙ୍କୁ ପୁନଃର୍ବାର ବିଦ୍ୟାଳୟକୁ ଫେରାଇ ଆଣିବାରେ ବର୍ତ୍ତମାନ ସୁଦ୍ଧା ସଫଳତା ହାର ୩୯ ପ୍ରତିଶତ ରହିଛି। ଏହାବ୍ୟତିତ ଆଦୌ ବିଦ୍ୟାଳୟ ଯାଇନଥିବା ବାଳକ ବାଳିକାଙ୍କ ହାର ୫୭.୯୧ ପ୍ରତିଶତ ରହିଛି। ପାଠପଢ଼ି ଅଧାରୁ ବିଦ୍ୟାଳୟ ଛାଡିଥିବା ୭ ରୁ ୧୪ ବର୍ଷ ବୟସର ବାଳକ ଓ ବାଳିକାଙ୍କ ସଂଖ୍ୟା ଜୟପୁର ବ୍ଲକ ଓ ପୌରସଂସ୍ଥାରେ ୪୧୮ ଜଣ ଥିଲେ। ସେଥମଧ୍ୟରୁ ୨୭୮ ଜଣଙ୍କୁ ପୁଣି ବିଦ୍ୟାଳୟରେ ପାଠପଢ଼ାଇବା ବ୍ୟବସ୍ଥା କରାଯାଇ ଫେରାଇ ଅଣାଯାଇଛି। ସେହିପରି ୧୫ ରୁ ୧୮ ବର୍ଷ ବୟସର ୧୨୧୫ଜଣ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୩୬୨ ଜଣଙ୍କୁ ବିଦ୍ୟାଳୟକୁ ଆଣିବା ସହ ପୁନଃର୍ବାର ପାଠପଢ଼ାଇବାରେ ସଫଳତା ମିଳିଛି। ସେହିପରି ଜୀବନକାଳ ମଧ୍ୟରେ ଆଦୌ ବିଦ୍ୟାଳୟ ଯାଇନଥିବା ୭ ରୁ ୧୪ ବର୍ଷର ୧୮୪ଜଣ ବାଳକ ଓ ବାଳିକାଙ୍କ ମଧ୍ୟରୁ ୧୩୪ ଜଣଙ୍କୁ ବିଦ୍ୟାଳୟରେ ଦାଖଲା ସହିତ ପାଠ ପଢ଼ାଇବାର ବ୍ୟବସ୍ଥା କରାଯାଇଛି। ୧୪କୁ ୧୮ ବର୍ଷ ମଧ୍ୟରେ ୭୫ ଜଣଙ୍କ ମଧ୍ୟରୁ ୧୯ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଦାଖଲା କରାଯାଇ ପାରିଛି। ଜୟପୁର ବ୍ଲକ ଓ ପୌରସଂସ୍ଥାରେ ୧୫ ଟି କ୍ଲଷ୍ଟର ମଧ୍ୟରୁ ଡିମଳା କ୍ଲଷ୍ଟରରେ ସର୍ବାଧିକ ୭୭ ଜଣ ୭କୁ ୧୪ ବର୍ଷର ବାଳକ ବାଳିକା ଅଧାରୁ ପାଠ ଛାଡିଛନ୍ତି ଏବଂ ଫାମ୍ପୁଣି କ୍ଲଷ୍ଟରରେ ୨୫୨ ଜଣ ୧୫କୁ ୧୮ ବର୍ଷର ବାଳକଓବାଳିକା ପାଠ ଛାଡିଛନ୍ତି। ସେହିପରି ଆଦୌ ବିଦ୍ୟାଳୟ ଯାଇନଥିବା ୭ରୁ ୧୪ ବର୍ଷ ମଧ୍ୟରେ ବାରିଣିପୁଟ କ୍ଲଷ୍ଟରରେ ୪୬ ଜଣ ଏବଂ ୧୫ରୁ ୧୮ ବର୍ଷ ବୟସ ମଧ୍ୟରେ ରଣ୍ଡାପାଲ୍ଲୀ ଏବଂ ଫମ୍ପୁଣି କ୍ଲଷ୍ଟର ୧୩ ଜଣ ଲେଖାଏଁ ବାଳକ ବାଳିକା ଠାବ କରାଯାଇଛି। କିନ୍ତୁ ସମସ୍ତଙ୍କୁ ବିଦ୍ୟାଳୟକୁ ଫେରାଇ ଅଣାଯାଇପାରିନି। ଯାହାକୁ ନେଇ ଏବେ ସରକାରଙ୍କ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ବିଦ୍ୟାଳୟକୁ ଫେରାଇ ଆଣି ପାଠପଢ଼ାଇବା ସହ କାର୍ଯ୍ୟକ୍ରମର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୨ ମାସର ସର୍ଭେ ଏବଂ କାର୍ଯ୍ୟକାରିତାରେ କିଞ୍ଚିତ ମାତ୍ରାରେ ସଫଳତା ମିଳିଥିବା ବେଳେ ଏନେଇ ଆଗାମୀ ଦିନରେ କେଉଁ ବ୍ୟବସ୍ଥା କରାଯାଉଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ତେବେ ଏନେଇ ଜୟପୁର ବିଇଓ ଚନ୍ଦନ କୁମାର ନାୟକଙ୍କୁ ପଚାରିବାରୁ, ଏହି ସର୍ଭେ ଜାରୀ ରହିଥିବା କହିବା ସହ ବିଦ୍ୟାଳୟକୁ ଅଣାଯାଇ ପାଠପଢ଼ାଇବା ସହ ମୁଖ୍ୟସ୍ରୋତରେ ସାମିଲ ହେବା ନେଇ ପ୍ରକ୍ରିୟା ଜାରି ରହିଛି; ସମ୍ପୂର୍ଣ୍ଣ ସଫଳତା ପାଇବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

# ଏସ୍‌ଏଚ୍‌ଜି ଜରିଆରେ ଧାନ କିଣିବାକୁ ଦାବି; ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ, ୨୯।୧୧(ସମିସ)

ଜୟପୁର ବ୍ଲକ ଜାମୁଣ୍ଡା ଗ୍ରାମ ପଞ୍ଚାୟତ ସ୍ଥିତ ମାଷ ମୁତ୍ୟାଲୁମା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମଣ୍ଡିରେ ଖରିଫ ଧାନ କିଣିବା ନିମନ୍ତେ ସ୍ଥାନୀୟ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସରପଞ୍ଚ ମାଧବ ଗଦବା, ସମିତି ସଭ୍ୟ ସମାରୁ ଗାଦବା, ଚାଷୀ ବି, ନାଗେଶ, ଭାସ୍କର ବାବୁ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ଶନିବାର ଅପରାହ୍ନରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କ କହିବା ଅନୁଯାୟୀ ୨୦୧୯-୨୦ ମସିହାରୁ ମା' ମୁତ୍ୟାଲୁମା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଧାନ ମଣ୍ଡି ପରିଚାଳନା କରି ଆସୁଛନ୍ତି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ବୃନ୍ଦ ଅତ୍ୟନ୍ତ ଶୃଙ୍ଖଳାର ସହିତ ଚାଷୀ ପଞ୍ଜିକରଣ ଠାରୁ ଆରମ୍ଭ କରି ଧାନ କିଣି ଠିକ୍ ସମୟରେ ଚାଷୀଙ୍କୁ ଧାନର ଉପଯୁକ୍ତ ମୂଲ୍ୟ ପ୍ରଦାନ କରୁଛନ୍ତି। କିନ୍ତୁ କିଛି ଲୋକ ନିଜ ସ୍ୱାର୍ଥ ହାସଲ ପାଇଁ ୧୦ରୁ ୧୨ ଜଣ ଚାଷୀ ଓ ମଧ୍ୟସ୍ଥି ମା' ମୁତ୍ୟାଲୁମା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିରୋଧ କରି ଅନ୍ୟ ସଂସ୍ଥା ଦ୍ୱାରା ଧାନ କିଣିବାକୁ କିଛି ଦିନ ପୂର୍ବରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ସେମାନେ କେତେକ ବ୍ୟବସାୟୀଙ୍କ ପ୍ରରୋଚନାରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିରୋଧ କରୁଥିବା ବିଷୟ ଜିଲ୍ଲାପାଳଙ୍କୁ ଭେଟିଥିବା ଚାଷୀ ମତବ୍ୟକ୍ତ କରିଥିଲେ। ତେଣୁ ଚାଷୀଙ୍କ ସୁବିଧା ପାଇଁ ମା' ମୁତ୍ୟାଲୁମ୍ମା ସ୍ୱୟଂ ସହାୟିକା ଗୋଷ୍ଠୀ ପୂର୍ବଭଳି ଧାନ କିଣିବାକୁ ଅନୁମତି ଦେବାକୁ ଦାବି କରିଛନ୍ତି।



# କୋଷାଗୁମୁଡା ପିଏସ୍‌ଏସ୍‌ରେ ବିଦ୍ୟୁତ୍ ସଶକ୍ତିକରଣ କାର୍ଯ୍ୟ ସମ୍ପନ୍ନ



କୋଷାଗୁମୁଡା, ୨୯।୧୧(ସମିସ): ବିଦ୍ୟୁତ ସେବାରେ ବ୍ୟାଘାତ ନହେବା ପାଇଁ ବିଦ୍ୟୁତ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି କୋଷାଗୁମୁଡାରେ ପୂର୍ବାହ୍ନ ୧୦ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଦ୍ୟୁତ ସରୋବରାହ ବନ୍ଦ କରି ଟିପିଏସ୍‌ଓଡିଏଲ୍ ଦ୍ୱାରା ୩୩/୧୧ କେଭି ପ୍ରାଇମେରୀ ସବ୍-ଷ୍ଟେସନ୍‌ରେ ପ୍ଲାଣ୍ଟ ଶଟ୍‌ଡାଉନ୍ କରାଯାଇଥିଲା। କାର୍ଯ୍ୟ ସମୟରେ ୨ ଭିସିବି, ୬ ସିଟିଓ ୩ ପିଟି ପରିବର୍ତ୍ତନ କରାଯାଇଛି। ଏହା ସହିତ ୨ଟି ନୂଆ ଲାଇନ୍ ଏବି ସ୍ୱିଚ୍ ମଧ୍ୟ ସ୍ଥାପିତ କରାଯାଇଛି। ଏହି କାର୍ଯ୍ୟର ଉଦ୍ଦେଶ୍ୟ ବିଦ୍ୟୁତ୍ ଯୋଗାଣର ବିଶ୍ୱସନୀୟତା ବୃଦ୍ଧି କରିବା। ଏହି ପଦକ୍ଷେପ ଦ୍ୱାରା କୋଷାଗୁମୁଡା ଅଞ୍ଚଳରେ ବିଦ୍ୟୁତ୍ ସଶକ୍ତିକରଣ, ଯୋଗାଣ ବିଶ୍ୱସନୀୟତା ବୃଦ୍ଧି ଓ ତ୍ରୁଟି ହ୍ରାସ ଆଶା କରାଯାଉଛି ବୋଲି ବିଦ୍ୟୁତ ଯନ୍ତ୍ରୀ ଭବାନୀ ଶଙ୍କର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ବିଶପ ନିର୍ବାଚନ ନେଇ ଦେଓଘାଟି ମଣ୍ଡଳୀରେ ଅସନ୍ତୋଷ



କୋରାପୁଟ, ୨୯।୧୧(ସମିସ): ବିଭିନ୍ନ କାରଣ ନେଇ ଦୀର୍ଘଦିନ ହେଲା କୋରାପୁଟ ବ୍ଲକ ଅନ୍ତର୍ଗତ ଦେଓଘାଟି ଗ୍ରାମ ସ୍ଥିତ ଜେଇଏଲସି ଖ୍ରୀଷ୍ଟିଆନ ଧର୍ମାଲମ୍ବିଙ୍କ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ବର୍ତ୍ତମାନ ବିଶପ ନିର୍ବାଚନ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ଗୀର୍ଜା ଗୃହରେ ଗୋଟିଏ ଦଳ ସକାଳେ ଉପାସନା କରୁଥିବାବେଳେ ଅନ୍ୟ ଦଳ ମଧ୍ୟାହ୍ନରେ ଉପାସନା କରୁଛନ୍ତି। ଏଭଳି ବିଶୃଙ୍ଖଳାର ସମାଧାନ ପାଇଁ ଉଭୟ ଦଳ ମଧ୍ୟରେ ଆପୋଷ ବୁଝାମଣା କରିବାକୁ ଜେଇଏଲସି କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ଉଦ୍ୟମ କରାଯାଇଥିଲେ ମଧ୍ୟ ସମାଧାନ ହୋଇ ପାରିନାହିଁ। ଏହାକୁ ନେଇ ଗୋଟିଏ ଦଳ ଜିଲ୍ଲା ପ୍ରଶାସନର ଦ୍ୱାରସ୍ତ ହେବାରୁ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଉଭୟ ଦଳକୁ ନେଇ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମଧ୍ୟ ସମାଧାନର ପନ୍ଥା ବାହାରିଲା ନାହିଁ। ଯାହାଫଳରେ ଗୋଟିଏ ଦଳ ବାଧ୍ୟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାରି ମଧ୍ୟରେ ସିନେଟ ନିର୍ବାଚନ ଘୋଷଣା ହୋଇଥିଲା, ଯେଉଁଥିରେ ପ୍ରତ୍ୟେକ ଚର୍ଚ୍ଚ ପାଇଁ ନିର୍ବାଚନ ମାଧ୍ୟମରେ ବିଭିନ୍ନ ପ୍ରତିନିଧିଙ୍କୁ ଚୟନ କରାଯାଏ। ଏହି ପ୍ରକ୍ରିୟାରେ ଦେଓଘାଟି ଚର୍ଚ୍ଚର ଗୋଟିଏ ଦଳକୁ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ମାନ୍ୟତା ଦିଆଯାଇ ଅନ୍ୟ ଦଳକୁ ଉପେକ୍ଷା କରାଗଲା। ଉକ୍ତ ନିର୍ବାଚନ ପୂର୍ବରୁ ମାନ୍ୟବର ହାଇକୋର୍ଟ କୋରାପୁଟ ଜିଲାପାଳଙ୍କୁ ଏହାର ସମାଧାନ କରିବା ପରେ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେବାରୁ ଜିଲ୍ଲାପାଳ ଏହାକୁ ନେଇ ଜେଇଏଲସିର ତତ୍କାଳୀନ ସିନେଟ ଚେୟାମ୍ୟାନଙ୍କୁ ସମାଧାନ କରି ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସିନେଟ ଚେୟାରମ୍ୟାନ ଏହାକୁ ଅଣଦେଖା କରି ତରବରିଆ ଓ ଅସାମ୍ବିଧାନିକ ଭାବେ କୋରାପୁଟ ଜିଲ୍ଲା ବଦଳରେ ନବରଙ୍ଗପୁର ଜିଲ୍ଲାରେ ସିନେଟ ନିର୍ବାଚନର ଆୟଜନ କରିଥିଲେ। ଏହି ପରିପ୍ରେକ୍ଷୀରେ ଦେବୀଘାଟି ଜେଇଏଲ ଚର୍ଚ୍ଚର ସଭ୍ୟ ସଭ୍ୟାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇ ଉପରକ୍ତ ବିଷୟ ଗୁଡିକକୁ ପୁନଃ ବିଚାର କରିବାକୁ ଲିଖିତ ନିବେଦନ କରିଛନ୍ତି। ସିନୋଟ ଚେୟାରମ୍ୟାନଙ୍କୁ ପୁଣି ଥରେ ନୋଟିସ କରିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରୀତି ରଞ୍ଜନ କୁମାର ଡୁରୁକ ସୂଚନା ଦେଇଛନ୍ତି।

# ଟ୍ରକ୍‌ରୁ ୧୩ ଗୋରୁ ଉଦ୍ଧାର

ବ୍ରହ୍ମପୁର,୨୯।୧୧(ସମିସ): ଜାତୀୟ ରାଜପଥ-୧୬ ଲାଞ୍ଜିପଲ୍ଲୀ ବାଇପାସ୍ ଛକରୁ ଏକ ଟ୍ରକରୁ ୧୩ଗୋରୁ ଉଦ୍ଧାର କରାଯାଇଛି।

ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଏହି ଗୋରୁଙ୍କୁ ବଜରଙ୍ଗ ଦଳ ପକ୍ଷରୁ ଉଦ୍ଧାର କରାଯିବା ପରେ ନିକଟସ୍ଥ ଗୋଶାଳାକୁ ପଠାଯାଇଛି। ସେହିପରି ଗୋରୁ ଚୋରା ଚାଲାଣରେ ସଂପୃକ୍ତ ୩ଜଣ ବ୍ୟକ୍ତି ଓ ଟ୍ରକ ଚାଳକଙ୍କୁ କାବୁ କରି ପୁଲିସ ଜିମା ଦିଆଯାଇଛି। ଏହି ଗୋରୁଙ୍କୁ ହାଇଦ୍ରାବାଦ ଚାଲାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଟ୍ରକରେ ଗୋରୁଙ୍କ ସହ ଚାଲାଣ ହେଉଥିବା ଏକ ବାଛୁରୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ଗାଈ ଗୁହାଳ ନିର୍ମାଣର ବକେୟା ଅର୍ଥ ମିଳିବ କେବେ?

କୋରାପୁଟ/ପୋଡ଼ାଗଡ଼, ୨୯।୧୧(ସମିସ): କୋରାପୁଟ ବ୍ଲକ ଅନ୍ତର୍ଗତ ଝଡିଗୁଡ଼ା ଗ୍ରାମର ହିତାଧିକାରୀମାନେ ଗାଈ ଗୁହାଳ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ଅର୍ଥ ପାଇ ନ ଥିବା ଅଭିଯୋଗ କରିଛନ୍ତି। କେବେ ବକେୟା ଅର୍ଥ ମିଳିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆର୍ଥିକ ବର୍ଷ ୨୦୨୧-୨୨ରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗାଈ ଗୁହାଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି। ଝଡିଗୁଡା ଗ୍ରାମର ଗୋଟିଏ ସାହିର ତୈଳ କୁମ୍ଭାର, ଧନ କୁମ୍ଭାର, ଘାସି କୁମ୍ଭାର, ହରିବନ୍ଧୁ ମାଳି ନିଜ ଘର ପାଖରେ ଗାଈ ଗୁହାଳ ନିର୍ମାଣ କରିଛନ୍ତି। ଗାଈ ଗୁହାଳ ନିର୍ମାଣ ପାଇଁ ଇଟା, ବାଲି, ପଥର ବାକିରେ ଆଣିଥିଲେ। ଗତବର୍ଷ ଟଙ୍କା ଶୁଝିଥିବା ହିତାଧିକାରୀ ଧନ କୁମ୍ଭାର କହିଛନ୍ତି। ସେ କେବଳ ଗୁହାଳ ବାବଦକୁ ୩୦ ହଜାର ଟଙ୍କା ପାଇଥିବା ବେଳେ ବାକି ଅର୍ଥ ପ୍ରଦାନ କରିବାକୁ ସମସ୍ତଙ୍କୁ ଅବଗତ କରିଥିଲେ ସୁଦ୍ଧା ୪ ବର୍ଷ ହୋଇଗଲାଣି ବକେୟା ଟଙ୍କା ପାଇନଥିବା ସେ କହିଛନ୍ତି। ଅନ୍ୟପଟରେ ସାମଗ୍ରୀ ବାବଦରେ ଅର୍ଥ ଆସି ନାହିଁ, ଆସିଲେ ତୁରନ୍ତ ପ୍ରଦାନ କରାଯିବ ବୋଲି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର କହିଛନ୍ତି। ପ୍ରାୟ ୮ ମାସ ହେବ ଟଙ୍କା ଆସି ନାହିଁ ବୋଲି ସେ କହିଛନ୍ତି। ଉକ୍ତ କାର୍ଯ୍ୟ ୨୦୨୧-୨୨ ଆର୍ଥିକ ବର୍ଷର ହୋଇଥିବାରୁ ବକେୟା ଟଙ୍କା କୁଆଡେ ଗଲା ବୋଲି ପ୍ରଶ୍ନ ଉଠିଛି। ଉକ୍ତ କାର୍ଯ୍ୟର କେସ ରେକର୍ଡ ଗୁଡ଼ିକ ଯାଞ୍ଚ କରିବାକୁ କୋରାପୁଟ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନେ କିପରି ବକେୟା ଟଙ୍କା ପାଇବେ ସେଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର।





# ଡିସେମ୍ବର ୧୪ରେ ଜୟପୁରରେ ରାହାଗିରି

ଜୟପୁର, ୨୯ ।୧୧(ସମିସ): ଜୟପୁର ସହରରେ ପୂର୍ବରୁ ଆୟୋଜିତ ହେଉଥିବା ରାହାଗିରି ପୁନର୍ବାର ଆୟୋଜିତ କରିବାକୁ ଆଜି ଅପରାହ୍ନରେ ସ୍ଥାନୀୟ ପୌରସଂସ୍ଥାର ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳ ତଥା ପୌରନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡି ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୁନର୍ବାର ରାହାଗିରି କରିବା କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ। ସୂଚନାଯୋଗ୍ୟ, କୋଭିଡ ପୂର୍ବରୁ ୨୦୧୭ ମସିହାରୁ ୨୦୧୯ ମସିହା ପର୍ଯ୍ୟନ୍ତ ରାହାଗିରି କାର୍ଯ୍ୟକ୍ରମ ଜୟପୁର ଠାରେ ଆୟୋଜିତ ହେଉଥିଲା। ଛୋଟଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁବର୍ଗର ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରୁଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସଚେତନତା ବାର୍ତ୍ତା ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ




ନିମନ୍ତେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପ୍ରସ୍ତାବ ଦେବାପରେ ଏହାକୁ ସର୍ବସମ୍ମତି କ୍ରମେ କାଉନସିଲର ଓ ପୌର କର୍ମକର୍ତ୍ତାଙ୍କ ସହମତିରେ କାର୍ଯ୍ୟକାରୀ କରାଯାଇଥିଲା। ଆସନ୍ତା ଡିସେମ୍ବର ୧୪ ତାରିଖରେ ରାହାଗିରି କାର୍ଯ୍ୟକ୍ରମ ସକାଳରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ଉପଜିଲ୍ଲପାଳ ସୂଚାଇଥିଲେ। ଏହି ଅବସରରେ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରି ହେବ। ଏହି ଅବସରରେ ଲୋକନୃତ୍ୟ, ଓଡିଶୀ ଏବଂ ଅନ୍ୟାନ୍ୟ ସିନେମା ସଙ୍ଗୀତ ନୃତ୍ୟ ଆୟୋଜନ ହେବ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସାଇକେଲ ଚାଳନା, ସ୍କେଟିଂ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାହାଗିରି କାର୍ଯ୍ୟକ୍ରମ ଜୟପୁର ମୁଖ୍ୟ ରାସ୍ତାରେ ଆୟୋଜିତ ହେବ। ଏନେଇ ଖୁବଶିଘ୍ର ଯୋଜନ ପ୍ରସ୍ତୁତ କରାଯାଇ ଆୟୋଜନ କରାଯାଉଥିଲା। ୨୦୧୭ ମସିହାରେ ରାହାଗିରି ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଗତ ରାହାଗିରିରେ ୨୮ ପ୍ରକାରର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଚଳିତ ବର୍ଷ ୫୦ଟି କାର୍ଯ୍ୟକ୍ରମ ଆୟୋଜନ ନେଇ ଯୋଜନା କରାଯାଇଛି। ଏଥିରେ ସ୍ଥାନୀୟ କଳାକାରମାନଙ୍କୁ ସୁବିଧା ଓ ସୁଯୋଗ ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ଅବସରରେ ଉପାଧ୍ୟକ୍ଷା ବି. ସୁନିତା, ତହସିଲଦାର ସବ୍ୟସାଚୀ ଜେନା, ଟାଉନଥାନା ଅଧିକାରୀ ଉଲ୍ଲାସ ରଞ୍ଜନ ରାଉତ, ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ଏସ୍‌ଡିଆଇପିଆର୍‌ଓ ଯଶୋଦା ଗାଦବା, ସମାଜସେବୀ ସଞ୍ଜୟ କୁମାର ଜୈନଙ୍କ ସମେତ ପୌରପାଳିକାର କାଉନସିଲର, ପୌର କର୍ମଚାରୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା



ତେନ୍ତୁଲିଖୁଣ୍ଟି, ୨୯।୧୧(ସମିସ): ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତବିଂଶ ତମ ବାର୍ଷିକ କ୍ରୀଡା ସମାରୋହ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଦିବସରେ ତେନ୍ତୁଲିଖୁଣ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଉମେଶ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଶିଶୁମାନଙ୍କୁ ଶିକ୍ଷା ସହ କ୍ରୀଡାକୁ ମଧ୍ୟ ଗୁରୁତ୍ୱ ଦେବାକୁ କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଧୁସୂଦନ ବିଷୋୟୀ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱରଞ୍ଜନ ସାହୁ ଓ ଯୁଗ୍ମ ସମ୍ପାଦକ ବିରେନ କୁମାର ଚୌଧୁରୀ ମଞ୍ଚାସିନ ଥିଲେ। ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଗ୍ରାମ ଦେବୀଙ୍କ ଠାରୁ ମଶାଲ ଆଣି ପଡ଼ିଆ ମଧ୍ୟରେ ଅବସ୍ଥାପିତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ସମାରୋହରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବର୍ଗ ରେ ବିଭକ୍ତ କରି ଅନେକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ସରପଞ୍ଚ କୁସୁମା ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସୁପ୍ରଭାତ ମାଝୀ, ଅର୍ଚ୍ଚିତା ମାଝୀ, ପ୍ରତୀକ ପୂଜାରୀ, କଳ୍ପନା ନାୟକ, ରୋହନ ପୂଜାରୀ, ରିଦ୍ଧିକା କୁମାରୀ ମାଝୀ ଚାମ୍ପିଅନ୍ ହୋଇଥିଲେ। ପୁରସ୍କାର ବିତରଣ ଓ ଉଦ୍‌ଘାଟନ ସମାରୋହକୁ ବନମାଳୀ ହରିଜନ ପରିଚାଳନା କରିଥିବାବେଳେ ମହେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମକୁନ୍ଦ ଜାନି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ କ୍ରୀଡା ଶିକ୍ଷକ ଚନ୍ଦ୍ରଭାନୁ ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଲଛମନ ମୁଦୁଲି, ଜିତେନ୍ଦ୍ର କୁମାର ନାୟକ, ଜମ୍ବୁବତୀ ହରିଜନ, ବୁଦ୍ଧ ମୋହନ ପ୍ରଧାନୀ, ଶ୍ରୀରଙ୍ଗା ଚରଣ ବିଷୋୟୀ, ଶାରଳା ଭତରା, ରଶ୍ମିତା ପୂଜାରୀ, ପାଉଡ଼ରୀ ବେହେରା, ନମିତା କୁମାରୀ ପଣ୍ଡା, ଢୁମକି ବିଷୋୟୀ, ଘାସିରାମ ହରିଜନ, ପର୍ଶୁରାମ ଦାସ, ପ୍ରଭାକର ମାଝୀ, ନବୀନ ମାଝୀ, ଅରୁଣ ପଟ୍ଟନାୟକପ୍ରମୁଖ ସହଯୋଗ କରିଥିଲେ।

# ମହିଳାଙ୍କ ଘରେ ପଶି ଲୁଟ୍ ପରେ ଜାଳିଦେଲେ କାର୍

ବ୍ରହ୍ମପୁର,୨୯।୧୧(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଶାନ୍ତିନଗରରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲୁଟ୍ କରିବା ପରେ ଘର ବାହାରେ ଥିବା କାର୍‌କୁ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ଶାନ୍ତିନଗର ପ୍ରଥମ ଲାଇନରେ ଲିଜା ନାହାକ ଓ ତାଙ୍କ ପୁଅ ରହୁଛନ୍ତି। ଗତକାଲି ସନ୍ଧ୍ୟାରେ ଲିଜା ନିଜ ଘରେ ଥିବା ବେଳେ ଏକାଧିକ ଦୁର୍ବୃତ୍ତ ଘର ନିକଟକୁ ଆସି କଲିଂ ବେଲ୍ ବଜାଇଥିଲେ। ଲିଜା କବାଟ ଖୋଲିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ମାର୍‌ପିଟ କରିଥିଲେ। ଏହାପରେ ସେମାନେ ଘର ଭିତରେ ରଖା ଯାଇଥିବା ନଗଦ ୧୨ ହଜାର ଟଙ୍କା, ସୁନ ମୁଦି, ସୁନା କାନର ଓ ସୁନା ଚେନ ଲୁଟ କରି ନେଇ ଯାଇଥିଲେ। ତେବେ ଦୁର୍ବୃତ୍ତମାନେ ଗଲାବେଳେ ଘର ବାହାରେ ରଖାଯାଇଥିବା ତାଙ୍କ କାର ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ବୋଲି ଲିଜା ଅଭିଯୋଗରେ ଦର୍ଶାଇଛନ୍ତି।

ଏପରିକି ପୁଲିସ ନିକଟରେ ଅଭିଯୋଗ କଲେ ତାଙ୍କୁ ଓ ପୁଅକୁ ଜୀବନରେ ମାରିଦେବେ ବୋଲି ଦୁର୍ବୃତ୍ତମାନେ ଧମକ ଦେଇଥିବା ଲିଜା ପୁଲିସକୁ ଜଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଛି।

# ଚାରୁକଳା ବିଦ୍ୟାଳୟରେ ଇକୋ-କ୍ରାଫ୍ଟ କର୍ମଶାଳା

ଜୟପୁର, ୨୯ ।୧୧(ସମିସ)

କୋରାପୁଟ ଜିଲ୍ଲା ଜୟପୁର ସ୍ଥିତି ଶ୍ରୀ ବିକ୍ରମ ଚାରୁ ଓ କାରୁକଳା ବିଦ୍ୟାଳୟଠାରେ ଇକୋ କ୍ରାଫ୍ଟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସୀମାଦ୍ରୀ ମହାରଣା କଳା ଭବନଠାରେ ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିନିକିଆ କର୍ମଶାଳାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ ଜୟନ୍ତ କୁମାର ଦାସ, ଇକୋ-କ୍ରାଫ୍ଟ ସଂଯୋଜକ ତଥା ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, କଳା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଲୋକନାଥ ଷଡଙ୍ଗୀ ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ରହିଥିଲେ।




ଓଡ଼ିଶାରେ ଲୋପ ପାଉଥିବା ପାରମ୍ପରିକ କଳାକୁ ପୁନର୍ବାର ଉଦ୍‌ଜୀବିତ କରିବା ନେଇ ଏପରି ଶିବିର ଆୟୋଜନ କରାଯାଇ ଏହି କଳା ପ୍ରତି ଆକୃଷ୍ଟ ଛାତ୍ରଛାତ୍ରୀ ଏବଂ ଅନ୍ୟମାନଙ୍କୁ ତାଲି ପ୍ରଦାନ କରାଯାଉଛି ବୋଲି ଅତିଥି ମାନେ ପ୍ରକାଶ କରିବା ସହ ଏନେଇ ସରକାର ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ମଧ୍ୟ ପ୍ରତ୍ସାହନ ପ୍ରଦାନ କରିଲେ ଆମ ଅଞ୍ଚଳ ଏହି ବିରିଳ ଲୋକକଳା ଲୋପ ପାଇବାରୁ ମୁକ୍ତ ହେବ ବୋଲି ପ୍ରକାଶ କରିଥିଲେ। ଏଥିରେ ନବରଙ୍ଗପୁର ଜିଲ୍ଲାର ଦୁଇଟି ଦଳ ଲାଖ କାର୍ଯ୍ୟ ଏବଂ କୋଟପାଡ ବ୍ଲକ କୁସୁମୀର ଟେରାକୋଟା କାର୍ଯ୍ୟ କରୁଥିବା ଦୁଇଟି ଦଳ ଏଠାରେ ସ୍ଥାନୀୟ ଚାରୁ ଓ କାରୁକଳା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଚାରୁକଳା ବିଦ୍ୟାଳୟର ପ୍ରଶିକ୍ଷକ ଓ କର୍ମଚାରୀମାନେ ଏହି ଶିବିର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ପୋଷାକ ବିତରଣ କାର୍ଯ୍ୟକ୍ରମ



ବୈପାରିଗୁଡ଼ା, ୨୯।୧୧(ସମିସ): ବୈପାରିଗୁଡା କ୍ଲଷ୍ଟରର ଗୁଣ୍ଡାଗୁଡା ନୂତନ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଦ୍ମନ ପରଜାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ସଭା ପରଜା, ସ୍ୱେଚ୍ଛାସେବୀ ଧନପତି ନାୟକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏବଂ ଅଭିଭାବକ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ଶ୍ରୀ ପଦ୍ମନଙ୍କ ଉପସ୍ଥିତିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଏକ ଶହ ଛାତ୍ରଛାତ୍ରୀଙ୍କୁ ଦୁଇହଳ ଲେଖାଏଁ ୟୁନିଫର୍ମ ପୋଷାକ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଚାର୍ଜି ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲବଙ୍ଗଲତା ସାହୁ, ରୁବିନା ସ୍ୱାଇଁ ଏବଂ ଶୁଭ ଦର୍ଶନୀ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

### ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ପାଇଁ ପୌର ପରିଷଦର ତତ୍ପରତା

# ଲଟେରୀ ମାଧ୍ୟମରେ ୭୫ ଜଣ ଯୋଗ୍ୟ ବିବେଚିତ



ପାରଳାଖେମୁଣ୍ଡି,୨୯ ।୧୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ହାଟପଡା ଏବଂ ମେଡିକାଲ ରୋଡ୍‌ରେ ୧୪୨ ଦୋକାନ ଗୃହ କାର୍ଯ୍ୟକ୍ଷମ ପାଇଁ ପୌରପରିଷଦ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏହି ଭେଣ୍ଡିଂ ଜୋନ୍ ୨୦୨୨ ମସିହାରେ ମୁକ୍ତା ଶ୍ରମ ଯୋଜନାରେ ନିର୍ମିତ ହୋଇଥିଲା । ହେଲେ ତିନିବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ବିବାଦ ଦେଖା ଦେଇଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୌରପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଶୁକ୍ରବାର ପୌରପରିଷଦ କାର୍ଯ୍ୟାଳୟରେ ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ସମେତ ଉପାଧ୍ୟକ୍ଷ ଲେଙ୍କା ମଧୁ, ତହସିଲଦାର ନାରାୟଣ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ କାଉନସିଲର, ପୌରଯନ୍ତ୍ରୀଙ୍କ ଉପସ୍ଥିତିରେ ଆବେଦନ କରିଥିବା ଉଠାଦୋକାନୀଙ୍କ ଲାଗି ଲଟେରୀ ଉଠାଣ କରାଯାଇଥିଲା । ୧୪୨ ଦୋକାନ ଗୃହ ଲାଗି ୧୮୧ ଜଣ ଆବେଦନ କରିଥିଲେ । ଲଟେରୀ ମାଧ୍ୟମରେ ୭୫ ଜଣ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଅବଶିଷ୍ଟ ୬୭ ଦୋକାନଗୃହ ଲାଗି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକ୍ରିୟା ଅନୁସାରେ ଦିଆଯିବାକୁ ନିଷ୍ପତ୍ତି ହୋଇଥିବା ପୌରାଧ୍ୟକ୍ଷା କହିଛନ୍ତି । ଅନ୍ୟପକ୍ଷରେ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ପାଇଁ ପୌରପରିଷଦ ପକ୍ଷରୁ ସଫେଇ କରାଯାଉଥିବା ଦେଖିବାକୁ ମିଳିଛି ।

### ସାଟେଲାଇଟ୍ ଫଟୋରେ ବାଧକ କୋହଲା ପାଗ

# କଟା ଧାନ ବିଲକୁ ନେଇ ଆଶଙ୍କାରେ ଚାଷୀ

ଶେରଗଡ଼,୨୯ ।୧୧(ସମିସ)



୩୦ ପ୍ରତିଶତ ଜମିରୁ ଧାନ ଅମଳ ହୋଇ ସାରିଲାଣି । ଧାନ ମଣ୍ଡି ଖୋଲିବାକୁ ପ୍ରଶାସନ ବି ପ୍ରସ୍ତୁତି କଲାଣି । ଧାନ କ୍ରୟ କମିଟି ବୈଠକ ବସିନଥିବା ବେଳେ ଏ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ପରେ ଜମି ଯାଞ୍ଚ ପ୍ରକ୍ରିୟା ଶେଷ ହୋଇନି । ସାଟେଲାଇଟ ସର୍ଭେକୁ କୋହଲା ପାଗ ଅଡୁଆ କରୁଛି । ତେବେ ଅମଳ ସରିବା ଜମିରେ କିଭଳି ସାଟେଲାଇଟ ଫଟୋ ଆସିବ, ଆଶଙ୍କା ସୃଷ୍ଟି ହେଲାଣି । ନଦୀକୂଳିଆ ଅଞ୍ଚଳରେ ଧାନ ଅମଳ ସାରି ଅଣଧାନ ଚାଷ ଆରମ୍ଭ ହୋଇ ସାରିଥିବାରୁ ସେସବୁ ଜମି ଲାଗି ଚିନ୍ତା ଆହୁରି ବଢ଼ିଛି । କଟା ଧାନ ବିଲ ପଞ୍ଜୀକରଣରୁ କଟିଯିବନି ତ ? ସେନେଇ ଚାଷୀ ଆଶଙ୍କା ପ୍ରକାଶ କଲେଣି । ଯାହା ଧାନ ବିକ୍ରିରେ ସମସ୍ୟା ସାଜିବ ବୋଲି ଚାଷୀ ଚିନ୍ତାରେ ପଡ଼ିଲେଣି ।

ଶେରଗଡ଼ ବ୍ଲକରେ ଚଳିତବର୍ଷ ୭ ହଜାର ୨ ଶହ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ଅଣଧାନ ଚାଷ ହେଉଥିବା ନଦୀକୂଳିଆ ଅଞ୍ଚଳରେ କମ୍‌ଦିନିଆ ଧାନଚାଷ ହୋଇଥାଏ । ଯାହା ଅମଳ ପରେ ଚିନାବାଦାମ, ଆଳୁ ଚାଷ ହୋଇଥାଏ । ସେସବୁ ଅଞ୍ଚଳରେ ଧାନ ଅମଳ ପ୍ରାୟ ସରି ସାରିଲାଣି । ବିଶେଷ କରି ରଷିକୁଲ୍ୟା, ନନ୍ଦିନୀ ନଦୀ ଅଞ୍ଚଳରେ ଏଭଳି ଚାଷ ହୋଇଥାଏ । ସମ୍ଭାବ୍ୟ ଲଘୁଚାପଜନିତ ଅଦିନିଆ ବର୍ଷା ଆଶଙ୍କାରେ ଚାଷୀ ତରବରିଆ ଭାବେ ଧାନ ଅମଳ କରିଚାଲିଛି । କୃଷି ବିଭାଗର ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଜମିରେ ଧାନ ଅମଳ ସରି ସାରିଲାଣି, ହେଲେ ଏ ପର୍ଯ୍ୟନ୍ତ ଜମିର ଯାଞ୍ଚ ସରି ପାରିନାହିଁ । ଗତ ଅଗଷ୍ଟ ମାସରୁ ଚାଷୀ ନାମ ପଞ୍ଜୀକରଣ କରି ସାରିଛନ୍ତି । ଏଥର ୬୭୪୭ ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜୀକରଣ କରିଛନ୍ତି । ଯେଉଁମାନେ ଭୁଲ୍ ପ୍ଲଟ ଦେଇଥିବେ, ଏଥର ଆରମ୍ଭ ହୋଇଥିବା ଅନୁମତି ବା ସ୍ୱ-ଘୋଷଣାନାମାପତ୍ର ଦେଇନଥିଲେ ଭାଗଚାଷ ଜମି ମାଲିକଙ୍କ ଠାରୁ ଅନୁମତି ଆଣିନଥିବେ, ଆଦି ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ ହୋଇ ବାଦ୍ ଦିଆଯାଇଛି । ତେବେ ୩୦ ପ୍ରତିଶତ ଜମିରୁ ଧାନ କଟା ସରିଥିବାରୁ ତାହା ସାଟେଲାଇଟ ସର୍ଭେରେ କିଭଳି ଜଣାପଡ଼ିବ ବୋଲି ପ୍ରଶ୍ନ ଉଠୁଛି । ଯଦିଓ କଟା ପରେ ବି ଧାନ ଗଣ୍ଡିରୁ ଧାନ ହେଉଥିବା ଜଣାଯାଇପାରେ, ମାତ୍ର ଏଭଳି ହେଲେ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ବଢିବାର ଆଶଙ୍କା ମଧ୍ୟ ରହିଛି । କେତେକଙ୍କ ଜମିରେ ଧାନ ଅମଳ ପରେ ଅଣଧାନ ଚାଷ ହେଉଥିବାରୁ ଜମି ଲାଗି ଅଧିକ ଅଡୁଆ ସ୍ଥିତି ସୃଷ୍ଟି କରିବ, ଅନ୍ୟ କିଛି ଜମିରେ ଧାନ ବିଲରେ ଧାନ ଅମଳ କରି ପାଳକୁ ବିଲ ମଧ୍ୟରେ ପୋଡି ଦିଆଯାଇଥାଏ ଏବଂ ପରେ ଚାଷ କରାଯାଇ ରବି ଜାତୀୟ ଫସଲ ଚାଷ ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଉଥିବାରୁ ସାଟେଲାଇଟ ସର୍ଭେରେ ଯଦି କାଟି ଦିଆଯାଏ, ତେବେ ଚାଷୀ ଅମଳ କରିଥିବା ଧାନ ବିକ୍ରିରେ ସମସ୍ୟା ହେବ ବୋଲି ଅଭିଯୋଗ କରିଛନ୍ତି । ଏନେଇ ସମବାୟ ସମିତି ସମୂହର ଆସିକା ସହକାରୀ ନିବନ୍ଧକ ବିଜୟ କୁମାର ସାହୁ ପ୍ରକାଶ କରିଛନ୍ତି, ନଦୀ କୂଳିଆ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଯାଏ, ଏନେଇ ବିଭାଗକୁ ଅବଗତ କରାଯାଇଛି । ସେଥିପ୍ରତି ଦୃଷ୍ଟି ଦିଆଯିବ । ଧାନ କଟା ସରିଥିଲେ ବି ପୂର୍ବ ଦୁଇ ମାସ ଫୋଟ ରହିଥାଏ । ଏସବୁକୁ ବିଚାରକୁ ନେଇ ସାଟେଲାଇଟ ସର୍ଭେ ସନ୍ଦିଗ୍ଧ ପ୍ଲଟ ତାଲିକା ଆସିବ । ସନ୍ଦିଗ୍ଧ ପ୍ଲଟ ଗୁଡିକର ଯାଞ୍ଚ କଳାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

### ଦାଶକାଠିଆ ସଂଘର ଅଭିଯୋଗ

# ଭଞ୍ଜ କଳାମଣ୍ଡପରେ କଳାକାରଙ୍କୁ ଅଣଦେଖା



ବେଗୁନିଆପଡ଼ା,୨୯ ।୧୧(ସମିସ): ସରକାରୀ ଅଧିକାରୀଙ୍କ ବୈମାତୃକ ମନୋଭାବ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ-୨୦୨୪ ଓ ୨୦୨୫ରେ ଦାସକାଠିଆ କଳାକାରଙ୍କୁ ଉଚିତ୍ ସମ୍ମାନ ନଦେବା ବାସ୍ତବରେ ଓଡ଼ିଶାର ଅଗଣିତ ଦାସକାଠିଆ ପ୍ରେମୀ, ବୁଦ୍ଧିଜୀବୀ ତଥା ସମସ୍ତ ଦାସକାଠିଆ କଳାକାରଙ୍କୁ ବ୍ୟଥିତ କରିଛି । ଏହାର ପ୍ରତିବାଦ ସ୍ୱରୂପ ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘର ସାଧାରଣ ସମ୍ପାଦକ ଗାୟକ ଦୁର୍ଗା ପ୍ରସାଦ ଦାଶ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ଭଞ୍ଜ କଳାମଣ୍ଡପ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ ଓଡ଼ିଶା ସଙ୍ଗୀତ ଏକାଡେମୀ ଦ୍ୱାରା ଆୟୋଜିତ ମଞ୍ଚ ତରଫରୁ ୧୦ ଦଳ ପାଲା କଳାକାରଙ୍କ ସହ ମାତ୍ର ୨ ଦଳ ଦାସକାଠିଆ କଳାକାରଙ୍କୁ ପରିବେଷଣର ସୁଯୋଗ ଓ ୧୨ ଜଣ ପାଲା କଳାକାରଙ୍କୁ ସମ୍ବର୍ଦ୍ଧନା ସ୍ଥଳେ ମାତ୍ର ୨ ଜଣ ଦାସକାଠିଆ କଳାକାରଙ୍କୁ ସମ୍ବର୍ଦ୍ଧନା ଅତ୍ୟନ୍ତ ନିନ୍ଦନୀୟ । ଦାସକାଠିଆ କଳାକାରଙ୍କୁ ଉଚିତ୍ ସମ୍ମାନ ପ୍ରଦାନ ଆମର ମୌଳିକ ଦାବି ଏହା ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରୁଛୁ ଏବଂ ଏଥିରେ ସଂସ୍କୃତି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏହାର ତୁରନ୍ତ ସମାଧାନ କରନ୍ତୁ ବୋଲି ଦାଶକାଠିଆ ଗାୟକ ଦୁର୍ଗା ପ୍ରସାଦ ଦାଶ ମତବ୍ୟକ୍ତ କରିଛନ୍ତି ।

# ମଧୁମେହ ସଚେତନତା ଏବଂ ଜାତୀୟ ଫାର୍ମାସୀ ସପ୍ତାହ

ବ୍ରହ୍ମପୁର,୨୯।୧୧(ସମିସ): ସ୍ଥାନୀୟ ସ୍ୱାସ୍ଥ୍ୟ ସଦନ ଏବଂ ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସିଷ୍ୟୁଟାଲ୍ ସାଇନ୍ସେସ୍‌ର ମିଳିତ ଆନୁକୂଲ୍ୟରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଏବଂ ଡାଏବେଟିସ୍ ସୁପରସ୍ପେଶାଲିଷ୍ଟ ଡାକ୍ତର ସୁନୀଲ କୁମାର କୋଟାଙ୍କ




ନେତୃତ୍ୱରେ ବିଶ୍ୱ ମଧୁମେହ ସଚେତନତା ମାସ ଏବଂ ଜାତୀୟ ଫାର୍ମାସୀ ସପ୍ତାହରେ ଏକ ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁମେହ ସମ୍ପର୍କରେ ସଚେତନତା କରାଯାଇଛି । ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ସୁଶାନ୍ତ କୁମାର ନାୟକ, ଏମକେସିଜି ମେଡିକାଲ୍ କଲେଜର ଅଧୀକ୍ଷକ ଡାକ୍ତର ଦୁର୍ଗା ମାଧବ ଶତପଥୀ, ରୋଲାଣ୍ଡ ଶିକ୍ଷଣୀୟ ସଂସ୍ଥା ସମୂହର ନିର୍ଦ୍ଦେଶିକା ଡକ୍ଟର ଶ୍ରୁତି ଜାମୁଲା, ବ୍ରହ୍ମପୁର ଶାଖାର ଆଇଏମ୍‌ଏ ସଭାପତି ଡକ୍ଟର ପି କେ କର, ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସିକ୍ୟୁଟାଲ୍ ସାଇନ୍ସେସର ଅଧ୍ୟକ୍ଷ ଡକ୍ଟର ବି ଭି ଭି ରବି କୁମାର, ଉପ ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ପାତ୍ର, ଫିଟନେସ କୋଚ ସୀମାଞ୍ଚଳ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

ସମାଜରେ ବଢୁଥିବା ବ୍ୟାଧିର ମୂଳ ଉପଚାର ଉପରେ ସଚେତନ ହେବାକୁ ମୁଖ୍ୟ ଅତିଥି ଶ୍ରୀମତୀ ଦଳେଇ ମତପୋଷଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଡାକ୍ତର କୋଟା ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ "ଜୀବନ ପର୍ଯ୍ୟାୟରେ ମଧୁମେହ' ଉପରେ ମତବ୍ୟକ୍ତ କରିଥିଲେ । ରୋଲାଣ୍ଡ ଫର୍ମାସୀ କଲେଜର ଡକ୍ଟର ବିମଳେନ୍ଦୁ ଚୌଧୁରୀ ବହୁ ସଂଖ୍ୟାରେ ଯୋଗଦାନ ପାଇଁ ଛାତ୍ର ଏବଂ ଅଧ୍ୟାପକ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଶୋଭାଯାତ୍ରା ଏମକେସିଜି ମେଡିକାଲ କଲେଜ ଖେଳ ପଡ଼ିଆରୁ ଆରମ୍ଭ ହୋଇ ସିଦ୍ଧାର୍ଥ ନଗର, ନୃସିଂହ ମନ୍ଦିର, ଗୋବିନ୍ଦ ବିହାର, ଲୋଚାପଡ଼ା ଦେଇ ଅଲ୍ ଇଣ୍ଡିଆ ରେଡିଓ ଷ୍ଟେସନରେ ଶେଷ ହୋଇଥିଲା । ପ୍ରାୟ ୪୦୦୦ ମଧୁମେହ ଶିକ୍ଷାଗତ ପୁସ୍ତିକା ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ ଅଞ୍ଜନ କୁମାର, ଡ ରାଜାରାମ ଦାଶ, ଡ ଦୀପକ ଷଡଙ୍ଗୀ, ଡ ସୁନିତା ପଟନାୟକ, ଡ଼ ଗୌତମ ଜେନା, ଡ଼ ସସ୍ମିତା ଆଚାର୍ଯ୍ୟ ଆଦି ତଥା ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସର ଅନ୍ୟାନ୍ୟ ଅଧ୍ୟାପକ ଏବଂ ଛାତ୍ର, ସ୍ୱାସ୍ଥ୍ୟ ସଦନର କର୍ମଚାରୀ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।

# ଭଗବତୀ ତାରାତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା



ପାରଳାଖେମୁଣ୍ଡି,୨୯ ।୧୧(ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଥିବା ଭଗବତୀ ତାରାତାରିଣୀ ମା'ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠା ଉତ୍ସବ ଗତ ତିନି ଦିନ ଧରି ଚାଲୁ ରହିଥିବା ବେଳେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଶେଷଦିନରେ ଷୋଡଶ ଉପଚାର ପୂଜା, ରତ୍ନମୁଦ ସ୍ଥାପନ, ପୂର୍ଣ୍ଣାହୁତି, ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା । ଭଗବତୀ ତାରାତାରିଣୀ ମା'ଙ୍କୁ ନିମ୍ବଗଛ ମୂଳେ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଉଥିଲା । ଗୁରାଣ୍ଡି ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ବର୍ତ୍ତମାନ ସ୍ଥାୟୀ ମନ୍ଦିର ନିର୍ମାଣ ହୋଇଛି ।

# ମାଗଣା କୃତ୍ରିମ ଅଙ୍ଗ ସହାୟତା ଶିବିର

ପାରଳାଖେମୁଣ୍ଡି,୨୯ ।୧୧(ସମିସ): ଖୋର୍ଦ୍ଧା ସ୍ଥିତ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଏବଂ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ ସହଯୋଗରେ ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ମାଗଣା କୃତ୍ରିମ ଅଙ୍ଗ ସହାୟତା କେନ୍ଦ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ୨୪ ରୁ ୨୭ ପର୍ଯ୍ୟନ୍ତ ଚାରି ଦିନ ଧରି ହୋଇଥିଲା । ଶିବିରରେ ମାଗଣାରେ ଉଚ୍ଚମାନର



ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ୨୦୧ ଜଣ ହିତାଧିକାରୀଙ୍କୁ ମାଗଣା ସାହାଯ୍ୟ ଏବଂ ଉପକରଣ ବଣ୍ଟନ କରାଯାଇଥିଲା । ୩୧ ଜଣଙ୍କୁ କୃତ୍ରିମ ଅଙ୍ଗ, ୬ ଜଣଙ୍କୁ ଅର୍ଥୋସିସ୍, ୫୧ ଜଣଙ୍କୁ ଶ୍ରାବ୍ୟ ଉପକରଣ, ୧୨ ଜଣଙ୍କୁ ଆଶା ବାଡ଼ି, ୪୧ ଜଣଙ୍କୁ କୁନି ଆଶାବାଡ଼ି, ୪୫ ଜଣଙ୍କୁ ଚାଲିବା ପାଇଁ ସହାୟକ ହେଉଥିବା ଉପକରଣ ସମେତ ୧୬ ଜଣଙ୍କୁ ଅକ୍ଷିରା ଆଶାବାଡି ପ୍ରଦାନ କରାଯାଇଥିଲା ।

### ନିଘୋଡ଼ ନିଦ୍ରାରେ ସରକାର

# ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ; ଅଚଳାବସ୍ଥା ଜାରି



କୁକୁଡ଼ାଖଣ୍ଡି,୨୯ ।୧୧(ସମିସ): ଲୋକଙ୍କୁ ଆୟୁର୍ବେଦିକ ଚିକିତ୍ସା ଯୋଗାଇବା ତଥା ଆୟୁର୍ବେଦର ଲୋକପ୍ରିୟତା ଲାଗି କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ଆୟୁଷ ମନ୍ତ୍ରାଳୟ ଗଠନ କରିଥିଲେ । ହେଲେ ଆୟୁଷ ଡାକ୍ତରଙ୍କ ଦୁଃଖ କହିଲେ ନସରେ । ସମାନ କାମକୁ ସମାନ ଦରମା ଦିଆଯିବାର ପ୍ରବାଧାନ ଥିବାବେଳେ ଜଣେ ଏଲୋପାଥିକ ଡାକ୍ତର ଯେତିକି ପାରିଶ୍ରମିକ ପାଆନ୍ତି ତା'ଠାରୁ ଢ଼େର କମ୍ ଆୟୁଷ ଡାକ୍ତର ପାଆନ୍ତି । ଏହି କ୍ରମରେ ନିଜର ହକ୍ ଅଧିକାର ଦାବିରେ ଚାଲିଥିବା ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ୨୪ ବିତିଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ସେମାନଙ୍କ ଦାବିପ୍ରତି ଅଣଦେଖା କରୁଛନ୍ତି । ପରିଣାମ ସ୍ୱରୂପ ୬ଦିନ ହେଲା ଆଙ୍କୁଶପୁର ସ୍ଥିତ ଆର୍ୟୁବେଦ କଲେଜରେ ତାଲା ଝୁଲୁଥିବାବେଳେ ରୋଗୀ ସେବା ଠପ୍ ହୋଇଯାଇଛି । ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ କହିବା ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଅଭିଯୋଗ ପଞ୍ଜୀକରଣ ୨୦୨୩ ମସିହାରେ କରିଥିଲେ । ସରକାର ଆମ ସହ ବାରମ୍ବାର ଆଲୋଚନା କରି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ କିଛି ପୂରଣ ହେଲାନି ଆଜି ଯାଏଁ । ସେ ପ୍ରତିଶ୍ରୁତି ଓ ଆଲୋଚନାର ଧର୍ମକୁ ଆଖିଠାର ଭଳି ଥିଲା କାରଣ ସେ ବୈଠକ ଗୁଡ଼ିକର ବିବରଣୀ ସରକାରଙ୍କ ପାଖରେ ଉପଲବ୍ଧ ନାହିଁ । ଆୟୁଷ ଡାକ୍ତର ପଦବୀ ବୃଦ୍ଧି ପାଇଁ ଦାବି କରାଯାଇଥିଲା । ହେଲେ ପରିତାପର ବିଷୟ ଆମ ଆନ୍ଦୋଳନ ପରେ ତାହା ୧୨୮୫ରୁ କମି ୮୬୧ ହେଇଗଲା । ସେହିପରି ପିଜି ସିଟ୍ ସଂଖ୍ୟା ହୋମିଓପାଥିର ଜମା ୩ଟି ଓ ଆୟୁର୍ବେଦର ୩୩ଟି ଯାହାର ମଧ ବୃଦ୍ଧି ଘଟିଲା ନାହିଁ । ୨୦୨୪ ନଭେମ୍ବରରୁ ଆୟୁଷ ଡାଇରେକ୍ଟର ଷ୍ଟାଇପେଣ୍ଡ ବଢ଼ିବା ନିମନ୍ତେ ତଥ୍ୟ ମାଗିଲେନି, କିନ୍ତୁ ଆଜି ଯାଏଁ ବଢୁନି । ପୂର୍ବଥର ଆନ୍ଦୋଳନ ବେଳେ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ଆମକୁ ସହଯୋଗ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ହେଲେ ଦୁଃଖ ପରିତାପର ବିଷୟ ସରକାର ବଦଳିବା ପରେ ସେ ବି ବଦଳି ଯାଇଛନ୍ତି । ବୈମାତୃକ ମନୋଭାବ ଦୂର କରି ତିନୋଟି ପ୍ରମୁଖ ଦାବି ସହ ୮ ଦଫା ଦାବି ମାନିବାକୁ ଆନ୍ଦୋଳନରତ ଛାତ୍ରଛାତ୍ରୀ ଅନୁରୋଧ କରିଛନ୍ତି । ଦାବିଗୁଡ଼ିକ ମଧ୍ୟରେ ନୂତନ ଆୟୁଷ ଡାକ୍ତର ପଦବୀ ସୃଷ୍ଟି, ଉଚ୍ଚଶିକ୍ଷା ନିମନ୍ତେ ଆସନ ବୃଦ୍ଧି, ଡାଇନାମିକ ଷ୍ଟାଇପେଣ୍ଟ, କଲେଜଗୁଡିକରେ ପରିଚାଳନା କମିଟି ପୁନଃ ଗଠନ, ଆୟୁଷ ମନ୍ତ୍ରାଳୟର ସମସ୍ତ ନିୟମାବଳୀ ପାଳନ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ଆୟୁଷକୁ ଅନ୍ତର୍ଭୁକ୍ତ, ଆୟୁଷ ଚିକିତ୍ସା ପଦ୍ଧତିରେ ପ୍ରଚାର ପ୍ରସାର ଓ ସ୍ୱତନ୍ତ୍ର ଆୟୁଷ ବିଭାଗ ସ୍ଥାପନ କରାଯାଉ । ଏହି ଦାବି ଗୁଡ଼ିକ ପୂରଣ ନ ହେଲେ ଆଗକୁ ପଦଯାତ୍ରା ହେବ ତା ସହ ଆନ୍ଦୋଳନ ତୀବ୍ରତର ହେବ ।

### ଆଖୁଚାଷ ବୃଦ୍ଧି ଲାଗି ପ୍ରଶାସନର ପ୍ରସ୍ତୁତି

# ଟନ୍ ପିଛା ବେସ୍ ପ୍ରାଇସ୍ ୩୭୦୦, ବୋନସ୍ ୩୦୦ ଟଙ୍କା

ଛତ୍ରପୁର,୨୯ ।୧୧(ସମିସ)

ଦିନ ଥିଲା ଗଞ୍ଜାମ ଜିଲ୍ଲା ଆଖୁଚାଷରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲା । ଆସିକା, ଧରାକୋଟ, ଶେରଗଡ, ସୋରଡା, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ବୁଗୁଡା, ଭଞ୍ଜନଗର, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ପୋଲସରା, ବେଗୁନିଆପଡା, ଖଲ୍ଲିକୋଟ, ସାନଖେମୁଣ୍ଡି ଓ ଦିଗପହଣ୍ଡି ଆଦି ୧୬ଟି ବ୍ଲକ୍ ଆଖୁଚାଷର ପ୍ରମୁଖ ହବ୍ ଥିଲା । କିନ୍ତୁ ଜଳସେଚନର ସମସ୍ୟା ଓ ଭିତ୍ତିଭୂମି ଅଭାବ, ପ୍ରକୃତ ମୂଲ୍ୟ ନମିଳିବା ସମେତ ବିଭିନ୍ନ କାରଣରୁ ଏବେ ଅର୍ଦ୍ଧାଧିକ ଚାଷୀ ଆଖୁ ଚାଷରୁ ମୁହଁ ଫେରାଇଛନ୍ତି ।

ତଥ୍ୟ ଅନୁସାରେ, ଜିଲ୍ଲାରେ ଗତ ୧୦ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ଆଖୁଚାଷ ହେଉଥିବା ଜମିର ପରିମାଣ ୩୦୪୧ ହେକ୍ଟରରୁ ଖସି ୨୦୨୪ରେ ୮୬୧.୬ ହେକ୍ଟରରେ ପହଞ୍ଚିଛି । ଯାହାକି ନିଶ୍ଚିତ ଭାବରେ ଜିଲ୍ଲା ପାଇଁ ଚିନ୍ତାର ବିଷୟ । ହେଲେ ଚଳିତ ବର୍ଷ ୧୨୦୦ ହେକ୍ଟର୍‌ରେ ଆଖୁଚାଷ କରୁଛନ୍ତି ଚାଷୀ । ଗଞ୍ଜାମ ପୂର୍ବଭଳି ଆଖୁଚାଷରେ ନିଜର ସ୍ୱତନ୍ତ୍ର ପରିଚୟ ଫେରିପାଇବ । ଏଥିନିମନ୍ତେ ଜିଲ୍ଲାରେ ଆଖୁଚାଷକୁ ବୃଦ୍ଧି କରିବା, ଜଳସେଚନ ସୁବିଧା ଓ ଚାଷୀଙ୍କୁ ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଛି ।

ଏହି କ୍ରମରେ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଆଖୁଚାଷର ତ୍ୱରାନ୍ୱିତ ସମ୍ବନ୍ଧୀୟ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ତୃଣମୂଳସ୍ତରରୁ ସଂଗୃହୀତ ତଥ୍ୟାନୁସାରେ, ଜିଲ୍ଲାରେ ଆଖୁଚାଷ ପାଇଁ ମୁଖ୍ୟତଃ ପର୍ଯ୍ୟାପ୍ତ ପରିମାଣରେ ଜଳସେଚନ ଅଭାବ ରହିଛି । ଏହାସହ ଚାଷୀଙ୍କୁ ସେମାନଙ୍କ ଉପଯୁକ୍ତ ପ୍ରାପ୍ୟ ମିଳିପାରୁନି । ବର୍ତ୍ତମାନ ଧାନଚାଷ ପାଇଁ ଯେଉଁଭଳି ଆଧୁନିକ ଯନ୍ତ୍ରପାତି ସୁବିଧା ଏବଂ ଏମ୍‌ଏସ୍‌ପି ମୂଲ୍ୟକୁ ବୃଦ୍ଧି କରାଯାଇଛି । ଏହାକୁ ଆଖୁଚାଷ କ୍ଷେତ୍ରରେ ମଧ୍ୟ ଲାଗୁ କରାଗଲେ ଚାଷୀ ନିଶ୍ଚିତ ଭାବେ ଆଗ୍ରହ ଦେଖାଇବେ । ଚଳିତ ବର୍ଷ ଜିଲ୍ଲାରେ ୨୫ ହଜାର ମେଟ୍ରିକ୍ ଟନ୍ ଆଖୁଚାଷ ପାଇଁ ଲକ୍ଷ୍ୟ ରହିଛି । ଟନ୍ ପିଛା ୩୭୦୦ ଟଙ୍କା ଚାଷୀଙ୍କ ବେସ୍ ପ୍ରାଇସ୍ ରହିଥିବା ବେଳେ ୩୦୦ ଟଙ୍କା ବୋନସ୍ ବାବଦରେ ମୂଲ୍ୟ ସ୍ଥିର କରାଯାଇଛି । ୨୦୨୬ ବର୍ଷ ପାଇଁ ଚାଷୀଙ୍କ ବେସ୍ ପ୍ରାଇସ୍‌କୁ ୪ ହଜାର ଟଙ୍କାକୁ ବୃଦ୍ଧି କରିବା ସହ ବୋନସ୍ ପ୍ରାଇସ୍ ମଧ୍ୟ ବୃଦ୍ଧି କରାଯିବ । ସେହିପରି ୨୦୨୭ ବର୍ଷ ବେଳକୁ ୬୦ ହଜାର ମେଟ୍ରିକ୍ ଟନ୍ ଆଖୁଚାଷ ପାଇଁ ଲକ୍ଷ୍ୟ ରଖି ଏବେଠୁ ହିଁ ସେହି ଅନୁପାତରେ ପଦକ୍ଷେପ ନିଆଯିବ । ଏହା ପରଠୁ ପ୍ରତିବର୍ଷ ୧୦ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଗଲେ ଚାଷୀଙ୍କୁ ବେସ୍ ପ୍ରାଇସ୍ ସହ ବୋନସ୍‌କୁ ମଧ୍ୟ ବୃଦ୍ଧି କରିବାକୁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିପରି ଆସିକା ଚିନି କଳର ଯେଉଁ ଜମି ଗୁଡିକ ଜବରଦଖଲରେ ରହିଛି ସେଗୁଡିକ କିପରି ଉଚ୍ଛେଦ ହେବ ସେଥିପ୍ରତି ତହସିଲଦାରମାନେ ତୁରନ୍ତ ପଦକ୍ଷେପ ନେବେ । ବୈଠକରେ ଆସିକା ଚିନି କାରଖାନାର ଏମ୍‌ଡି ଡ. ସୁଶାନ୍ତ କୁମାର ପଣ୍ଡା, ଭାରପ୍ରାପ୍ତ ଡିଆରସିସି ଯୋଗମାୟା ସାବତ, ଆସିକା ଚିନି କଳର ସଭାପତି ରବୀନ୍ଦ୍ର ପଣ୍ଡା, ସମସ୍ତ ନିର୍ଦ୍ଦେଶକ, ଜଳସେଚନ ବିଭାଗର ଅଧିକରୀ, ନାବାର୍ଡ ବ୍ୟାଙ୍କର ଡିଡିଏମ୍, ଷ୍ଟେଟ୍ ବ୍ୟାଙ୍କର ଆସିକା ଓ ବ୍ରହ୍ମପୁରର ଆଂଚଳିକ ପ୍ରବନ୍ଧକ, ବ୍ରହ୍ମପୁର ଓ ଭଞ୍ଜନଗରର ଡିଏଫ୍‌ଓ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହ୍ୟୁମାନ ସାଗରଙ୍କ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି

ଜି.ଉଦୟଗିରି,୨୯।୧୧(ସମିସ): ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ଲକ୍ଷ ଲକ୍ଷ ପ୍ରଶଂସକ ହତାଶ ହୋଇପଡିଛନ୍ତି । ହଠାତ ତାଙ୍କର ମୃତ୍ୟୁ ଓ ସାମାଜିକ ଗଣମାଧ୍ୟମରେ ଏ ନେଇ ବିଭିନ୍ନ ଆଲୋଚନା ହେଉଛି । ହ୍ୟୁମାନ ସାଗରଙ୍କ ମୃତ୍ୟୁ ସ୍ୱାଭାବିକ ନୁହଁ, ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଓ ହତ୍ୟା ବୋଲି ଦର୍ଶାଇ ଏହାର ବିଚାର ବିଭାଗୀୟ ତଦନ୍ତ ଦାବିରେ ଜି.ଉଦୟଗିରିର ଆଇନଜୀବୀ ମୃତ୍ୟୁଞ୍ଜୟ ନାୟକ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଛନ୍ତି । ହ୍ୟୁମାନ ସାଗରଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବାକୁ ସେ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା: ୧୪୫ ପ୍ରକଳ୍ପ ପ୍ରଦର୍ଶିତ



ଜି.ଉଦୟଗିରି,୨୯ ।୧୧(ସମିସ): ଜି.ଉଦୟଗିରି ପିଏମ୍‌ଶ୍ରୀ ହବାକ୍ ଉଚ୍ଚ ବିଦ୍ୟାଳୟରେ ୪୨ ତମ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୪୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହାକୁ ଜିଲ୍ଲାପାଳ ବେଦ ଭୂଷଣ ଉଦ୍‌ଘାଟନ କରିବା ସହିତ ପ୍ରକଳ୍ପ ବୁଲି ଦେଖିଥିଲେ । ଏହି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ, ବିଡ଼ିଓ ଶରତ କୁମାର ମଲ୍ଲିକ, ବ୍ଲକ୍ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମିହିର କୁମାର ପ୍ରଧାନ, ଜିଲ୍ଲା ବିଜ୍ଞାନ ଅଧିକାରୀ ସୀମାଞ୍ଚଳ ସ୍ୱାଇଁ, ହବାକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝୀ, ବିଜୟ କୁମାର ମିଶ୍ର, ଜିତେନ୍ଦ୍ର ସାମଲ ଓ ଚତୁର୍ଭୁଜ ସାହୁଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ବିଚାରକ ଚିତ୍ତରଞ୍ଜନ ଜେନା ଏବଂ ଅଭିମନ୍ୟୁ ପରିଡା କୃତି ପ୍ରତିଯୋଗୀ ଚୟନ କରିଥିଲେ । ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



# ସେନ୍‌ସର ପ୍ରତୀକ୍ଷାରେ 'ଅପେକ୍ଷା'

## ଆକର୍ଷିତ କରିବ ହ୍ୟୁମାନଙ୍କ ଗୀତ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ପ୍ରଯୋଜକ ଡ. କେ. ତମନ୍ନା. ସେନ୍‌ସର ଅପେକ୍ଷାରେ ଅଛନ୍ତି। ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗୀଙ୍କୁ ଏଥିରେ ଦେଖିବାକୁ ମିଳିବ। ପୂର୍ବରୁ ଡ. କେ ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି। ଓଡ଼ିଆରେ 'କଟକ ୱେଡ୍ସ ସମ୍ବଲପୁର' ଏବଂ 'ମହାବାହୁ' ପରି ଚଳଚ୍ଚିତ୍ର ଯୁଗ୍ମ ପ୍ରଯୋଜକ ଭାବେ ନିର୍ମାଣ କରିଥିଲେ। ଏବେ ନିଜସ୍ୱ ବ୍ୟାନର Studio 3Sixty5 ରେ ପ୍ରଯୋଜିତ 'ଅପେକ୍ଷା'ର ସେନ୍‌ସର ପାଇଁ ଅପେକ୍ଷା କରିଛନ୍ତି। ସମସ୍ତ କଳାକାର ଓ ନିର୍ଦ୍ଦେଶକ ଏ ଫିଲ୍ମ ପାଇଁ ଢେର୍ ପରିଶ୍ରମ ମଧ୍ୟ କରିଛନ୍ତି। ତେବେ ଫିଲ୍ମଟି ରିଲିଜ୍ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର, ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ନିଶ୍ଚୟ ବଢ଼ିବ। ଏହି ସିନେମାରେ ଚୌଧୁରୀ ବିକାଶ ଦାସ, ପ୍ର ଦ ୀ ପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ଗୁଡୁ ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ। କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ। ସିନେମାର ରୋମାଣ୍ଟିକ୍ ଦୃଶ୍ୟ ସହିତ ପ୍ରେତାତ୍ମାର ଦୌରାତ୍ମ୍ୟ ଓ ହ୍ୟୁମାନ ସାଗରଙ୍କ ଗୀତଗୁଡ଼ିକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ। ■




# 'ଲଢ଼େଇ'କୁ 'ଏ' ସାର୍ଟିଫିକେଟ୍

ସେନ୍‌ସର ସାର୍ଟିଫିକେଟ ନ ମିଳିବା କାରଣରୁ ନିର୍ଦ୍ଧାରିତ ତାରିଖରେ ଓଡ଼ିଆ ସିନେମା 'ଲଢ଼େଇ' ମୁକ୍ତିଲାଭ କରିପାରି ନଥିଲା। ତେବେ ଏହାକୁ 'ଏ' ସାର୍ଟିଫିକେଟ ମିଳିବା ସହ ଡିସେମ୍ବର ୩୧ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ପୁନର୍ବାର ଘୋଷଣା କରାଯାଇଛି। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି। ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ଫିଲ୍ମରେ ନଜର ଆସିବେ ଲୋହିତାକ୍ଷ। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନାୟିକା ସାଜୁଛନ୍ତି ନବାଗତା ଅଭିଲିପ୍ସା। 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ଏହାର ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥୀ। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠ ଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ ସମସ୍ତ ଆଗଧାଡ଼ିର କଣ୍ଠଶିଳ୍ପୀ। ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି। ଚଳଚ୍ଚିତ୍ରରେ ସମୁଦାୟ ୪ଟି ଗୀତ ସ୍ଥାନିତ ହୋଇଛି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। 'ଲଢ଼େଇ' ସାରା ଓଡ଼ିଶାରେ ପାଖାପାଖି ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବା ବେଳେ ରାଜ୍ୟ ବାହାରେ ମୁମ୍ବାଇ, ଗୋଆ, ପୁନେ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ରହିଛି। ■



# ଆଇଟମ୍ ଗୀତରେ ସୂର୍ଯ୍ୟମୟୀ



ନାୟିକାମାନେ ଆଇଟମ୍ ଗୀତରେ ଅଭିନୟ କରିବା କିଛି ନୂଆ କଥା ନୁହେଁ। କିନ୍ତୁ ଅଭିନେତ୍ରୀ ସୂର୍ଯ୍ୟମୟୀ ଏକ ଆଇଟମ୍ ଗୀତରେ ଅଭିନୟ କରିଛନ୍ତି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଫିଲ୍ମ 'ରକ୍ତ ଗୋଲାପ'ରେ ରହିଛି ଏହି ଚର୍ଚ୍ଚିତ ଆଇଟମ୍ ଗୀତ। ସମ୍ବଲପୁରୀ ଫ୍ଲେବର୍ ସାଙ୍ଗକୁ ସୂର୍ଯ୍ୟମୟୀଙ୍କ ଠୁମକା ଦର୍ଶକଙ୍କ ମନ କିଣି ନେବ ନିଶ୍ଚୟ। 'ପାତଲ ଘଣ୍ଟା...' ଶୀର୍ଷକ ଏ ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। ଏହି ଗୀତ ଏବଂ ଏଥିରେ ସୂର୍ଯ୍ୟମୟୀଙ୍କ ଉପସ୍ଥିତି ଚଳଚ୍ଚିତ୍ର ପାଇଁ ୟୁଏସ୍‌ଏସ୍‌ପି ସାଜିବ ବୋଲି କୁହାଯାଉଛି। ■

ଟେଲିଭିଜନ ପ୍ରିମିୟର

# 'ବୋହୂ ୪୨୦'

ନଭେମ୍ବର ୩୦ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ 'ବୋହୂ ୪୨୦'। 'ଆଦି ଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ତଥା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଦ୍ୱାରା ନିର୍ମିତ ଏବଂ ରାଶେସ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିରେ ସସପେନ୍ସ, ଥ୍ରୀଲର ସହ ସାମାଜିକ ପ୍ରାସଙ୍ଗିକତାର ଏକ ଆକର୍ଷଣୀୟ ମିଶ୍ରଣ ରହିଛି। 'ବୋହୂ ୪୨୦' ହେଉଛି କସ୍ତୁରୀ ନାମକ ଜଣେ ଝିଅର ରୋମାଞ୍ଚକର ଜୀବନ ଯାତ୍ରାକୁ ନେଇ ଏକ ସୁନ୍ଦର କାହାଣୀ। ଫିଲ୍ମରେ ନିକିତା ମିଶ୍ର ଏବଂ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପୁଷ୍ପା ପରିଡ଼ା, ସତ୍ୟ ରଂଜନ ବଳ ଏବଂ ଉମାକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ଶାନ୍ତନୁ ନାୟକ ଓ କଣ୍ଠ ଦାନ କରିଛନ୍ତି ଚିରାଗ ଦୀପ, ଅଭିଜିତ୍, ଗୀତିଶ୍ରୀ, ପ୍ରିୟମ୍ବଦା ଓ ଅରୁତୋଷ। କାହାଣୀ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ■



# 'ସିନେମାରେ ଅଭିନୟ କରିବାର ଲକ୍ଷ୍ୟ ରହିଛି'

ରୋମ୍ୟାଞ୍ଜଳି, ଅଭିନେତ୍ରୀ

ସାକ୍ଷାତ୍କାର



**ଭାରତୀୟ ସେନାରେ ଯୋଗ ଦେବାକୁ ସେ ସ୍ୱପ୍ନ ଦେଖିଥିଲେ। ଏନ୍‌ସିସିରେ ଭାଗ ନେଉଥିଲେ। ଫାଙ୍କା ସମୟ ଦେଖି ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କଲେ। ଟିକ୍‌ଟକ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା। ସୌଭାଗ୍ୟବଶତଃ ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା। ବର୍ତ୍ତମାନ ଆଲବମ୍ ଜଗତର ଜଣେ ଜଣାଶୁଣା ନାୟିକା ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ଭୁବନର ରୋମ୍ୟାଞ୍ଜଳି। ସେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି। ତାଙ୍କ ଅଭିନୀତ 'ରସ ଜାମୁଡ଼ାଳି', 'ସେଦିନୁ ମୁଁ ହୁନୁ ହୁନୁ', 'ଧାକୁଲୁ ଧାକୁଲୁ ହାର୍ଟ', 'ରଙ୍ଗବତୀ ନାଚ', 'ପରଦେଶୀୟା ରାଜା', 'ମତେ ବୁଲେଇ ନେବୁ କି ସମ୍ବଲପୁର' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା। ରୋମ୍ୟାଞ୍ଜଳିଙ୍କ ନୃତ୍ୟ ଓ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କରି ମୁହଁରୁ।**

**କଳା ଦୁନିଆକୁ କାହିଁକି ବାଛିଲେ?**

ଛୋଟ ବେଳୁ ମୋର ଇଚ୍ଛା ଥିଲା ମୁଁ ଭାରତୀୟ ସେନାରେ ଯୋଗ ଦେବି। ସ୍କୁଲରୁ କଲେଜ ଏନ୍‌ସିସିରେ ଭାଗ ନେଉଥିଲି। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ପଢ଼ା ଚାଲିଥିଲା। ୨୦୨୦ ମସିହାରେ ଟିକ୍‌ଟକ୍‌ରେ ଭିଡିଓ ବନାଇବା ଆରମ୍ଭ କରିଲି। ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା। ଏହା ପରେ ଯେତେବେଳେ ଟିକ୍‌ଟକ୍ ବ୍ୟାନ୍ ହୋଇଗଲା ସେତେବେଳକୁ ପ୍ରେମ ଦର୍ଶନ ପକ୍ଷରୁ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା। 'ଦେଖିଛୁ ତ ପ୍ରେମ ମୋର ଏବେ ଘୃଣା ଦେଖିବୁ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ। ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବା ସମୟରେ ଟିକେ ନର୍ଭସ ଥିଲି। ଏହି ମ୍ୟୁଜିକ୍ ଭିଡିଓ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ। ୧୫୦ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛି।

**ରିଆଲିଟି ଶୋ'ରେ ନଜର ଆସୁଛନ୍ତି, ଏହାର କାରଣ କ'ଣ?**

ଅନେକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ରହିବାକୁ ରିଆଲିଟି ଶୋ'ରେ ଭାଗ ନେଉଛି। ତରଙ୍ଗ ଏବଂ ଜୀ ସାର୍ଥକ ଚ୍ୟାନେଲର 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ଏବଂ 'କିଚେନ୍ ହଙ୍ଗାମା'ରେ ଭାଗ ନେଇ ମୁଁ ମୋର ଅନ୍ତର୍ନିହିତ କଳା ଦେଖାଇବାକୁ ପ୍ରୟାସ କରୁଛି। ମୋ ପରି ଅନେକ ତାରକା ଏଥିରେ ଭାଗ ନେଇ ନୃତ୍ୟ, ଭାବଭଙ୍ଗୀ, ଗୋଟେ ଚରିତ୍ର ଭିତରେ କେମିତି ପଶି ହେବ ସେ ସବୁକୁ ଶିଖିପାରୁଛୁ।

**ସଫଳତାର ଶ୍ରେୟ କାହାକୁ ଦେବେ?**

ମୋ ପରିବାର ଆଉ ପ୍ରେମ ଦର୍ଶନକୁ। ମୁଁ ସବୁବେଳେ କାମର ପାର୍ଟନରକୁ ଦେଖେ। ଗୁରୁଜନଙ୍କ କଥାକୁ ଗ୍ରହଣ କରେ। ଭଲ ମନ୍ଦ କ'ଣ ତାହାକୁ ଗଭୀର ଭାବେ ଚିନ୍ତା କରେ। ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ଗୋଟେ କଥା କହିବି ଏହି ଲାଇନ୍ କାମ କରିବାରେ ମୋତେ ଗୋଟେ ପ୍ରକାର ଖୁସି ମିଳେ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

ଘରେ ଆରାମ କରେ। ପଢ଼ାପଢ଼ି କରିବାକୁ ଭଲ ପାଏ। ନାଚେ। ସ୍ୱାଦିଷ୍ଟ ଖାଦ୍ୟ ବନାଏ ଆଉ ଖୁଆଏ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି। ଆଗକୁ ଧାରାବାହିକ କିମ୍ବା ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି।

**ରୋମ୍ୟାଞ୍ଜଳିଙ୍କ ଡ୍ରିମ ରୋଲ୍?**

ଆଶା କରିବି ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିପାରିବି। ଆଉ ଦର୍ଶକଙ୍କ ମନୋରଞ୍ଜନ କରିବି। କିନ୍ତୁ ହଁ ଭବିଷ୍ୟତରେ ନାରୀ କୈନ୍ଦ୍ରିକ ଏବଂ ଗ୍ରାମାଞ୍ଚଳର କାହାଣୀକୁ ନେଇ ସିନେମାରେ କାମ କରିବାକୁ ଆଶା ରହିଛି। ■

# 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ନୂଆ ସିଜିନ୍ ପ୍ରସାରଣ

ଜୀ ସାର୍ଥକରେ ନଭେମ୍ବର ୨୯ ତାରିଖରେ ଓଡ଼ିଶାର ସବୁଠୁ ବଡ଼ ଡାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ଏକ ନୂଆ ସିଜିନ୍ ପ୍ରସାରଣ ଆରମ୍ଭ ହୋଇଛି। ଏହାକୁ ଏବେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ' ଭାବରେ ପୁନଃକଳ୍ପିତ କରାଯାଇଛି। ଏହି ସିଜିନ୍ ରୋମାଞ୍ଚକର ହୋଇଛି। କାରଣ ପ୍ରଥମଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିବାର ପ୍ରୟାସ କରାଯାଇଛି ଏହି ଡ୍ୟାନ୍ସ ରିଆଲିଟି ଶୋ'। ଏହି ଶୋ' ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେବ। ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ରଙ୍ଗବତୀ ୨.୦ ଏବଂ ଲଟକମଣି ୨.୦ ନାଁରେ ଦୁଇଟି ଦଳ ଗଠନ କରାଯାଇଛି। ସେଲିବ୍ରିଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ଲଭରିନ, ସୁଲଗ୍ନା, ହିତୈସା, ମାନସୀ ପ୍ରମୁଖ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଏକ ନୂତନ ଅନୁଭୂତି ଆଣିବେ। ଏହି ଶୋ'କୁ ସୁଜିତ ପାଇକରାୟ ହୋଷ୍ଟ କରିଛନ୍ତି। ବିଚାରକ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି। ଅନ୍ୟପଟେ ଏହି ଶୋ'ରେ ଏକ ସ୍ୱତନ୍ତ୍ର ସ୍ୱାଦ ଯୋଡ଼ିବେ ୟୁଟ୍ୟୁବ୍ କମେଡି ସେନସେସନ୍ ରାଜୁ ଦାସ (ସାହୁ ବାବୁ ଫେମ) ଏବଂ ଏହି ମଞ୍ଚରେ ସାହୁ ଭେରାଇଟି ଷ୍ଟୋର୍ ଏକ ମନୋରଞ୍ଜନକାରୀ ଖୋରାକ ଯୋଗାଇବା ସହ ସାହୁ ବାବୁ ଭରିଛନ୍ତି କମେଡିର ତଡ଼କା। ■



ପରଦା ପଛର କାହାଣୀ

# ସୁଟିଂ ସମୟରେ ଅଭିନେତା ଗିରଫ

୧୯୯୨ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ବିଶ୍ୱାତ୍ମା'। ସନି ଦେଓଲ୍ ଓ ଦିବ୍ୟାଭାରତୀଙ୍କ ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ଫିଲ୍ମର ଅଧିକାଂଶ ଦୃଶ୍ୟ କେନ୍ୟାରେ ସୁଟିଂ ହୋଇଥିଲା। ନିକଟରେ ଫିଲ୍ମ ନିର୍ଦ୍ଦେଶକ ରାଜୀବ ରାୟ ଫିଲ୍ମକୁ ନେଇ ରୋଚକୀୟ କଥା ଖୁଲାସା କରିଛନ୍ତି। କେନ୍ୟାରେ ଏହି ଫିଲ୍ମ ସୁଟିଂ ସମୟରେ ଦୁଇଜଣ ଅଭିନେତାଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏ ସଂପର୍କରେ ଅନେକ ଜାଣି ନଥିଲେ। ବହୁବର୍ଷ ପରେ ସେ ଏହାର ଖୁଲାସ କରିଛନ୍ତି। ରାଜୀବ ଓ ଫିଲ୍ମର କଳାକାରମାନେ ନାଇରୋବି ଏବଂ ମୋମ୍ବାସାରେ ସୁଟିଂ କରୁଥିଲେ। ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ରାଜୀବଙ୍କ କହିବାନୁଯାୟୀ, ବିଦେଶରେ ସୁଟିଂ କରିବା ପଛରେ କୌଣସି ଖାସ୍ କାରଣ ନ ଥିଲା। ଫିଲ୍ମର କାହାଣୀ ଅନୁଯାୟୀ, ଖଳନାୟକ ଫେରାର ହୋଇଯାଇଥିଲା। ସୁଟିଂ ପାଇଁ ତାଙ୍କ ହିସାବରେ ଆଫ୍ରିକା ଏକ ଶସ୍ତା ଦେଶ ଥିଲା। ତେଣୁ ସେ ସେଠାରେ ସୁଟିଂ ପାଇଁ ସ୍ଥିର କରିଥିଲେ। ସେ ପୂର୍ବରୁ ସେଠାରେ କାର୍ଯ୍ୟ କରିଥିବାରୁ ତାଙ୍କର କିଛି ପରିଚିତ ବନ୍ଧୁ ଥିଲେ। ସେମାନେ ସୁଟିଂ ପାଇଁ ସହଯୋଗ କରିଥିଲେ। କିନ୍ତୁ ନାଇରୋବିରେ ଫିଲ୍ମ ସୁଟିଂକୁ ନେଇ କିଛି ନିୟମ କାନୁନ ରହିଛି। ଏଠାରେ ରାତ୍ରି ସମୟରେ ମନଇଚ୍ଛା ବୁଲିବା ନିଷେଧ। ଏଥିସହ ସାଥିରେ ଡଲାର୍ ନେଇ ଯିବା ପାଇଁ ମଧ୍ୟ ଅନୁମତି ନ ଥାଏ। ବିଦେଶରେ ଥିବାରୁ ଅଭିନେତାଙ୍କ ପାଖରେ କିଣାକିଣି ପାଇଁ ୧୦-୧୫ ଡଲାର ଥିଲା। ନିୟମ ଅନୁସାରେ ଡଲାର ରଖି ଧରାପଡ଼ିଲେ ଗୁଳିମାଡ଼ ଖାଇବାର ମଧ୍ୟ ସମ୍ଭାବନା ରହିଛି। ଏହା କଡ଼ା ନିୟମ ପାଳନ କରୁଥିବା ଦେଶ। 'ବିଶ୍ୱାତ୍ମା' ସୁଟିଂ ସମୟରେ ଅଭିନେତା ଦୁଇଜଣ ରାତିରେ ବୁଲିବା ପାଇଁ ବାହାରିଥିଲେ। ସେମାନେ ସଡ଼କରେ ବୁଲୁଥିବା ସମୟରେ ତାଙ୍କୁ ଦେଖି ଗିରଫ କରାଯାଇଥିଲା। ଏହାପରେ ଦୁଇଜଣଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। ଜେଲ୍‌ରେ ବନ୍ଦୀ ହେବା ପରେ ଏହି ଘଟଣା ରାଜୀବଙ୍କ ପାଖରେ ପହଞ୍ଚିଥିଲା। ଏହାପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେ ଅଭିନେତାଙ୍କୁ ଜେଲ୍‌ରୁ ବାହାର କରିଥିଲେ। ରାଜୀବ ଏବଂ ଫିଲ୍ମ ପ୍ରଡ୍ୟୁସର୍‌ଙ୍କ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ଭଲ ଥିବାରୁ ତାଙ୍କୁ ଜେଲ୍‌ରୁ ବାହାର କରିବା ସହଜ ହୋଇଥିଲା। ■



### ପୁରୁଷ ଜୁନିଅର ହକି ବିଶ୍ୱକପ୍

# ଓମାନକୁ ୧୭-୦ରେ ହରାଇଲା ଭାରତ

ଚେନ୍ନଇ,୨୯।୧୧(ଏଜେନ୍ସି): ଆୟୋଜକ ଭାରତ ଏଠାରେ ଚାଲିଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ଆଜିର ଖେଳରେ ଓମାନକୁ ୧୭-୦ ଗୋଲରେ ପରାସ୍ତ କରିଛି। ଗତକାଲି ଚିଲିକୁ ୭-୦ ଗୋଲରେ ହରାଇଥିବା ଭାରତ ପୂରା ପଏଣ୍ଟ ପାଇଛି। ଅନ୍ୟ ପକ୍ଷରେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ସ୍ୱିଜରଲାଣ୍ଡ ପ୍ରଥମ ମ୍ୟାଚ୍‌ରେ ଓମାନକୁ ୪-୦ ଓ ଦ୍ୱିତୀୟ ମ୍ୟାଚ୍‌ରେ ଚିଲିକୁ ୩-୨ ଗୋଲରେ ହରାଇ କ୍ରମାଗତ ବିଜୟ ହାସଲ କରିଛି। ଗ୍ରୁପ୍-ବି'ରେ ଉଭୟ ଭାରତ ଓ ସ୍ୱିଜରଲାଣ୍ଡ ସମାନ ପଏଣ୍ଟ ପାଇଛନ୍ତି। ଡିସେମ୍ବର ୨ରେ ଏହି ଗ୍ରୁପ୍‌ର ଶେଷ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତ ଓ ସ୍ୱିଜରଲାଣ୍ଡ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଫଳାଫଳ ପରେ ଗ୍ରୁପ-ବି'ରେ କେଉଁ ଦଳ ବିଜୟୀ ହେବ ତାହା ପରେ ଜଣାପଡ଼ିବ। ଏହି ମୁକାବିଲାରେ ଭାରତ ପକ୍ଷରୁ ମନ୍‌ମିତ ସିଂହ, ଦିଲରାଜ ସିଂହ ଓ ଅର୍ଶଦୀପ ସିଂହ ହ୍ୟାଟ୍ରିକ ସହ ୩ଟି ଲେଖାଏଁ, ଗୁରଜୋତ ସିଂହ, ଲୁଆଙ୍ଗ୍ ଓ ଅଜିତ ଯାଦବ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଓଡ଼ିଆଙ୍କ ମଧ୍ୟରେ ଅନ୍‌ମୋଲ ଏକ୍କା ଓ ଶାରଦାନନ୍ଦ ତିୱାରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

ଆଜି ଅନୁଷ୍ଠିତ ଅନ୍ୟ ଗ୍ରୁପ୍ ମ୍ୟାଚ୍ ମଧ୍ୟରୁ ଗ୍ରୁପ୍-ଏ'ରେ ଜର୍ମାନୀ ୭-୦ରେ କାନାଡାକୁ ଓ ଦକ୍ଷିଣ ଆଫ୍ରିକା ୨-୧ରେ ଆୟର୍ଲାଣ୍ଡକୁ, ଗ୍ରୁପ୍-ଡି'ରେ ନେଦରଲାଣ୍ଡସ ପ୍ରଥମ ମୁକାବିଲାରେ ଇଂଲଣ୍ଡକୁ ୫-୩ ଓ ମାଲେସିଆ ୫-୧ରେ ଅଷ୍ଟ୍ରିଆକୁ ପରାସ୍ତ କରିଛି।

### ଏସୀୟ ଯୁବ ଚେସ୍ | ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କୁ ଟିମ୍ ବ୍ରୋଞ୍ଜ୍

ଭୁବନେଶ୍ୱର,୨୯।୧୧(ସମିସ): ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଏସୀୟ ଯୁବ ଚେସ୍ ଚାମ୍ପିଅନସିପ୍‌ରେ ଭାରତ ଲାଗି ୧୦ ବର୍ଷରୁ କମ୍ ବିଭାଗରେ ଟିମ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ସାତ୍ତ୍ୱିକ, ସିଏମ୍ ମଣି ସର୍ବାଥୋ ଓ ଓଇସିକ୍ ମଣ୍ଡଳ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଭିଏତନାମ ୨୦.୫ ପଏଣ୍ଟ ପାଇ ସ୍ୱର୍ଣ୍ଣ ଓ କାଜାଖସ୍ଥାନ ୧୯ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୮ ବର୍ଷରୁ କମ୍ ବିଭାଗରେ ଗତବର୍ଷ ପଦକ ଜିତିଥିବା ସାତ୍ତ୍ୱିକ ଏଥର ଅଳ୍ପକେ ପଦକ ଲାଭରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି।


ସାତ୍ତ୍ୱିକ ସ୍ୱାଇଁ (ବାମରୁ ପ୍ରଥମ)

ଏହି ସଫଳତା ଲାଗି କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟ, ପ୍ରୋଚେଷ୍ଟାର ପ୍ରଶାସକ ସ୍ୱର୍ଣ୍ଣଶୁ ସତ୍ୟପ୍ରାଜ୍ଞ, ଟ୍ରିପଲ-ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍

# ସମ୍ମାନ ରକ୍ଷା ଲାଗି ରୋହିତ-କୋହଲି ଭରସା

ରାଞ୍ଚି,୨୯।୧୧(ଏଜେନ୍ସି):

ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ରାଞ୍ଚିରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଭ୍ରମଣକାରୀ ଦଳଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ଘରୋଇ ଭାରତୀୟ ଦଳ ଦିନିକିଆ ସିରିଜ୍‌ରେ ହିସାବ ନିକାଶ କରିବାକୁ ଅପେକ୍ଷା କରିଛି। ଐତିହାସିକ ଟେଷ୍ଟ ସିରିଜ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ମନୋବଳ ବହୁପରିମାଣରେ ବଢ଼ିଯାଇଛି। ଟେଷ୍ଟଠାରୁ ଦିନିକିଆ ଫର୍ମାଟ ଅଲଗା ହୋଇଥିଲେ ମଧ୍ୟ ସେମାନେ ଯେଉଁ ମନୋବଳ ହାସଲ କରିଛନ୍ତି ତାହା ଏହି ଫର୍ମାଟରେ ଖୁବ୍ ସୁହାଇବ। ପାକିସ୍ତାନଠାରୁ ଦିନିକିଆ ସିରିଜ୍ ହାରିଥିବା ଦଳକୁ ଅଧିନାୟକ ତେମ୍ବା ବଭୁମା, ଆଇଡେନ୍ ମାର୍କରାମ ଓ ଅବସରରୁ ଆସିଥିବା କ୍ୱିଣ୍ଟନ ଡି କକ୍ ସାମିଲ ହେବା ପରେ ଦକ୍ଷିଣ ଆଫ୍ରିକାର ଶକ୍ତି ବୃଦ୍ଧି ପାଇଛି।

ଭାରତୀୟ ପିଚ୍‌ରେ ସ୍ପିନ୍ ବୋଲିଂକୁ ନିୟନ୍ତ୍ରଣ କରିବା ଲାଗି ମଧ୍ୟ କେଶବ ମହାରାଜ ଫେରିଛନ୍ତି। ଅନ୍ୟ ପକ୍ଷରେ ଦିନିକିଆରେ ଭାରତ ଏକ ସନ୍ତୁଳିତ ଦଳ ଥିଲା। କିନ୍ତୁ ଆଘାତ ଓ ୱାର୍କଲୋଡ ସମସ୍ୟା ଦଳର ସନ୍ତୁଳନକୁ ବିଗାଡି ଦେଇଛି। ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଶ୍ରେୟସ ଆୟର ଆହତ




ହୋଇ ଏହି ସିରିଜ୍ ଖେଳୁନାହାନ୍ତି। ସେମାନଙ୍କ ସ୍ଥାନ ପୂରଣ କରିବା ଲାଗି ଦୁଇ ପ୍ରତିଭାବାନ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍ ଦଳରେ ରହିଛନ୍ତି। ଏତେ ଦକ୍ଷତା ସତ୍ତ୍ୱେ ଟେଷ୍ଟ ସିରିଜ୍‌ରେ ହରାଇଥିବା ସମ୍ମାନ ଫେରିପାଇବା ଲାଗି ଭାରତକୁ ଦିନିକିଆ ସିରିଜ୍ ଜିତିବାକୁ ହେବ। ଏଥିଲାଗି ଦଳ ଦୁଇ ସୁପରଷ୍ଟାର ରୋ-କୋ (ରୋହିତ ଶର୍ମା ଓ ବିରାଟ କୋହଲି)ଙ୍କ ଉପରେ ନିର୍ଭର କରୁଛି। ବିଶେଷ କରି ଗିଲ-ଆୟର-ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ କେବଳ ରୋ-କୋ' ହିଁ ଭାରତକୁ ସମ୍ମାନ ଓ ସମର୍ଥକଙ୍କ ମନରେ ବିଶ୍ୱାସ ଫେରାଇବାକୁ ସମର୍ଥ ହେବେ।

#### ଦ୍ୱନ୍ଦ୍ୱ: ୩ ସ୍ପିନର ନା ୪ ପେସର

ରାଞ୍ଚି ପିଚ୍‌ରେ ବଡ଼ ସ୍କୋର ହେବାର ନଜର ନାହିଁ। ଏହି ମ୍ୟାଚ୍‌ରେ କେଉଁ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯିବ ତାହାକୁ ନେଇ ଭାରତର ଦ୍ୱନ୍ଦ୍ୱ ବଢ଼ିଛି। ଓପନିଂରେ ରୋହିତଙ୍କ ସହ ଜୟସ୍ୱାଲଙ୍କ ଖେଳିବା ସମ୍ଭାବନା ଅଧିକ। ଏମାନଙ୍କ ପଛକୁ କୋହଲି, ନଂ-୪ରେ ଗାଏକ୍ୱାଡ କିମ୍ବା ୱିକେଟରକ୍ଷକ ଋଷଭ ପନ୍ତ୍ ଖେଳିବେ। କିମ୍ବା ଉଭୟଙ୍କୁ ସ୍ଥାନ ମିଳିବ। ନଂ-୫ କିମ୍ବା ୬ରେ ଲୋକେଶ ରାହୁଲ ରହିବେ। ଅନ୍ୟ ପକ୍ଷରେ ଦଳ ୩ଜଣ କିମ୍ବା ଅତିକମରେ ୨ ଜଣ ଅଲରାଉଣ୍ଡରଙ୍କୁ ଖେଳାଇବ। ଦଳ ଯଦି ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ଦଳରେ ସାମିଲ କରେ ତେବେ ନୀତୀଶ ରେଡ୍ଡୀଙ୍କ ଖେଳିବା ନିଶ୍ଚିତ। କୁଲଦୀପ ଯାଦବଙ୍କୁ ଖେଳାଇଲେ ଗାଏକ୍ୱାଡଙ୍କ ଖେଳିବା ସମ୍ଭାବନା କମ୍। ଏହି ଦ୍ୱନ୍ଦ୍ୱ ଭିତରେ ଭାରତର ଚୂଡାନ୍ତ ଏକାଦଶ ଅଟକିଛି।

#### ନଜରରେ ମାଥ୍ୟୁ ବ୍ରିଜ୍‌କେ

ବିଶ୍ୱର ପ୍ରଥମ ବ୍ୟାଟରଭାବେ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ହାସଲ କରିବା ଓ ମିଡିଲ ଅର୍ଡରରେ ବ୍ୟାଟିଂ କରି ୬୭.୭୫ ହାରରେ ରନ୍ ସଂଗ୍ରହ କରିବା ଆଜିଯାଏ କେହି କରିନାହାଁନ୍ତି। ଏଭଳି ସଫଳତା ପାଇଥିବା ଜଣେ ବ୍ୟାଟରଙ୍କ ସହ ବଭୁମା, ମାରକ୍ରମ ଓ ଡି କକ୍‌ଙ୍କ ଉପସ୍ଥିତି ଦଳକୁ ଅଧିକ ବଳ ଯୋଗାଇଛି। ଦୁର୍ବଳ ଭାରତୀୟ ବୋଲିଂରୁ ଏମାନେ ନିଶ୍ଚିତ ଫାଇଦା ଉଠାଇବେ।

#### ରେକର୍ଡ ଅପେକ୍ଷାରେ

**ରୋହିତ ଶର୍ମା:** ହିଟ୍‌ମ୍ୟାନ୍ ରୋହିତ ଶର୍ମା ଆଉ ୩ଟି ଛକା ମାରିଲେ ବିଶ୍ୱରେ ସର୍ବାଧିକ ଦିନିକିଆ ଛକାରେ ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ରେକର୍ଡ ଭାଙ୍ଗିବେ। ସେ ଯଦି ଆଉ ୯୮ ରନ୍ କରନ୍ତି, ତେବେ ଭାରତର ଚତୁର୍ଥ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦,୦୦୦ ରନ୍ ପୂରଣ କରିବେ।

**ଭାରତ:** ୨୦୧୯ ଦିନିକିଆ ବିଶ୍ୱକପ୍ ପରେ ଘରୋଇ ମାଟିରେ ୧୦ଟି ଦିନିକିଆ ସିରିଜ୍ ଖେଳି ୯ଟିରେ ବିଜୟୀ ହୋଇଛି। କେବଳ ୨୦୨୩ରେ ଘରୋଇ ଦଳ ଅଷ୍ଟ୍ରେଲିଆ ନିକଟରୁ ସିରିଜ୍ ହାରିଛି। ସୂଚନାଯୋଗ୍ୟ ଟେଷ୍ଟ କ୍ରିକେଟରେ ଭାରତ ଗତ ୧୨ ବର୍ଷରେ ଗୋଟିଏ ହେଲେ ସିରିଜ୍ ହାରି ନ ଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ୨ଟି ଟେଷ୍ଟ ସିରିଜ୍‌ରେ ପରାଜିତ ହୋଇଛି।

**ଡି କକ୍:** କ୍ୱିଣ୍ଟନ ଡି କକ୍ ଭାରତ ବିପକ୍ଷରେ ୬ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଦଳର ଅନ୍ୟତମ ନବାଗତ ଖେଳାଳି ମାଥ୍ୟୁ ବ୍ରିଜ୍‌କେ ତାଙ୍କ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ସହ ୬୭.୭୫ ହାରରେ ରନ୍ ସଂଗ୍ରହ କରି ପ୍ରତିପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ବନିଛନ୍ତି।

#### ଖେଳାଳି ଦଳ

**ଭାରତ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ (ୱିକେଟରକ୍ଷକ), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ତିଳକ ବର୍ମା, ଧ୍ରୁବ ଜୁରେଲ।

**ଦକ୍ଷିଣ ଆଫ୍ରିକା:** କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାରକ୍ରମ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ, କୋର୍ବିନ ବୋଷ୍ଟ, କେଶବ ମହାରାଜ, ନାନ୍ଦ୍ରେ ବର୍ଜର, ଲୁଙ୍ଗି ଏନ୍‌ଗିଡି, ଓଟନେଲ ବାର୍ଟମ୍ୟାନ୍, ଟୋନି ଡି ଜୋର୍ଜି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।




### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# କିଟ୍‌ର ରେଜିଆଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ୫ମ ସ୍ୱର୍ଣ୍ଣ ପଦକ ଜିତିଛି। ଶନିବାର ଟ୍ରାକ୍ ସାଇକ୍ଲିଂର ମହିଳା ବ୍ୟକ୍ତିଗତ ପୁର୍‌ସିଟ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଖଇରମ ରେଜିଆ ଦେବୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ହକିରେ କିସ୍ ଦଳ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଫାଇନାଲ ଲିଗ୍ ମ୍ୟାଚରେ କିସ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ସୋମବାର କିସ୍ ଓ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଅପରପକ୍ଷରେ କିଟ୍‌ର ଉଭୟ ପୁରୁଷ ଓ ମହିଳା ଟେନିସ ଦଳ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





# ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୨୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ବରୋଦାକୁ ପରାସ୍ତ କରିଥିଲା। ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୯ ୱିକେଟ୍ ହରାଇ ୯୪ ରନ କରିଥିଲା। ଓପନର୍ ତନ୍ମୟୀ ବେହେରା (୪୦ ରନ), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (୨୩ ରନ) ଓ ଅଧିନାୟିକା ଅଲିପ୍ସା ବିଶ୍ୱାଳ (୧୦ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ବରୋଦାର ତ୍ରିସାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ବରୋଦା ତ୍ରିସାଙ୍କ ୩୭ ରନ ସତ୍ତ୍ୱେ ୧୬.୨ ଓଭରରେ ୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅନନ୍ୟା ମିଶ୍ର (୪-୧-୬-୪) ସୁନ୍ଦର ବୋଲିଂ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ଅନନ୍ୟା ମିଶ୍ର

### ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ପ୍ରତିଭା, ମୌସୁମୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯।୧୧ (ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନର ତୃତୀୟ ଦିନରେ ଓଡ଼ିଶାର ପ୍ରତିଯୋଗୀଙ୍କୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି। ସେମାନଙ୍କ ମଧ୍ୟରୁ ପ୍ରତିଭାରାଣୀ ପାତ୍ର ଗୋଟିଏ ଓ ମୌସୁମି ଦାସ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ଫଳରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି। ଗତକାଲି କେବଳ ପ୍ରତିଯୋଗୀମାନେ ୧୨ଟି ପଦକ ଜିତିଥିଲେ।

ପୂର୍ବପରି ଆଜି ମଧ୍ୟ ଯୁବ ବର୍ଗରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାରେ ସଫଳ ହୋଇଛନ୍ତି। ଉଭୟ ପଦକ ବିଜେତା କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ରାଜ୍ୟ କ୍ରୀଡ଼ାଛାତ୍ରାବାସର ପ୍ରତିଭାରାଣୀ ୭୭ କେଜି କାଟାଗୋରୀରେ ମୋଟ ୧୫୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ମୌସୁମି ଯୁବ ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ଓ ବରିଷ୍ଠ ବିଭାଗର ୮୬ କେଜି କାଟାଗୋରୀରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୭୧କେଜି, ଜର୍କରେ ୮୯ ଓ ମୋଟରେ ୧୫୯ କେଜି ଓଜନ ଉଠାଇଥିଲେ। ପ୍ରଥମ ଦିନରେ ବନିତା ନାଏକ, ଦ୍ୱିତୀୟ ଦିନରେ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS